Split by PDF Splitter



# ଜଏଣ୍ଟ କମିଟି

## ଇଷ୍ଟର ପରେ ବସିବ

ଆଜ ପାର୍ଲିଆମେଣ୍ଟରେ ଭାରତ ସଚିବ କହି-ଅଛନ୍ତି ଯେ ଭାରତ ଶାସନସଂସ୍କାର ସମ୍ବନ୍ଧରେ ଯେଉଁ ଜଏଣ୍ଟ କମିଟି ବସିବାର କଥା ତାହା ଇଷ୍ଟର ପରେ ବସିବ କେଉଁ ତାରିଖ ସଭା ବସି ଆରମ୍ଭ କରିବ ତାହା ଠିକ୍ କରା ହୋଇ ନାହିଁ କାରଣ ଏହା ଜଏଣ୍ଟ କମିଟିର କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ ।

## ବର୍ମାବିଚ୍ଛେଦ ସମ୍ବନ୍ଧରେ ସିଦ୍ଧାନ୍ତ ହୋଇନାହିଁ

ବର୍ମା ଭାରତରୁ ବିଚ୍ଛିନ୍ନ ଏବଂ ଭବିଷ୍ୟତ ସଙ୍ଘ ସରକାରରେ ଯୋଗ ଏହି ଦୁଇଟି ସମ୍ବନ୍ଧରେ ଆଦୌ କୌଣସି ସିଦ୍ଧାନ୍ତ ହୋଇନାହିଁ । ଯେଉଁହେତୁ ସେଠି-ପରେ ତାହା ପ୍ରକାଶ ପାଇ ନପାରେ, ଏହି ଦୁଇଟି କଥା ବର୍ମାର ଲୋକମାନଙ୍କ ମତ ଉପରେ ନିର୍ଭର କରୁଛି । ବିଶେଷତଃ ଭାରତ ବ୍ୟବସ୍ଥାପକ ସଭାରେ ଥିବା ବର୍ମାର ପ୍ରତିନିଧିମାନେ ଏ ବିଷୟରେ ସ୍ପଷ୍ଟ ଭାବରେ ଇଙ୍ଗିତ ଦେଇନଥିବା ସ୍ଥଳେ ଏହା ଜଣାଯାଇ ପାରୁନାହିଁ ବୋଲି ହୋରସାହେବ କହିଥିଲେ ।

ବର୍ତ୍ତମାନ ଅବସ୍ଥାରେ ବର୍ମା ଗୋଲଟେବୁଲ ବୈଠକ ବସାଇ ବର୍ତ୍ତମାନ ଶୀଘ୍ର ଲାଭ ହେବ-ନାହିଁ ବୋଲି ସରକାର ମତ ଦେଇଥିଲେ ।

## ଜୟପୁର ମହାରାଜାଙ୍କର ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ଦାନ

ଜୟପୁର ମହାରାଜା ଶ୍ରୀ ବିକ୍ରମ ଦେବ ଗାଦି-ନସିନ ହେବା ସମୟରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ବାର୍ଷିକ ଏକଲକ୍ଷ ଦାନ ଦେବାର ବ୍ୟବସ୍ଥା କରି-ଥିଲେ । ଆନ୍ଧ୍ରମାନେ ଏ ଟଙ୍କା ଉପରେ ଚିରସ୍ଥାୟୀ ଭାବରେ ବିଶ୍ୱବିଦ୍ୟାଳୟ ପାଇବା ଏ ନିମନ୍ତେ ଯୋରଦାର ଚେଷ୍ଟା ଲଗାଇଥିଲେ । ତାରୁ ଫଳରେ କିଛି ହେଲା ନାହିଁ । ବର୍ତ୍ତମାନ ସ୍ଥିର ହେଲା ଯେ ଏ ଟଙ୍କା ମହାରାଜ ଶ୍ରୀ ବିକ୍ରମଦେବଙ୍କ ଇଚ୍ଛାଅନୁସାରୀ ସେ ଜୀବିତ ଥିବା ପର୍ଯ୍ୟନ୍ତ ଦେଇ ଯାଉଥିବେ । ତାଙ୍କ ଭାବୀ ଯେ ମହାରାଜା ହେବେ ସେ ଏ ଟଙ୍କା ଦେଇ ପାରନ୍ତି, ନଦେଇ ବି ପାରନ୍ତି ।

## ସ୍ଥାନୀୟ ସମ୍ବାଦ

ଏଠା କଣ୍ଟ୍ରାକ୍ଟର ନିବାସି ମଣିସାହୁଙ୍କ ଉଦ୍-ଯୋଗ ଓ ଝଟିଭଙ୍ଗ ସମସ୍ତ ସର୍ଜନ ମଣ୍ଡଳଙ୍କ ସହାନୁଭୂତିରେ ଗତବର୍ଷ ଲଳଗଡ଼ିଆ ଘାଟରେ ବାରୁଣୀ ମେଳା ଜାତ ପ୍ରବର୍ତ୍ତିତ ହୋଇଥିଲା । ଏବର୍ଷ ଉକ୍ତମେଳା ଆସନ୍ତା ତା ୨୪ ରିଖ ଶୁକ୍ରବାର ଲାଗିବ । ଆଶାକରୁ ସମସ୍ତ ନଗରବାସିମାନେ ପୂର୍ବ ସହାନୁଭୂତି ଦେଖାଇବାକୁ କୁଣ୍ଠାବୋଧ କରିବେ-ନାହିଁ ।

## ବିଚିତ୍ର ପରିବାର

ଓ୍ୟାରସା ନଗର ଡେଲଲଠରେ ଭୃତ୍ତିକ ସଇଡାଣ ନାମକ ଜଣେଲୋକ ୧୧୭ ବର୍ଷ ବୟ-ସରେ ଏବେ ମଲେ । ତାଙ୍କ ସ୍ତ୍ରୀଙ୍କର ବୟସ ୧୧୦ ବର୍ଷ, ସେ ବଞ୍ଚିଛନ୍ତି । ଏ ଉଭୟଙ୍କ ବଂଶର ପୁଅ ନାତି ପଣନାତି ହୋଇ କୁଟୁମ୍ବରେ ୮୪ ଜଣ ଜନ୍ମିଥିଲେ ଏବଂ ସମସ୍ତେ ବଞ୍ଚିଛନ୍ତି ।

# ଚଟ୍ଟଗ୍ରାମ ଅଶାନ୍ତି

## ନାଗରିକମାନଙ୍କ ଉପରେ ଦାୟିତ୍ୱ

ପାର୍ଲିଆମେଣ୍ଟରେ ମିଃ, ଜୋନ୍‌ସଙ୍କ ପ୍ରଶ୍ନର ଉତ୍ତରରେ ହୋରସାହେବ କହିଅଛନ୍ତି ଯେ ଚଟ୍ଟ-ଗ୍ରାମରେ ଯେଉଁ ଅଶାନ୍ତି ଜନ୍ମିଛି ସେଥିପାଇଁ କେବଳ ନାଗରିକ ଦାୟୀ । ସେମାନେ ରାଜଦ୍ରୋହୀ ବିଦ୍ରୋହୀମାନଙ୍କୁ ଧରାଇ ଦେଉନାହାନ୍ତି । ଏହି ଅଶାନ୍ତି ଦମନପାଇଁ ନାଗରିକମାନେ ସହଯୋଗ ନକଲେ ସେମାନଙ୍କ ଉପରେ ପଡ଼ିଥିବା ଜରିମାନା ଛାଡ଼ ହେବନାହିଁ ।

## ଧର୍ମ ସମ୍ବନ୍ଧରେ ବକ୍ତୃତା

କଟକ ୧।୩

ଗତକାଲ ଟେଲ ଟାଉନ୍‌ହଲରେ ସନାତନ ହିନ୍ଦୁଧର୍ମ ସମ୍ବନ୍ଧରେ ବାବାଜୀ ଭଗବାନ ସ୍ୱରୂପ ଦାସ ବକ୍ତୃତା ଦେଇଥିଲେ । ସ୍ଥାନୀୟ ଅନେକ ବ୍ୟକ୍ତି ଉପସ୍ଥିତ ହୋଇଥିଲେ । ବକ୍ତୃତା ବଡ଼ ସମୟୋପଯୋଗୀ ଓ ପାଣ୍ଡିତ୍ୟ ପୂର୍ଣ୍ଣ ହୋଇଥିଲା ।

## ଆସାମରେ ଅଫିମ ବ୍ୟବହାର ବାରପଣ କମିଯାଇଛି

ଆସାମର କଉନ୍‌ସିଲ ସମ୍ବନ୍ଧରେ ବକ୍ତୃତା ଦେଇଥିବେଳେ ଗବର୍ଣ୍ଣର ସାହେବ କହିଅଛନ୍ତି ଯେ ଆସାମରେ ଅସହଯୋଗୀମାନଙ୍କର ନିଶା ନିବାରଣ ଆନ୍ଦୋଳନ ଫଳରେ ସେହି ପ୍ରଦେଶରେ ଅଫିମ ବ୍ୟବହାର କମିଯାଇଛି । ୧୯୨୦ ସାଲରେ ୭୪,୦୦୦ ସେର ବ୍ୟବହାର ହୋଇଥିଲା । ୧୯୨୭ରେ ୪୮,୦୦୦ ସେର ଓ ଗତବର୍ଷ ୧୬,୦୦୦ ସେର କେବଳ ବ୍ୟବହାର ହୋଇଛି । ଅର୍ଥାତ୍ ଭାରତବର୍ଷ ମଧ୍ୟରେ ଆସାମପରି ଅନ୍ୟ କୌଣସି ପ୍ରଦେଶରେ ଅଫିମଖିଆ ବାରପଣ କମିଯାଇଛି ।

## ଜର୍ମାନୀରେ ନିର୍ବାଚନ ହିଟ୍‌ଲରର ଦଳ ଜିତନ୍ତି

ବର୍ତ୍ତମାନ ଜର୍ମାନୀରେ ଯେଉଁ ନିର୍ବାଚନ ହୋଇଛି ସେଥିରେ ହିଟଲର ଦଳ ବହୁ ସଂଖ୍ୟାରେ ଜିତି ଯାଇ ଅଛନ୍ତି । କମ୍ୟୁନିଷ୍ଟମାନେ ଅନେକ ସ୍ଥାନ ହରାଇଲେଣି । ହେରେ ହିଟଲର ଚାନ୍ସେଲର ହୋଇଛନ୍ତି ।

## ସାମ୍ପ୍ରଦାୟିକତା-ନିବାରଣୀ ସଙ୍ଘ

## ଡାଃ ଆଲମଙ୍କ ପ୍ରାର୍ଥନା

ଭାରତବର୍ଷରୁ ସାମ୍ପ୍ରଦାୟିକତାରୂପକ ବିଷ ବୃକ୍ଷ ଚିରଦିନ ସମୂଳେ ଉତ୍ପାଟିତ ହେବ ସେଥି ଉଦ୍ଦେ-ଶ୍ୟରେ ଲାହୋର ଠାରେ ଗୋଟିଏ ସଙ୍ଘ ଗଠିତ ହୋଇଛି । କଂଗ୍ରେସର ଜଣେ ନେତା ଡାକ୍ତର ଆଲମ ଏହାର ଅଧ୍ୟକ୍ଷ ହୋଇଅଛନ୍ତି । ସଙ୍ଘର କାର୍ଯ୍ୟ ସୁଚାରୁ ରୂପେ ପରିଚାଳିତ ହେବାପାଇଁ ଯେଉଁ ସାହାଯ୍ୟ ଦରକାର ତାହା ଅକାତରେ ଦାନକରିବା ପାଇଁ ସେ ଦେଶବାସିଙ୍କୁ ପ୍ରାର୍ଥନା କରି ଅଛନ୍ତି ।

## ସୁଭାଷ ବୋଷ

ଶ୍ରୀଯୁକ୍ତ ସୁଭାଷଚନ୍ଦ୍ର, ବୋଷ ଭିଏନାଠାରେ ପହଞ୍ଚିଲେଣି ।

# ସୀମାନ୍ତରେ

## ଅଶାନ୍ତିଶାନ୍ତ ଚେଷ୍ଟା

ପେଶାବାର ତା ୭।୩

ଡାଗୁଇସାହେବ ବନ୍ଧୁକରେ ଯେଉଁମାନେ ଯୁଦ୍ଧ କରୁଥିଲେ ସେମାନଙ୍କୁ ଉପଯୁକ୍ତ ଉପହାର ଦତ୍ତ ହୋଇ ନଥିଲା । ସେହିହେତୁ ସାହାଯ୍ୟକାରୀମାନେ ବଦ୍‌ଦୋସ୍ତ ହୋଇ ଉଠିଥିବାର ଜଣାଯାଏ । ଅଫଗାନିସ୍ଥାନର ସମ୍ରାଟ ସେମାନଙ୍କୁ ଉପହାର ଦେବାପାଇଁ କେତେକ ଲୋକଙ୍କୁ ପଠାଇ ଅଛନ୍ତି । ଏହାଦ୍ୱାରା ଅଶାନ୍ତି କମିଯିବ ବୋଲି ସମ୍ରାଟ ବିଶ୍ୱାସ କରୁଛନ୍ତି ।

## ସାହିତ୍ୟ ସମ୍ବାଦ

## କବିସମ୍ମିଳନୀ ସଂଖ୍ୟା ( ସହକାର )

ଏହି ସଂଖ୍ୟାରେ ଯେଉଁ ଏକଲକ୍ଷଣ ପ୍ରବନ୍ଧ ଓ କବିତା ଗୁଡ଼ିକ ବାହାରିଛି ସେଗୁଡ଼ିକ ମନ୍ଦ ହୋଇନାହିଁ, କିନ୍ତୁ ବିଶେଷ ଚମତ୍କାରପୂର୍ଣ୍ଣ ବୋଲି କୁହାଯାଇ ପାରିବ ନାହିଁ । ସବୁଗୁଡ଼ିକ ତର-ତରରେ ଲେଖା ହୋଇଥିଲା ପରି ଜଣାପଡ଼ୁଛି । ଶ୍ରୀଯୁକ୍ତ ଚନ୍ଦ୍ରମଣି ଦାସଙ୍କର "ପ୍ରାଚୀନ ଓ ନବୀନ ସାହିତ୍ୟର ସମନ୍ୱୟ ପନ୍ଥା" ପ୍ରବନ୍ଧଟି ଉପାଦେୟ ହୋଇଅଛି । ସେହିଭଳି ମଧ୍ୟ ଶ୍ରୀ ସୂର୍ଯ୍ୟନାରା-ୟଣ ଦାସଙ୍କର "କବିତା ଓ ଶ୍ରୀ ଶଶିଭୂଷଣ ଗୁପ୍ତଙ୍କର "କବିତା" ପ୍ରବନ୍ଧ ଦ୍ୱୟ ପାଠ ଯୋଗ୍ୟ ବୋଲି କହିବାକୁ ହେବ । ଶ୍ରୀମତୀ କୁନ୍ତଳାକୁମାରୀ ଦେବୀଙ୍କ ପ୍ରାରମ୍ଭ ଭାଷଣଟିରେ ଅନାବଶ୍ୟକୀୟ ପ୍ରସଙ୍ଗ ଗୁଡ଼ିଏ ପ୍ରବେଶ କରାଇ ଦେଇ ଅଯଥା କଲେବରଟିକୁ ବଢ଼ାଇ ଦେଇଅଛନ୍ତି । ବାବୁ ମାୟାଧର ମାନ-ସିଂହଙ୍କ "ପରଧର୍ମ" ପ୍ରବନ୍ଧପଢ଼ି ଦୁଃଖ ଲାଗିଲା । ଯୁକ୍ତି ସମ୍ବନ୍ଧରେ କେଶି କହିବାକୁ ନଥିଲେ ମଧ୍ୟ ଯେଉଁ ଦୃଷ୍ଟାନ୍ତ ଗୁଡ଼ିକ ଦେଖାଇ ସେହି ଯୁକ୍ତି ଗୁଡ଼ିକୁ ସମର୍ଥନ କରିବାକୁ ଯାଇଛନ୍ତି ସେଗୁଡ଼ିକ ଦେଖିଲେ ବୋଧହେଉଛି ମାୟାଧର ବାବୁଙ୍କର ସାହିତ୍ୟ ସମ୍ବନ୍ଧରେ ସମାଲୋଚନା କରିବାପାଇଁ କଲମ ଧରିବାର ଶକ୍ତି ଆଦୌ ଆସିନାହିଁ । ବଙ୍ଗଳାଭାଷା ଓ ଓଡ଼ିଆଭାଷା ମଧ୍ୟରେ ତଫାତ୍ ରହିଛି ସତ୍ୟ, କିନ୍ତୁ ଗଦ୍ୟରେ ତଫାତ୍ ଦେଖାଇବାପାଇଁ ସେ ଯେଉଁ ଦୃଷ୍ଟାନ୍ତ ଗୁଡ଼ିକ ଦେଖାଇ ଅଛନ୍ତି ତାହା ପ୍ରକୃତ ଦୃଷ୍ଟାନ୍ତ ନୁହେଁ । ଫକୀରମୋହନ, ଗୋପ-ବନ୍ଧୁଙ୍କ ପରି ଭାଷା ଲେଖି ନପାରିଲେ ଯେ ଓଡ଼ିଆ ଭାଷା ହେଉନାହିଁ, ବଙ୍ଗଳାଭାଷା ହେଲା ଏହା କେବେ କୁହାଯାଇ ପାରେନା । ବିଶେଷତଃ ରବୀନ୍ଦ୍ରନାଥ ଭାଷା ସମ୍ବନ୍ଧରେ ଯେ ଯାହା କହନ୍ତି ତାର ଗୋଟିଏ ସ୍ପଷ୍ଟ ଧାରଣା ତାଙ୍କର ଜାତ ହୋଇଛି ବୋଲି ମନେ ହେଉନାହିଁ । ତାପର "ଧ୍ରୁବ" କହିଲେ ଯେ ରବୀନ୍ଦ୍ରନାଥ ପଡ଼ୁଛି ତାକୁ ପ୍ରମାଣ କରିବା ବଡ଼ ଆଶ୍ଚର୍ଯ୍ୟର କଥା । ଲେଖକ ମାଲବର୍ଣ୍ଣ ଶୁଣାଇ ପାଇଛି ଗଲେଣି କି ? ଏହି ସମ୍ବନ୍ଧରେ କେଶି ଲେଖିବା ନିଷ୍ପ୍ରୟୋଜନ ।

ଯେଉଁ ଦୁଇଟି କବିତା "ପ୍ରଦୋଷ ପକ୍ଷୀ" ସମ୍ବନ୍ଧରେ ଲେଖାହୋଇଛି ତାହା ଯେ ଉପଯୁକ୍ତ ପୁରସ୍କାର ଯୋଗ୍ୟ ହେଲା ତାହା ଆମେ ବୁଝିପାରୁନାହୁଁ । ବଳାଙ୍ଗୀର ବାବୁଙ୍କର କବିତା ଯେ ପୁରସ୍କାର ପାଇବାର ସମ୍ପୂର୍ଣ୍ଣ ଅଯୋଗ୍ୟ ଏଥିରେ ସନ୍ଦେହ ନାହିଁ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter



୬୬ | ୧୨।୩।୩୩

# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

## ଟେଲ୍‌ରିଂ ଏବଂ ଗୃହଶିଳ୍ପ ସ୍କୁଲ

### ସରାଇକେଲା

ଆମ୍ଭେ ଟ ୩୦ ୯ ଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ଷ ଟେଲରିଂ; ଟ ୨୫ ୯ ଙ୍କା ନେଇ ୨ ସପ୍ତାହରେ ଫୁଲକୋର୍ଷ ଫଟୋଗ୍ରାଫ୍, ଟ ୩୦ ୯ ଙ୍କା ନେଇ ଏକମାସରେ ନାନା ପ୍ରକାର ସାବୁନ ଓ ନାମ ମାତ୍ର ପଇସାରେ ନାନା, କେଶତୈଳ ପ୍ରଭୃତି ନାନା ପ୍ରକାର ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଉଅଛୁ। ଆମ୍ଭେମାନେ ଚାକର ଲଗା ଦେଇ କଷ୍ଟ ଓ ସେଲାଇ ଶିକ୍ଷା ଦେଉଅଛୁ। ବାସସ୍ଥାନ ପାଇଁ ଏବଂ ବେମାର ହେଲେ ଡାକ୍ତର ଓ ଔଷଧ ଲାଗି ଏକପଇସା ମୁଦ୍ରା ଲାଗେ ନାହିଁ। ଜଳବାୟୁ ଉତ୍ତମ। ଏଠାରେ ଶିକ୍ଷା କରିଗଲେ ଅନ୍ୟର ଅଧୀନ ନ ହୋଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ। ଅନୁସନ୍ଧାନ କଲେ ଜାଣିପାରିବେ ଯେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ। ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୭ ମାଇଲ ଦୂରରେ ଅବସ୍ଥିତ। ସେଥିପାଇଁ ସର୍ବିସ ଲରି ସର୍ବଦା ଯାତାୟାତ କରୁଛି। ବିସ୍ତାରିତ ବିବରଣ ପାଇଁ ଟ ୦ ୯୯ ଲାଇ ଟିକଟସହ ପତ୍ର ଲେଖନ୍ତୁ।

ଦେବରାଜ ଟେଲରିଂ ଏଣ୍ଡ୍ ଇଣ୍ଡଷ୍ଟ୍ରିୟଲ ଇନ୍‌ଷ୍ଟିଚ୍ୟୁସନ୍
ପୋ: ସରାଇକେଲା, ଭାୟା ସିନି, ଜିଲ୍ଲା ସିଂହଭୂମ

୬୭ | ଡିସେମ୍ବର ୧୯୩୩

# ଗୋଦର, କୋରଣ୍ଡ ଓ ଏକଶିରାର

### ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋଦର ଗୋଡ଼ କୋରଣ୍ଡ ଓ ଏକଶିରା ହୋଇ ନ ଥାଉଁ ତ ଏକମାସ ମଧ୍ୟରେ ନିଶ୍ଚୟ ଭଲ ହେବ। ନଚେତ୍ ମୂଲ୍ୟ ଫେରସ୍ତ ଦିଆଯିବ। ପ୍ରତ୍ୟେକର ମୂଲ୍ୟ ଟ ୧।୷ ମାତ୍ର।

ଡାକମାସୁଲ ସ୍ୱତନ୍ତ୍ର
ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ସରାଇକେଲା
ଭାୟା-ସିନି। ସିଂହଭୂମ ଜିଲ୍ଲା

୯୧ | ବିଜ୍ଞାପନ | ୧।୪।୩୩

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭେ କନ୍ୟାଣେ ଭାଞ୍ଜି ବାବୁ ଲବଙ୍ଗର ଶେଠୀଙ୍କୁ ଆମର କ୍ଷେମଛାପୁର୍ଣ୍ଣ ଅନୁଭ୍ରାତ ନାମାଙ୍କୀୟ ଆଠଗଡ଼ ଷ୍ଟେଟରେ କାର୍ଯ୍ୟ କରିବା ନିମନ୍ତେ ଅଧିକାର ଦେଇଥିଲୁ। ଆଜ ଦିନଠାରୁ ଉକ୍ତ ବାବୁ ଲବଙ୍ଗର ଶେଠୀଙ୍କଠାରୁ ଉକ୍ତ ଅଧିକାର ପ୍ରତ୍ୟାହାର କରି ନିଆଗଲା। ଏଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉକ୍ତ ବାବୁ ଲବଙ୍ଗର ଶେଠୀଙ୍କ କୌଣସି କାର୍ଯ୍ୟରେ ଆମ୍ଭେ ଆଜ ତାରିଖଠାରୁ ବାଧ୍ୟ ବା ଦାୟୀ ନ ହେବୁ। ସେ ଦେବା କୌଣସି ରସିଦ ବା ଫାରକତରେ ଆମ୍ଭେ ବାଧ୍ୟ ହେବୁ ନାହିଁ।

କଳ୍ୟାଣ ଭାଞ୍ଜି ଓ୍ୱାର୍କସ
ବୃନ୍ଦାବନଗଡ଼, କଟକ
ତା ୧୬।୩।୩୩

୮୮ | ବିଜ୍ଞାପନ | ୧୮।୩।୩୩

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କଟକ ସଦର ଲୋକେଲ ବୋର୍ଡଙ୍କ ଅଧୀନସ୍ଥ ସନ ୧୯୩୩-୩୪ ମସିହା ନିମନ୍ତେ ନୂତନ କୂପ ଓ ପୁଷ୍କରିଣୀ ଖନନ, ପୁରାତନ କୂପ ଓ ପୁଷ୍କରିଣୀ ମରାମତି, ପୁରାତନ ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ ଏବଂ ପୁରାତନ ପୋଲ ମରାମତି ଓ ନୂତନ ନିର୍ମାଣ କାର୍ଯ୍ୟ ପାଇଁ ନିମନ୍ତେ କଣ୍ଟ୍ରାକ୍ଟର ଆବଶ୍ୟକ। ଯେଉଁମାନେ ଉକ୍ତ କାର୍ଯ୍ୟମାନ କରିବାକୁ ଇଚ୍ଛା କରନ୍ତି ସେମାନେ କଟକ ଲୋକେଲ ବୋର୍ଡର ଛାପିତ ଟେଣ୍ଡର ଫର୍ମରେ ରେଟ୍ ଇତ୍ୟାଦି ପୂରଣ କରି ମୁଦ୍ରା ଲଫାପାରେ ସଦର ଲୋକେଲବୋର୍ଡ ଅଫିସରେ ଚଳିତ ମାର୍ଚ୍ଚ ମାସ ତା ୨୫ ରିଖ ସୁଦ୍ଧା ରେଜିଷ୍ଟ୍ରିରେ ଦାଖଲ କରିବେ। ସେଉଁ ଟେଣ୍ଡର ମାନଙ୍କରେ ଏଷ୍ଟିମେଟ ରେଟ୍ ଅନୁସାରେ ଲେଖା ଥିବ ତାହା ଗ୍ରହଣ କରିବାପାଇଁ ଆମ୍ଭ ସ୍ୱୀକାରକାରୀ ବାଧ୍ୟନୁହନ୍ତି। ସମସ୍ତ ବା ଯେ କୌଣସି ଟେଣ୍ଡର ନାମଞ୍ଜୁର କରିବାର ଅଧିକାର ଆମ୍ଭ ସ୍ୱୀକାରକାରୀଙ୍କର ରହିଲା। ନାମଞ୍ଜୁର କରିବାର କୌଣସି କାରଣ ଦର୍ଶାଇବ ନାହିଁ।

ଏଷ୍ଟିମେଟ୍ ଟଙ୍କା ଓ କାର୍ଯ୍ୟମାନଙ୍କ ସମ୍ବନ୍ଧରେ ଯାହା ବୁଝିବାର ଦରକାର ତାହା ସଦର ଲୋକେଲବୋର୍ଡ ଅଫିସରୁ ବୁଝାଯାଇପାରେ।

ଯେଉଁମାନଙ୍କର ଟେଣ୍ଡର ଗ୍ରହଣ ହେବ ସେମାନେ ଖବର ପାଇବା ଦିନ ୧୫ ଦିନ ମଧ୍ୟରେ ଏଗ୍ରିମେଣ୍ଟ ଦାଖଲ ନ କଲେ ସେମାନଙ୍କର ଟେଣ୍ଡର ନାକଚ ହେବ।

ଟେଣ୍ଡର ଦାତାମାନେ ପଷ୍ଟଭାବ ଭାବେ ନାମ, ଧାମ, ଜାତି ଓ ପିତାର ନାମ ଇତ୍ୟାଦି ଟେଣ୍ଡରରେ ଲେଖିବେ।

ତା ୭।୩।୩୩
ଶ୍ରୀ ଦେବେନ୍ଦ୍ର କିଶୋର ଦାସ
ଚେୟାରମ୍ୟାନ
ସଦର ଲୋକେଲବୋର୍ଡ, କଟକ

୯୦ | ୧୮।୩।୩୩

## ବିଜ୍ଞାପନ

କନିକା କିଲ୍ଲାର ଜଙ୍ଗଲବିଭାଗରେ ପ୍ରାୟ ୫୦,୦୦୦ ହଣ ଅସନ୍ତା ମଇ ଓ ଜୁନ ମାସରେ କିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ରୟ ହେବ। ଯାଉଥିବା ସ୍ଥାନ ସମୂହ କଟକଠାରୁ ଓ ଚାନ୍ଦବାଲି ବନ୍ଦରଠାରୁ ସୁଗମ୍ୟ। ଉକ୍ତ ବନ୍ଦରରୁ କଲିକତା ଓ କଟକକୁ ଯାଉଥିବା ଜାହାଜ ଓ ମୋଟରଯୋଗ ଅତି ଅଳ୍ପ ସମୟରେ ନିଆଯାଇ ପାରେ। ପୁଣି ଜଳ ଓ କେନାଲ ପଥରେ କଟକ, କେନ୍ଦ୍ରାପଡ଼ା, ଭଦ୍ରକ ଓ ଭଦ୍ରକ ପ୍ରଭୃତି ସ୍ଥାନକୁ ଜିନିଷପତ୍ର ଅତି ସୁଲଭରେ ନିଆଯାଇ ପାରେ। ପଥ ସମ୍ବନ୍ଧରେ ବିଶେଷ ଜ୍ଞାତବ୍ୟ ବିଷୟ ପତ୍ର ଲେଖିଲେ ଜଣାଇ ଦିଆଯିବ। ଯେଉଁମାନେ କେବଳ ମୋଟରେ ଖରିଦ କରିବାକୁ ଇଚ୍ଛା କରନ୍ତି, ସେମାନେ କିଲ୍ଲାର ଦେଓ୍ୱାନ ସାହେବଙ୍କ ନିକଟ ରାଜକନିକା ପୋଷ୍ଟ ଅଫିସ ଜରିଆରେ ଠିକଣାରେ ଦରଖାସ୍ତ କରିବେ। ଇତି।

G. P. Das
As istant Manager
Kanika Raj

89 | 18-3-33

## Notice

An exhibition of needlework for the Lady Stephenson diploma for the advancement of needlework in Bihar and Orissa will be held in the Bankipore girls' school hall from 3 to 6 P. M. on the 18th March, 1933. The medals and diplomas for both needlework and hygiene will be distributed at 4 P. M. All Ladies interested in this scheme are cordially welcome.

P. A. D'Abreu,
Inspectress of Schools,
Bihar and Orissa

Patna
3-3-33

No. 80 | 18. 3. 33

Wanted agents to secure orders for handmade silk suitings, saries, chadars etc, on liberal terms. Ask for free particulars. JECI WEAVING FACTORY, LUDHIANA, Punjab.

86 | 18-3-33

## ADVERTISEMENT

"Wanted a trained matriculate and a V. M Passed Pandit for the Posts of a Second master and a Second Pandit respectively for the Sabrong M. E. School. Applications along with testimonials should be submitted to the undersigned on or before the 23rd March 1933.

Banamali Das Mahapatra
Assistant Secretary,
Sabrong M. E. School
P. O. Sabrong, Via Bhadrak
Dist-Balasore."



Digitized by srujanika@gmail.com

REGISTERED NO. P 6

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ ଏମ୍. ଏ., ଏମ୍. ଏଲ୍. ସି.

ବାର୍ଷିକ ଅଗ୍ରୀମ ମୂଲ୍ୟ ଟ ୩।୦
ପ୍ରତିଖଣ୍ଡ ଟ ୦।୧୫

୬୭ ଭାଗ | Cuttack, Saturday the 25th March 1933 — ଚୈତ୍ର ୧୧ ଦିନ ସନ ୧୩୪୦ ସାଲ ଶନିବାର | ୧୨ଶ ସଂଖ୍ୟା

## ଓଡ଼ିଶାର କମିଶନର

### ଫିଲିପ ସାହେବଙ୍କର ବିଦାୟ ଉତ୍ସବ

ତା ୨୨।୩।୩୩

ଗତ ତା ୨୨ ରେ ଓଡ଼ିଶାବାସିଙ୍କ ତରଫରୁ କଟକ ଟାଉନହଲରେ ଓଡ଼ିଶା ଡ଼ିଭିଜନର କମିଶନର ଫିଲିପ ସାହେବଙ୍କର ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଓଡ଼ିଶାର ବହୁତ ଅଞ୍ଚଳରୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ପାରଲାଖେମୁଣ୍ଡି, ଧର୍ମକୋଟ ପ୍ରଭୃତିର ରାଜାମାନେ ଏବଂ କଟକର ପ୍ରାୟ ସରକାରୀ କର୍ମଚାରୀ ଏବଂ ବିଶିଷ୍ଟ ସହରବାସୀମାନେ ଯୋଗ ଦେଇଥିଲେ । ଏକସ୍ଥାନରେ କୌଣସି ସରକାରୀ କର୍ମଚାରୀଙ୍କ ବିଦାୟ ଉପଲକ୍ଷରେ ଏତେଗୁଡ଼ିଏ ବିଶିଷ୍ଟ ଲୋକର ସମାବେଶ ଅତ୍ୟନ୍ତ ବିରଳ । କିନ୍ତୁ ବର୍ତ୍ତମାନ ଏ ଉପଲକ୍ଷରେ ଏତେ ଲୋକଙ୍କର ସମାବେଶ ଫିଲିପ ସାହେବଙ୍କର ଜନପ୍ରିୟତାର ପରିଚାୟକ । ଫିଲିପ ସାହେବ ଥରେ କଥା ପ୍ରସଙ୍ଗରେ କହିଥିଲେ, "ମୁଁ ତ ଓଡ଼ିଆ ହୋଇଗଲିଣି ।" ପ୍ରକୃତରେ ଏ ଉକ୍ତି ଅତ୍ୟନ୍ତ ସତ୍ୟ । ଫିଲିପ ସାହେବ ୧୮ ବର୍ଷ ହେବ ଓଡ଼ିଶାରେ ନାନାପ୍ରକାର ପଦରେ କର୍ମରେ ନିଯୁକ୍ତ ଅଛନ୍ତି । ୧୯୧୫ରେ ସେ ବାଲେଶ୍ୱରର ମାଜିଷ୍ଟ୍ରେଟ ପଦରେ ଥିଲେ । ତାପରେ ମୟୂରଭଞ୍ଜର ସୁପରିଣ୍ଟେଣ୍ଡେଣ୍ଟ ଓ ଗଡ଼ଜାତ ଅଞ୍ଚଳର ସରକାରୀ ପ୍ରତିନିଧି ଥିଲେ । ଏହି ସମୟରେ ସେ ଫିଲିପ ଫ୍ଲଡ କମିଶନର ମେମ୍ବର ଭାବରେ ଓଡ଼ିଶା ଜେଲମିଶ୍ରଣ ବିଷୟରେ ଅନୁସନ୍ଧାନ କରିଥିଲେ । ତାପରେ ସେ ଓଡ଼ିଶା ଡ଼ିଭିଜନର କମିଶନର ହୋଇଥିଲେ । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ନାନାଦ ଭାବରେ ଓଡ଼ିଶାର ଉନ୍ନତି କରିବାକୁ ଚେଷ୍ଟା କରିଅଛନ୍ତି, ବିଶେଷତଃ ଜେଲମିଶ୍ରଣ ଏବଂ ସ୍ୱତନ୍ତ୍ର ପ୍ରଦେଶ ସମ୍ପର୍କରେ ସେ ନାନାପ୍ରକାରେ ସାହାଯ୍ୟକାରୀ ଉଦ୍ୟୋକ୍ତାମାନଙ୍କୁ ସାହାଯ୍ୟ ଏବଂ ସକଳେର ଓଡ଼ିଶାବାସିଙ୍କର ଧନ୍ୟବାଦର ପାତ୍ର ହୋଇଅଛନ୍ତି । ବର୍ତ୍ତମାନ ସ୍ୱତନ୍ତ୍ର ପ୍ରଦେଶ ଗଠନ ଅବସ୍ଥାରେ ଓଡ଼ିଶା ତାଙ୍କୁ ଛାଡ଼ି ଅତ୍ୟନ୍ତ ଦୁଃଖ ଅନୁଭବ କରୁଛି ଏବଂ ପୁଣି ତାଙ୍କ ଅବସର ବାଦ ତାଙ୍କର ପୁନରାଗମନ ଆଶା ପୋଷଣ କରୁଅଛି ।

ତାଙ୍କ ବିଦାୟ ଉତ୍ସବର ଉଦ୍ୟୋକ୍ତାମାନଙ୍କ ଆମନ୍ତ୍ରଣ ଏବଂ ବ୍ୟବସ୍ଥାକୁ ଆମ୍ଭେମାନେ କଳ୍ପ ପସନ୍ଦ କରିପାରିଲୁନାହିଁ । ଶୁଣିଲୁ ଏ ସମ୍ପର୍କରେ ଖର୍ଚ୍ଚ ଚନ୍ଦାରୁ ଅନେକସ୍ଥଳେ ଟଙ୍କାର ବ୍ୟୟ ହୋଇଥିଲା । ସଭାସ୍ଥଳ ଯାହା ଦେଖିଲୁ ତାହା ଏପରି ଗୋଟିଏ ଉତ୍ସବ ପାଇଁ ଉପଯୁକ୍ତ ନୁହେଁ । ସ୍ଥାନର ସଂକୀର୍ଣ୍ଣତା ହେତୁରୁ ଏକାଠି ସମସ୍ତଙ୍କର ବସିବାର ସୁବିଧା ନ ଥିଲା । ନିମନ୍ତ୍ରିତ ବ୍ୟକ୍ତିମାନଙ୍କର ଉଚ୍ଚ କେତେକଙ୍କ ମଧ୍ୟ ଦେଖାଯାଉଥିଲା । ଦେଖିଲୁ ଅନେକ ନିମନ୍ତ୍ରିତ ବ୍ୟକ୍ତି ସେ ସ୍ଥାନରେ ସହସ୍ର ଭୂଇ ଏକ ମିନିଟ ସେଠାରେ ରହି ପଳାଇ ଆସିବାକୁ ବାଧ୍ୟ ହେଲେ । ଉତ୍ତାର ଏକ ଜାତୀୟ କାର୍ଯ୍ୟଶୀଳର ଏବଂ ଗୋଷ୍ଠିଗତ ଭାବର ବ୍ୟବସ୍ଥା ହୋଇଥିଲା । ଓଡ଼ିଶାର ସମସ୍ତ ବିଶିଷ୍ଟ ନେତୃସ୍ଥାନୀୟ ବ୍ୟକ୍ତି ଏବଂ ସରକାରୀ କର୍ମଚାରୀମାନଙ୍କ ମନୋରଞ୍ଜନ ପାଇଁ, ଓଡ଼ିଶାର ଡ଼ିଭିଜନାଲ କମିଶନର ଫିଲିପ ସାହେବଙ୍କ ବିଦାୟ ଉତ୍ସବଟି ଆଉ ଟିକିଏ ଭଲଭାବରେ ହେବାର ଉଚିତ ଥିଲା ।

—※—

## ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ

ଧବଳପତ୍ରର ଘୋଷଣା ଫଳରେ ଓଡ଼ିଶା ପ୍ରଦେଶର ନୂତନ ସୀମା ନିର୍ଦ୍ଦେଶ ହୋଇ ସାଇଅଛି । ସେଥିରେ ନିମ୍ନଲିଖିତ ଇଲାକାମାନ ଅନ୍ତର୍ଭୁକ୍ତ ହେବ ।

(୧) ଓଡ଼ିଶା ବିଭାଗ ଅର୍ଥାତ୍ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଅନୁଗୁଳ ଜିଲ୍ଲା ।

(୨) ମଧ୍ୟ ପ୍ରଦେଶରୁ ଖଡ଼ିଆଳ ଜମିଦାରୀ ଓ ପଦ୍ମପୁର ଷ୍ଟେଟ ।

(୩) ଗଞ୍ଜାମ ଏଜେନ୍ସି ମାଳରୁ ଅଧିକାଂଶ ଅର୍ଥାତ୍ ପାରଲା ଖେମୁଣ୍ଡି ମାଳଅଂଶ ଓ ଜଳନ୍ତରର ମାଳଅଂଶ ବାଦଯିବ ।

(୪) ଗଞ୍ଜାମଜିଲ୍ଲାର ସୁନସର (ଜଗଦଲପୁର?) ଅସିକା, ସୁରଡ଼ା, କୋଦଳା, ଛତ୍ରପୁର, ଇଚ୍ଛାପୁର ଓ ବ୍ରହ୍ମପୁର ତାଲୁକମାନ ଆସିବ । କିନ୍ତୁ ସମୁଦ୍ର ଉପକୂଳରୁ ସୋମପେଟ ସୁରଳା ଲୁଣ କାରଖାନା ବାଟ ଦେଇ ତ୍ରିବେଣୀରେ ପରୁଷୋତ୍ତମପୁର ହେଇ ଯେ ରାସ୍ତା ତାର ଦକ୍ଷିଣଅଂଶ ବାଦଯିବ । ତାହା ହେଲେ ଓଡ଼ିଶରେ ଯେଉଁ ପାଞ୍ଚଜିଲ୍ଲା ଅଛି ତାହା ବଢ଼ିବ । ଗଞ୍ଜାମ ଅଞ୍ଚଳରୁ ଯାହା ଆସିବ ତାହା ଗୋଟିଏ ଜିଲ୍ଲା ହେବ । ମଧ୍ୟପ୍ରଦେଶରୁ ଯାହା ଆସିବ ତାହା ସମ୍ବଲପୁର ଜିଲ୍ଲାର ଗୋଟିଏ ସବଡ଼ିଭିଜନ ହେବ । ଏପରି ୬ଟି ଜିଲ୍ଲା ଓଡ଼ିଶାରେ ରହିବ । ତାର କ୍ଷେତ୍ରପରିମାଣ ପ୍ରାୟ ୨୦ହଜାର ବର୍ଗ ମାଇଲ ଓ ଲୋକସଂଖ୍ୟା ୬୭ଲକ୍ଷ ହେବ । ଏହା ଗୋଟିଏ କ୍ଷୁଦ୍ରତମ ପ୍ରଦେଶ ହେବ ।

ଏହାର ଲେଜିସଲେଟିଭ କାଉନସିଲର ସଂଖ୍ୟା ମଧ୍ୟ ସ୍ଥିର ହୋଇସାରିଅଛି । ଏଥିରେ ମୋଟସଂଖ୍ୟା ୬୦, ସେଥିରେ ସାଧାରଣ ନିର୍ବାଚନ କ୍ଷେତ୍ରରୁ ୪୦, ଅନୁନ୍ନତଜାତି ୭, ମୁସଲମାନ ୪, ଖ୍ରୀଷ୍ଟାନ ୨, ଜମିଦାର ୨, ମହିଳା ୨, ଖ୍ରୀଷ୍ଟାନ ୧, ଶ୍ରମିକ ୧, ବାଣିଜ୍ୟ ୧ । ଏ ପ୍ରଦେଶର ଆପୃକାମ୍ୟ ସମ୍ବନ୍ଧରେ ଏପର୍ଯ୍ୟନ୍ତ ମୀମାଂସା କିଛି କରାଯାଇନାହିଁ । କେନ୍ଦ୍ର ସରକାରରୁ କେତେ ଅର୍ଥ ସାହାଯ୍ୟ ମିଳିବ ତାହା ମଧ୍ୟ ଠିକ୍ ହୋଇନାହିଁ । ପରେ କମିଟିରେ ସ୍ଥିରହୋଇ ଠିକ୍ କରାଯିବ ।

ଭାରତ ରାଜ୍ୟସଙ୍ଘପାଇଁ ଓଡ଼ିଶାରୁ ଉଚ୍ଚ ସଭାକୁ ୫ଜଣ ଲୋୟାର ୧୦ଜଣ ଯିବେ, ଏଥି ମଧ୍ୟରୁ ଜଣେ ଲୋୟାର ମୁସଲମାନ ଓ ଅନୁନ୍ନତ ଜାତି ତରଫରୁ ରହିବେ ଓ ଓଡ଼ିଶା ଗଡ଼ଜାତମାନଙ୍କ ତରଫରୁ ଭାରତ ସମ୍ମିଳନର ଉଚ୍ଚ ସଭାକୁ କେତେକ ପରିମାଣରେ ସଭ୍ୟ ଯିବେ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ ଓ ଓଡ଼ିଶା ଗଡ଼ଜାତର ଭବିଷ୍ୟତ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ ।

---

## ଭାରତ ରାଜ୍ୟ ମଣ୍ଡଳ

### ପାଞ୍ଚଅଙ୍କ ହେବେ କର୍ଣ୍ଣ କର୍ତ୍ତ

ଭାରତରାଜ୍ୟମଣ୍ଡଳର କର୍ମକର୍ତ୍ତା ନିର୍ବାଚନ ହୋଇସାରିଲା । ଗତ ବର୍ଷ ଭଗ ନଗରର ମହାରାଜା କର୍ଣ୍ଣ କର୍ତ୍ତ ଥିଲେ । ଏବର୍ଷ ସେହି ପଦ ସମ୍ବଳପୁରର ମହାରାଜା ହେବେ ବୋଲି ପ୍ରକାଶ । ଓଡ଼ିଶାରୁ ଏ ସଭାରେ ଭଞ୍ଜ ମୟୂରଭଞ୍ଜର ମହାରାଜା, ଢେଙ୍କାନାଳ ଏବଂ ତାଳଚେରର ରାଜାମାନେ ସମସ୍ତ ଅଛନ୍ତି ।

---

Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା

ମାର୍ଚ୍ଚ ତା ୨୫ ଋଖ ଶନିବାର

## ଭାରତ ଶାସନ ସଂସ୍କାର ସରକାରୀ ଇସ୍ତାହାର

ଆଜ ଭାରତରେ ସ୍ୱାତନ୍ତ୍ର୍ୟ ଓ ମନୋବାଞ୍ଛା ସରକାରଙ୍କ ବୈଦେଶିକ ନୀତି ଗତ ମାର୍ଚ୍ଚ ତା ୧୭ ଋଖରେ ବିଲାତରେ ପ୍ରକାଶ ପାଇଲା। ଆଜକାଲ ଇଙ୍ଗିତରୁ, ଗତ ଗୋଲଟେବୁଲ ବୈଠକର କାର୍ଯ୍ୟାବଳୀ ଏବଂ ଗଠନରୁ ଆଗରୁ ଭାରତର ଶାସନ ବ୍ୟବସ୍ଥା ଏଥିରେ ଥିବ ତାହା ପ୍ରାୟ ପ୍ରକାଶ ହୋଇପଡ଼ିଥିଲା। ତଥାପି କେତେକ ଅତି ଆଶାରେ ଥିଲେ ଭାରତର ବର୍ତ୍ତମାନ ରାଜନୈତିକ ଅବସ୍ଥା ଦୃଷ୍ଟିରେ ବିଲାତ ସରକାରଙ୍କର ଯେଉଁ ଶ୍ୱେତପତ୍ର। କିନ୍ତୁ ଯାହା ପ୍ରକାଶ ପାଇଲା ସେଥିରେ ଅତି ଆଶାନ୍ୱିତ ମଧ୍ୟ ସ୍ୱପ୍ନ ଭାରତଙ୍କୁ ଆପୋଷ କରି ପାରିଲେନାହିଁ। କାହିଁକି ସ୍ୱରାଜ, ଡୋମିନିୟନ ଷ୍ଟେଟସ, ସ୍ୱାୟତ୍ତଶାସନ, ବ୍ୟବସ୍ଥାପକ ସଭାରେ ନିଯୁକ୍ତ ବଡ଼ଲାଟ ଭାରତର ଏକମାତ୍ର ଶାସନକର୍ତ୍ତା ହେବେ। ପ୍ରଦେଶମାନଙ୍କର ପ୍ରାଦେଶିକ ଲାଟମାନେ ହେବେ ପ୍ରାଦେଶିକ ଶାସନ ପ୍ରତିଷ୍ଠାନମାନଙ୍କର ଏକମାତ୍ର କର୍ତ୍ତା, ବ୍ୟବସ୍ଥାପକ ସଭା ନିଯୁକ୍ତ ମନ୍ତ୍ରୀମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ଚଳାଇବାର ବ୍ୟବସ୍ଥା ଅଛି କିନ୍ତୁ ତାହା ସହିତ ବ୍ୟବସ୍ଥା ମଧ୍ୟ ରହିଛି ଯେ ଦେଶର ଅବସ୍ଥାଦୃଷ୍ଟିରେ ଲାଟମାନଙ୍କ କ୍ଷମତା ଉପଯୋଗରେ ସେମାନେ ମନ୍ତ୍ରୀମାନଙ୍କର ପରାମର୍ଶ ଏବଂ ବ୍ୟବସ୍ଥାପକ ସଭାର ପ୍ରସ୍ତାବକୁ ପଦଦଳିତ କରି ନିଜ ଇଚ୍ଛାନୁସାରେ ବ୍ୟବସ୍ଥା କରିପାରିବେ। ଲାଟ ସେତେବେଳେ ଯାହା ବୁଝିବେ, ତାହା ସେମାନେ କରିପାରିବେ। ବ୍ୟବସ୍ଥାପକ ସଭା ଭାଙ୍ଗିବେ, ଗଢ଼ିବେ, ନୂଆ ଆଇନର ବ୍ୟବସ୍ଥା ବ୍ୟବସ୍ଥାପକ ସଭାର ମତ ନ ନେଇ କରିପାରିବେ। ସବୁ କରିପାରିବେ। ତାହାହେଲେ ନୂଆରେ ବ୍ୟବସ୍ଥାପକ ସଭା ସୃଷ୍ଟି କରିବାର କି ଆବଶ୍ୟକତା ଏବଂ ପ୍ରସ୍ତାବ କରିବା ଦ୍ୱାରା ଲୋକ ସାଧାରଣ ପକ୍ଷରୁ ମନ୍ତ୍ରୀ ନିଯୁକ୍ତ କରିବାର ବା ଆବଶ୍ୟକତା କ'ଣ? ପ୍ରଦେଶମାନଙ୍କପାଇଁ ତ ଏ ବ୍ୟବସ୍ଥା, ଭାରତର କେନ୍ଦ୍ରୀୟ ଶାସନର ବ୍ୟବସ୍ଥା ଅଦ୍ଭୁତ ଭଳିକି। ତାଙ୍କ ଶାସନ ଅଧିକାରେ ସମସ୍ତ ବିଭାଗମାନ ଲୋକ ସାଧାରଣଙ୍କ ତରଫରୁ ନିଯୁକ୍ତ ମନ୍ତ୍ରୀମାନଙ୍କ ଅଧିକାର ଭୁକ୍ତ ନହୋଇ ତାଙ୍କ ସ୍ୱୟଂ ଅଧିକାରରେ ରହିବ। ଯେଉଁ ବିଭାଗମାନ ମନ୍ତ୍ରୀମାନଙ୍କ ଅଧୀନରେ ରହିବ ତାହା ମଧ୍ୟ ସ୍ୱାଧୀନ ନୁହେଁ। କାରଣ ସେ ବିଭାଗମାନଙ୍କରେ ମଧ୍ୟ ବଡ଼ଲାଟଙ୍କର ପୂର୍ଣ୍ଣ କର୍ତ୍ତୃତ୍ୱ ରହିବ। ତାଙ୍କ ଇଚ୍ଛାନୁସାରେ କାର୍ଯ୍ୟକରିବାର ବ୍ୟବସ୍ଥା ରହିଛି। ଏପରି ଭାରତର ଉନ୍ନତିବିଧାୟକ ସ୍ୱରାଜନୀତି ସ୍ୱାର୍ଥ ମନୋଭାବଯୁକ୍ତ ଏବଂ ସେମାନଙ୍କ ଉପରେ କର୍ତ୍ତୃତ୍ୱ ଭାର ଭାରତସରକାର ଏବଂ ପ୍ରାଦେଶିକ ସରକାରମାନଙ୍କର ମୋଟେ ରହୁନାହିଁ। ଏତଦ୍ଦୃଷ୍ଟିରେ ବର୍ତ୍ତିବ ଭଳି ବିଲାତରେଷ୍ଟେଟ ସେକ୍ରେଟେରୀଙ୍କ ହାତରେ, ତାପରେ ସ୍ୱତନ୍ତ୍ର ଗଠନର ବ୍ୟବସ୍ଥା ମଧ୍ୟ ସେ ଅତି ନିକଟରେ ହେବ ତାହାମଧ୍ୟ ଆଶାନାହିଁ। ଭାରତର ଜନ୍ମଭୂମି ସ୍ୱାଧୀନ ମଧ୍ୟରୁ ଅଧିକ ଏପରି ଏକାଧିକ ଯୋଗ ଦେବାର ଇଚ୍ଛା ପ୍ରକାଶ କରିଲେ ଏବଂ ଭାରତରେ ସରକାର ସେମାନଙ୍କ ପ୍ରତିଷ୍ଠାର ବ୍ୟବସ୍ଥାକଲେ ଆଉ ଭାରତ ସ୍ୱତନ୍ତ୍ର ଗଠନର ବ୍ୟବସ୍ଥା ହେବ। ଏହା ମଧ୍ୟ ସୁଦୂର ପରାହତ, କାରଣ ରାଜାମାନେ ଏପର୍ଯ୍ୟନ୍ତ ସେ କ'ଣ କରିବେ ତାହା ସ୍ଥିର କରିପାରି ନାହାନ୍ତି। ସେମାନଙ୍କ ମଧ୍ୟରେ ନାନାମତ ପ୍ରକାଶ ପାଇଛି। ଏପରି ଅବସ୍ଥାରେ କିପରି ଆଶା କରାଯାଇପାରେ ଯେ ଭାରତ ସ୍ୱତନ୍ତ୍ର ସଂଘ ଅତି ନିକଟରେ ପ୍ରତିଷ୍ଠିତ ହେବ? ଭାରତବ୍ୟବସ୍ଥାପକସଭାରେ ଭାରତର ଗଡ଼ଜାତ ରାଜା ମାନଙ୍କୁ ବହୁତ ଅଧିକ ସ୍ଥାନ ଦିଆଯାଇଛି। ଏପରିକି ସେମାନେ ଇଚ୍ଛା କଲେ ଏବଂ ବ୍ୟବସ୍ଥାପକ ସଭାର ଅନ୍ୟ କେତେକ ସମସ୍ତଙ୍କର ଲୋକଙ୍କ ସାହଚର୍ଯ୍ୟ ଗ୍ରହଣ କଲେ ଭାରତ ସରକାର ସ୍ୱଚ୍ଛ ଭାବରେ ନିଜ ଇଚ୍ଛାନୁସାରେ ଶାସନ କରିପାରିବେ।

---

## କଟକରେ ଜମିଦାରୀ ନିଲାମ

୨୨।୩।୩୭

ଗତ ଇଟବାର ମାନଙ୍କରେ ଯେଉଁ ଜମିଦାରମାନେ ଭୁବନସ୍ଥ ସରକାରୀ ଖଜଣାଖାନାରେ ଦାଖଲ ନକରିଥିଲେ ସେହି ମାନଙ୍କର ଜମିଦାରୀମାନ ଗତ ତା ୨୦ ଋଖରେ ନିଲାମ ହେବାର ସ୍ଥିର ହୋଇଥିଲା। ତା ୨୦ ଋଖରେ ନିଲାମ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କଲେକ୍ଟର ମାଜିଷ୍ଟ୍ରେଟ ଯେଉଁ ଜମିଦାରମାନେ ହାଜର ଥିଲେ ଏବଂ ଟଙ୍କା ଦାଖଲ କରିବାପାଇଁ ଆବେଦନ କରିଥିଲେ ସେହି ମାନଙ୍କୁ ଟଙ୍କା ଦାଖଲ କରିବାପାଇଁ ଅନୁମତି ଦେଇଥିଲେ। ତାପରେ ତା ୨୧ ଋଖରେ କେତେ ସ୍ଥାନର ଜମି ନିଲାମ ହୋଇଥିଲା। ଜମିଦାର ମାନଙ୍କର ବର୍ତ୍ତମାନ କି ଶୋଚନୀୟ ଅବସ୍ଥା ସେହିଦିନ ଆମ୍ଭେମାନେ ପ୍ରତ୍ୟକ୍ଷରେ ଦେଖିଲୁ। ଏତେ ଶସ୍ତାରେ ମାତ୍ର ମୂଲ୍ୟରେ ଜମିଦାରୀମାନ ମାଲିକମାନଙ୍କ ହସ୍ତଗତରେ ନିଲାମହୋଇ ଯାଉଥାଏ ଅଥଚ ସେମାନେ ପାରୁପର୍ଯ୍ୟନ୍ତ ଚେଷ୍ଟାକରି ଟଙ୍କା ପାଇଲେ ନାହିଁ। ଟଙ୍କା ଦାଖଲକରି ନିଲାମ ବନ୍ଦ କରିବାକୁ ୨୦୦ ଟଙ୍କା ରାଜସ୍ୱ ଦାଖଲର ଏକ ତାଲୁକ ୨୫୦ ଟଙ୍କା ମୂଲ୍ୟରେ, ୭୮ ଟଙ୍କା ରାଜସ୍ୱ ଦାଖଲର ଏକ ତାଲୁକ ୧୧୯ ଟଙ୍କାରେ ଗଲା। ଏହାପରେ ୨୧ ଏବଂ ୨୨ ତାରିଖରେ ଅନେକ ଗଲା। ୨୨ ତାରିଖରେ କଲେକ୍ଟର ସାହେବ କେତେକ ଲୋକଙ୍କ ଅନୁମତି ଦେଲେ ଟଙ୍କା ଦାଖଲ କରିବାକୁ। ପୁଣି କେତେ ଜଣଙ୍କୁ ଅନୁମତି ନଦେଇ ସେମାନଙ୍କ ତାଲୁକ ନିଲାମରେ ଦେଲେ। ନିଲାମ ସମୟରେ ମଧ୍ୟ ସମସ୍ତ ସମୟରେ ଆଉ ତାକୁ ଅପେକ୍ଷା ଅଧିକ ନିଲାମ ଶେଷ ହୋଇ ଯାଇଅଛି। ସେ ଯାହାହେଉ ଦେଶର ବର୍ତ୍ତମାନ କି ଦାରୁଣସମୟ ତାହା ଏହି ଜମିଦାରୀ ନିଲାମରୁ ଜଣାପଡୁଛି। ଯେଉଁ ଜମିଦାରୀର ପୂର୍ବେ ୧୦୦୦୦ ଟଙ୍କା ମୂଲ୍ୟ ଥିଲା ତାହା ୧୦୦୦ ଟଙ୍କାରୁ ବର୍ତ୍ତମାନ କେହି କିଣି କରିବାକୁ ଲାଗିଲେ। ପ୍ରଜାମାନେ କାଙ୍ଗାଳ, ଧାନର ମୂଲ୍ୟ ସାହା ସେଥିରେ ସେମାନଙ୍କ ଆମଦାନି ସମସ୍ତ ଫସଲ ବିକ୍ରୀକଲେ ମଧ୍ୟ ସେମାନଙ୍କ ଜୀବନ ଧାରଣ କରିବାକୁ ଆଉ ପାଇବା କଷ୍ଟକୁ ଉଠୁଛି। ଖଜଣା କେଉଁଠାରୁ ଦେବେ? ଜମିଦାରମାନେ ଅଧିକାଂଶ ଧାର କର୍ଜ ଶୁଣା ରୁଣ୍ଡ କରି କଳଙ୍କ ଦେଇ କଳକୁ

ତାଙ୍କଠାରେ ଶୁଣିଅଛି ଯେଉଁ କରୁଛନ୍ତି। ସେହି ମାନଙ୍କର ଏହିକି ପରିଣତି ସେମାନଙ୍କ ସାମନାରେ ସେମାନଙ୍କର ଅତିକଷ୍ଟର ସମ୍ପତ୍ତି ... କଲେ କି ତ ସମ୍ପତ୍ତି ଯାହା ମାତ୍ର ମୂଲ୍ୟରେ ନିଲାମହୋଇ ଯାଉଛି। ସମସ୍ତେ ନିସ୍ତେଜ ଓ ନିରୁତ୍ସାହ ହୋଇ ପଡ଼ିଲେଣି। ଏପରି କେତେ ଦିନ ଚାଲିବ? ଭଗବାନ ଏକମାତ୍ର ଭରସା।

---

## ଉତ୍କଳ ପ୍ରଦେଶର ସୀମା ସରକାର ଘୋଷଣା

### ବୃହତ୍ତର ଅଶାନ୍ତି ଶୂନ୍ୟ

ସରକାର ଗତ ତା ୧୭ ଋଖରେ ଉତ୍କଳର ସୀମା କ'ଣ ହେବ ତାହା ପ୍ରକାଶକଲେ। ବର୍ତ୍ତମାନ ସରକାର ପ୍ରସ୍ତାବ କରିଅଛନ୍ତି ଯେ ଓଡ଼ିଶା ଡିଭିଜନ (କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଅନୁଗୁଳ) ପଦ୍ମପୁର, ଖଡ଼ିଆଳ ଏବଂ ଗଞ୍ଜାମ ଜିଲ୍ଲାରୁ ସର୍ବମୋଟ ୩୦୦୦ ବର୍ଗମାଇଲ ଓଡ଼ିଶା ପ୍ରଦେଶର ସୀମା ଭୁକ୍ତହେବ, ପାରଳାଖେମଣ୍ଡି ଜୟପୁର ଫୁଲଝର, ସିଂହଭୂମ, ମେଦନୀପୁରର କେତେଭାଗ ବାଦ ପଡ଼ିଯାଉଛି। ସ୍ୱତନ୍ତ୍ର ପ୍ରଦେଶ ହେବ କିନ୍ତୁ ଯେଉଁ କେଶ୍ୱରୀଗଣପାଇଁ ଉତ୍କଳ ଆଜଯାଏ ଉଦ୍ୟମ କରାଇଥିଲା, ଯାହାପାଇଁ ଉତ୍କଳ ସମ୍ମିଳନୀର ସୃଷ୍ଟି ତାହା ହେବନାହିଁ, ସ୍ୱତନ୍ତ୍ର ପ୍ରଦେଶ ଭାବ ଉତ୍କଳରେ ଶୁଣୁ ଅଛନ୍ତି, ଏଟା ଗୋଟାଏ ଅଧିକା କଥାପରି ଲୋକଙ୍କ ମନରେ ଖେଳୁଥିଲା। କିନ୍ତୁ ପ୍ରତ୍ୟେକ ଓଡ଼ିଆର ପ୍ରାଣ କାନ୍ଦନ କରୁଥିଲା ଉତ୍କଳର ଛିନ୍ନ ବିଚ୍ଛିନ୍ନ ଅଂଶମାନଙ୍କୁ ଏକତ୍ରିତ କରିବାକୁ। ଉତ୍କଳର ସରକାର ଓଡ଼ିଶାର ବାହାରେ ପ୍ରଚାର ସନ୍ତାନମାନଙ୍କ ଦୁଃଖ, ଅପମାନ ଅପନୋଦନ କରିବା ଉଦ୍ଦେଶ୍ୟରେ ଏବଂ ତାର ସାହିତ୍ୟ, ଶିକ୍ଷା, ଦୀକ୍ଷା ରକ୍ଷା କରିବା ନିମନ୍ତେ ଏବଂ ସାରା ଉତ୍କଳକୁ ଏକତ୍ର କରି ସଫଳ କରିବାପାଇଁ ଏ ଉଦ୍ୟମ। କର୍ତ୍ତବ୍ୟବୋଧ ଉତ୍କଳବାସୀମାନଙ୍କର ଏହା ଏକମାତ୍ର ଉଦ୍ୟମ, ଏକମାତ୍ର ଅନ୍ତରର କାମନା ହୋଇପଡ଼ିଛି। ଉତ୍କଳ ତାର ସମସ୍ତ ଦୁଃଖ ପ୍ରକାଶ କାଳ ସରକାରଙ୍କୁ ସମ୍ପୂର୍ଣ୍ଣ ଭାବରେ ଜଣାଇଛି। ତାର ଅସୀମ ବିଶ୍ୱାସ ଥିଲା ବ୍ରିଟିଶ ସରକାରଙ୍କର ନ୍ୟାୟ ପରାୟଣତାରେ। କିନ୍ତୁ ଆଜ ତାର ସେ ଆଶାରେ ବଜ୍ରାଘାତ କାଣି ଶୁଣୁଛି। ତାର ସମସ୍ତ ଆଶା ଭରସାରେ କୁଠାରାଘାତ ହୋଇଛି। ଆଜ ତାର ହୃଦୟ ବେଦନାରେ ଜର୍ଜରିତ; କିନ୍ତୁ ବ୍ୟସ୍ତହେବାର ଚାଲିବା ହେବାର ସମୟ ଏ ନୁହେଁ। ଏହା କାର୍ଯ୍ୟକରିବାର ସମୟ। ଉତ୍କଳସ୍ୱ ନିଶ୍ଚେଷ୍ଟ ନହୋଇ ପୁଣି ମନରେ ଆଶାର ଦୀପ ଜଳାଇଦେଇ କେଶ୍ୱରୀଗଣପାଇଁ କାର୍ଯ୍ୟକ୍ରମ ସ୍ଥିରକରି କାର୍ଯ୍ୟରେ ବ୍ରତୀହେବା ଆମ୍ଭମାନଙ୍କର ଏହି କାମନା।

---

## ଆମେରିକାରେ ମଦ ପ୍ରସ୍ତୁତି ବ୍ୟବହାର ହେବ

ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତି ରୁଜଭେଲ୍ଟ ପ୍ରକାଶ କରିଛନ୍ତି ଯେ ଆମେରିକାରେ ମଦ ପ୍ରସ୍ତୁତି ବନ୍ଦ ହୋଇପାରିବ ଏବଂ ସମସ୍ତେ ବ୍ୟବହାର କରିପାରିବେ।

---

Digitized by srujanika@gmail.com

Split by PDF Splitter



# କଟକ ସମ୍ବାଦ

## ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଗିରଫ ହେଲେ

୨୫-୩-୩୩

ଆଜି ସକାଳେ ଉତ୍କଳର କଂଗ୍ରେସ ନେତା ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଗିରଫ ହେଲେ। ତାଙ୍କ ସହିତ ଅନ୍ୟ କେତେଜଣ କଂଗ୍ରେସ କର୍ମୀ ମଧ୍ୟ ଗିରଫ ହୋଇଛନ୍ତି। ଏମାନେ ସମସ୍ତେ କଲିକତା କଂଗ୍ରେସରେ ଯୋଗଦେବା ଉଦ୍ଦେଶ୍ୟରେ କଲିକତା ଯିବା ପାଇଁ ବାହାରି ଥିଲେ। ରାସ୍ତାରେ କଟକ ଟାଉନ ଥାନା ପୋଲିସ ଦ୍ୱାରା ନିରୁଦ୍ଧ ହୋଇଛନ୍ତି।

—:—

## ବେହାର ବ୍ୟବସ୍ଥାପକ ସଭାରେ ସ୍ୱତନ୍ତ୍ର ଉତ୍କଳ ପ୍ରସ୍ତାବ

ବେହାର ଓଡ଼ିଶା ବ୍ୟବସ୍ଥାପକ ସଭାରେ ଓଡ଼ିଶା ପ୍ରଦେଶର ସୀମା ଯାହା ସରକାର ସ୍ଥିର କରିଛନ୍ତି ତାହା ଅତ୍ୟନ୍ତ ଅସନ୍ତୋଷ ଜନକ ହୋଇଥିବାର ପ୍ରସ୍ତାବ ସର୍ବ ସମ୍ମତି କ୍ରମେ ଗୃହୀତ ହୋଇଅଛି।

———

## ପଟେଲ ଆୟାରଲ୍ୟାଣ୍ଡ ଗଲେ

ଭାରତ ବ୍ୟବସ୍ଥାପକ ସଭାର ଭୂତପୂର୍ବ ସଭାପତି ଏବଂ କଂଗ୍ରେସକର୍ମୀ ଶ୍ରୀଯୁକ୍ତ ଭି. ଜେ. ପଟେଲ ଆମେରିକାରେ ଭାରତର ବର୍ତ୍ତମାନ ରାଜନୈତିକ ଅବସ୍ଥା ପ୍ରଚାର ଉଦ୍ଦେଶ୍ୟରେ ଯାଇଥିଲେ। ସେଠାରେ ସେ ନାନାବ ସ୍ଥାନରେ ବକ୍ତୃତା ଦ୍ୱାରା ଏ ସବୁ ବିଷୟ ଆମେରିକା ବାସିମାନଙ୍କୁ ଜଣାଇ ଦେଇ ଫେରି ସେଠାରୁ ଆୟାରଲ୍ୟାଣ୍ଡର ରାଜଧାନୀ ଡବଲିନ ସହରକୁ ଯାଇଅଛନ୍ତି। ଆୟାରଲ୍ୟାଣ୍ଡର ରାଷ୍ଟ୍ରପତି ମି, ଡି, ଭେଲେରାଙ୍କ ସହିତ ଭାରତ ବିଷୟରେ କେତେକ ପରାମର୍ଶ ସେଠାରେ ସେ କରିବେ ବୋଲି ପ୍ରକାଶ। ସେଠାରୁ ସେ ଭାରତକୁ ପ୍ରତ୍ୟାବର୍ତ୍ତନ କରିବେ। ସେ ବର୍ତ୍ତମାନପ୍ରକାଶିତ ଭାରତ ଶାସନ ସଂସ୍କାର ଇସ୍ତାହାରରେ ଖୁବ ଅସନ୍ତୋଷ ପ୍ରକାଶ କରିଛନ୍ତି ସେ ଭାରତକୁ ଫେରି ତାଙ୍କୁ ପୁଣି ଜେଲ ଯିବାକୁ ହେବ।

———

## ବୋମ୍ବେ ପ୍ରାଦେଶିକ ଲାଟ ଡେଭିଡସନ ସାହେବ ହେବେ

ଲଣ୍ଡନର ତା ୧୮ ରିଖ ସମ୍ବାଦରୁ ପ୍ରକାଶ ଯେ ବୋମ୍ବାଇର ବର୍ତ୍ତମାନ ଲାଟ ସାର୍ ଫ୍ରେଡେରିକ ସାଇକସଙ୍କ କାର୍ଯ୍ୟକାଳ ନିକଟରେ ଶେଷ ହେବ। ତାଙ୍କ ପରେ ତାଙ୍କ ସ୍ଥାନରେ ବିଲାତରୁ ମି, ଜେ. ସି. ସି. ଡେଭିଡସନ ଲାଟହୋଇ ଆସିବେ। ଏଥିପୂର୍ବେ ଏ ମହାଶୟ ଭାରତର ରାଜ୍ୟ ଅନୁସନ୍ଧାନ କମିଟିର ସଭାପତି ରୂପେ ଭାରତ ଆଗମନ କରିଥିଲେ।

———

# ବାଙ୍କିରେ ନୂଆ ରାସ୍ତା

ବାଙ୍କି ଠାରୁ କୁଲପିଥୁର ବାଟେ ଏକ ରାସ୍ତା ଖୋର୍ଦ୍ଧାକୁ ଅଛି। ତାହା ଜଙ୍ଗଲ ଏବଂ ତାହା ମଧ୍ୟରେ ଛୋଟ ଛୋଟ ନଦୀ ମଧ୍ୟ ଅଛି। ସେହି ନଦୀର ପୋଲ ନିର୍ମାଣ ଏବଂ ରାସ୍ତା ପକ୍କା କରିବା ପାଇଁ ଜିଲ୍ଲାବୋର୍ଡ଼ ଅର୍ଥାଭାବରୁ ଅନେକ ଦିନରୁ ଇଚ୍ଛା ଥାଇ ମଧ୍ୟ କିଛି କରିପାରୁ ନଥିଲେ। ବର୍ତ୍ତମାନ ପ୍ରକାଶ ଯେ ଜିଲ୍ଲାବୋର୍ଡ଼ର ସରକାରୀ ମେମ୍ବର ଏବଂ ବାଙ୍କିର ଡେପୁଟି କଲେକ୍ଟର ରାୟସାହେବ ଫକୀରନାଥ ଗୁପ୍ତଙ୍କ ଚେଷ୍ଟାରେ ଏବଂ ସ୍ଥାନୀୟ ଲୋକଙ୍କ ସାହାଯ୍ୟ ଏବଂ ଜିଲ୍ଲାବୋର୍ଡ଼ରୁ ଯଥାକିଞ୍ଚିତ ଟଙ୍କା ମଞ୍ଜୁରିରେ ସେ ରାସ୍ତାର ଉନ୍ନତି କାର୍ଯ୍ୟ ଆରମ୍ଭ ହୋଇଛି। ପୋଲ ନିର୍ମାଣଠାରୁ ରାସ୍ତାର ବର୍ଦ୍ଧନ ବାବଦ ସମସ୍ତ କାର୍ଯ୍ୟ ଆରମ୍ଭ ହୋଇଛି।

ଡମପଡ଼ା ଗଡ଼ ଠାରୁ ଖୋର୍ଦ୍ଧା ହାଲଦିଆ ଗଡ଼ ପର୍ଯ୍ୟନ୍ତ ଏକ ପକ୍କା ରାସ୍ତା ମଧ୍ୟ ଫକୀରବାବୁଙ୍କ ଉଦ୍ୟମରେ ଡମପଡ଼ା ରାଜ ସରକାର ତରଫରୁ ହୋଇ ସାରିଲାଣି। ଫକୀରବାବୁଙ୍କର ଏ ଦିଗରେ ଉଦ୍ୟମ ପ୍ରଶଂସନୀୟ।

———

## ଭାରତ ଜାତୀୟ ମହାସଭା କଂଗ୍ରେସ ବୈଠକ

କଂଗ୍ରେସର ବର୍ତ୍ତମାନ ସଭାପତି ମିଃ. ଏମ୍. ଏସ୍. ଆନେ କଂଗ୍ରେସର ଆଗାମୀ ବାର୍ଷିକ ବୈଠକରେ ଶ୍ରୀଯୁକ୍ତ ପଣ୍ଡିତ ମଦନମୋହନ ମାଳବ୍ୟଙ୍କୁ ସଭାପତି କରିବାର ସ୍ଥିର କରିଛନ୍ତି। କଂଗ୍ରେସର ଆଗାମୀ ବୈଠକ କଲିକତାରେ ହେବ ବୋଲି ପ୍ରକାଶ।

ଏହାମଧ୍ୟରେ ବଙ୍ଗ ସରକାର କଂଗ୍ରେସ ବୈଠକକୁ ବେଆଇନ ଘୋଷଣା କରିଛନ୍ତି।

———

## କଟକର ରାଜକର୍ମଚାରୀଙ୍କ ପରିବର୍ତ୍ତନ

ଫିଲିପ ସାହେବଙ୍କ ସ୍ଥାନରେ କଟକର ବର୍ତ୍ତ-ମାଜିଷ୍ଟ୍ରେଟ ମିଃ ହର୍ଣ୍ଣେଲ କମିଶନର ହେଲେ।

କଟକର ମାଜିଷ୍ଟ୍ରେଟ ମିଃ ହର୍ଣ୍ଣେଲଙ୍କ ସ୍ଥାନରେ ମିଃ ବି. ସି. ମୁଖାର୍ଜି ମାଜିଷ୍ଟ୍ରେଟ ହେଲେ।

ଅନୁଗୁଳର ପୁଲିସ ସାହେବ ମିଃ ମିଲଟନ କଟକର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ହେଲେ। ଖାଁ ବାହାଦୁର ଜଲିଓ୍ୱାର ଅଲି ସଦର ସବ-ଡିଭିଜନାଲ ଅଫିସର ହେଲେ। କେନ୍ଦ୍ରାପଡ଼ାର ସବଡିଭିଜନାଲ ଅଫିସର ମିଃ ଜୋନସ ୮ମାସ କାର୍ଯ୍ୟରୁ ଅବସର ଗ୍ରହଣ କଲେ। ତାଙ୍କ ସ୍ଥାନରେ ସମ୍ବଲପୁରରୁ ବାବୁ ଗଣେଶଚନ୍ଦ୍ର ଚନ୍ଦ, କେନ୍ଦ୍ରାପଡ଼ା ସବ ଡିଭିଜନାଲ ଅଫିସର ହୋଇଆସିଲେ।

———

## ବିହାର ଲାଟଙ୍କ ଓଡ଼ିଶା ଗସ୍ତ

ବେହାର ଓଡ଼ିଶାର ଲାଟ ତାଙ୍କ ପତ୍ନୀ ଏବଂ କନ୍ୟାଙ୍କ ସହ ଏପ୍ରିଲ ପ୍ରଥମରେ ପୁରୀ ଆସିବେ ଏବଂ ତା ୮ ରିଖ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରିବେ। ଏପ୍ରିଲ ତା ୭ ରିଖରେ କଟକ ଆଗମନ କରି ସେହିଦିନ ପୁଣି ସନ୍ଧ୍ୟାରେ ପୁରୀ ଫେରିଯିବେ।

———

# ସୀମା ନିରୂପଣ

## ଜୟପୁର

ଜୟପୁର ରାଜ୍ୟ ଓଡ଼ିଶାରୁ ଅଲଗା ନାହିଁ। ଏହାର କ୍ଷେତ୍ରଫଳ ୧୧୦୦୦ ବର୍ଗ ମାଇଲରୁ ବେଶି। ଲୋକସଂଖ୍ୟା ୧୧ ଲକ୍ଷରୁ ବେଶିହେବ। ଓଡ଼ିଶା ସୀମାକମିଟି ଏହା ମିଶିବା ସପକ୍ଷରେ ମତ ଦେଇଥିଲେ, ୧୯୩୩ ରେ ଡଙ୍କନସାହେବ ଲାଟ ଥିବାବେଳେ ମଧ୍ୟ ଏହା ମିଶିବାର କଥା ହୋଇଥିଲା। ସରକାରଙ୍କର ଇସ୍ତାହାରରେ ଜୟପୁର ରାଜ୍ୟକୁ ଓଡ଼ିଶାରୁ ବାଦ ଦିଆଯାଇଅଛି ବୁଝି ପାରୁନାହୁଁ। ଏଠାରେ ଓଡ଼ିଆଲୋକେ ଅର୍ଦ୍ଧାଂଶରୁ ବେଶି। ଅନ୍ୟାନ୍ୟମାନଙ୍କ ମଧ୍ୟରୁ ଜଣ ପ୍ରକୃତ ଅଦିମ ଜାତି ଯେ ଅଛନ୍ତି ସେମାନେ—ଓଡ଼ିଆ ଭାଷା ବ୍ୟବହାର କରନ୍ତି। ତେଲୁଗୁ ସଂଖ୍ୟା ଅତି କମ। ବୋଧହୁଏ ଜୟପୁର ଓଡ଼ିଶାକୁ ଆସିଲେ ୧୦ଲକ୍ଷ ଟଙ୍କା ଅଣ୍ଟ ଗାର୍ଡ଼ କେନ୍ଦ୍ର ସରକାରଙ୍କୁ ଓଡ଼ିଶାକୁ ଦେବାକୁ ପଡ଼ନ୍ତା, ଓ ଜୟପୁରରୁ ଓଡ଼ିଶାକୁ ଗମନାଗମନର ସୁବିଧା ନାହିଁ ଏହିହେତୁ ଏହାକୁ ବାଦ ଦିଆଯାଇଅଛି। କିନ୍ତୁ ଓଡ଼ିଆମାନେ ସ୍ୱନଷ୍ଟ ପ୍ରଦେଶ ଉପରେ ଯେତେ ନଜର କରୁଥିଲେ ଦେଶମଣ୍ଡଳ ଉପରେ ତା ଅପେକ୍ଷା ବହୁଗୁଣରେ ନଜର କରୁଥିଲେ। ଓଡ଼ିଆ ଜାତିକୁ ଖଣ୍ଡ ବିଖଣ୍ଡିତ କରି ପ୍ରଦେଶ ଦେବା ସମୀଚୀନ ହୋଇନାହିଁ। ଗମନାଗମନ ପଥ ପ୍ରାଦେଶିକ ସରକାର ଠିକ କରିବାର କଥା। ଗମନାଗମନ ସୁବିଧା ଅସୁବିଧା ଏପକ୍ଷରେ ଅନ୍ତରାୟ ନୁହେଁ। ଓଡ଼ିଆ ଜାତିଙ୍କପାଇଁ ସ୍ୱତନ୍ତ୍ର ପ୍ରଦେଶ ଭବିଷ୍ୟତରେ ସରକାର ଗଢ଼ିବେ ବୋଲି ଏପରି ଏକ କଳ୍ପନାରେ ସରକାର ଏ ସୀମା ନିର୍ଦ୍ଦେଶ କରିଅଛନ୍ତି ଜଣାପଡ଼ୁନାହିଁ। ଏ ବିଷୟର ସମାଲୋଚନା ପରେ ପୁନର୍ବାର ଆମ୍ଭେମାନେ କରିବୁ।

———

## କାଠଯୋଡ଼ି ନଦୀ ଜଳ

କଟକର ଉତ୍ତର ପଟରେ ନଦୀ ଥିଲେ ମଧ୍ୟ ସହରର ଦକ୍ଷିଣ ପଟ କାଠଯୋଡ଼ି ନଦୀରେ ସହରର ଅଧିକାଂଶ ଲୋକଙ୍କର କାରବାର। ଗାଧୋଇବା, ପିଇବା, ଇତ୍ୟାଦି ସମସ୍ତ କାର୍ଯ୍ୟ ଏ ନଦୀରେ ଲୋକମାନଙ୍କର ହୁଏ। କିନ୍ତୁ କେତେକ ବର୍ଷ ହେଲା ନଦୀଟି ବାଲି ପୂର୍ଣ୍ଣ ହୋଇ ଜଳ ଶୁଷ୍କହୋଇ ପଡ଼ୁଛି। ଅଳ୍ପ ପାଣି ଏତେ ଲୋକ ବ୍ୟବହାର କରିବାରୁ ପାଣିର ଅବସ୍ଥା ମଧ୍ୟ ବିଶେଷ ଖରାପ ହୋଇ ପଡ଼ୁଛି ଏବଂ ଆମ୍ଭେମାନେ ମନେକରୁ ନାନାଦି ସଂକ୍ରାମକ ରୋଗର ଉତ୍ପତ୍ତିର କାରଣ ହେଉଅଛି। ଏ ବିଷୟରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଅତ୍ୟନ୍ତ ପ୍ରୟୋଜନ। ଲୋକ ସାଧାରଣଙ୍କର ନଦୀ ଜଳ ବ୍ୟବହାର କରିବା ଏତେ ଅଭ୍ୟାସ ହୋଇ ପଡ଼ିଛି ଯେ ନଦୀ ଜଳ ଯେତେ ଦୂଷିତ ହେଲେ ମଧ୍ୟ ସେମାନେ ବ୍ୟବହାର ଛାଡ଼ିପାରନ୍ତେ ନାହିଁ। ଏପରି ଅବସ୍ଥାରେ ଜଳ ଯେପରି ଦୂଷିତ ନ ହେବ ଏବଂ ସହରବାସି ପରିଷ୍କାର ବ୍ୟବହାରଯୋଗ୍ୟ ଜଳ ପାଇବେ ତାହା କର୍ତ୍ତୃପକ୍ଷ ବ୍ୟବସ୍ଥା କରିବା ନିହାତ ଦରକାର।

———

Digitized by srujanika@gmail.com

Split by PDF Splitter



# ପାତିଆଲା

## ସଢ଼େଇକଳା ବିଭାଗର

ପାତିଅଲା ମହାରାଜାଙ୍କ ସ୍ୱର୍ଗତଙ୍କ ସମ୍ପତ୍ତି ଓଡ଼ିଶାର ଜୀବନକାଳର ମହିଁଆ ଚେହେରାଙ୍କ ସମ୍ପତ୍ତି ଶାସନର ଗତ ସପ୍ତାହରେ ସଢ଼େଇକଳାରେ ଅନୁଷ୍ଠିତ ହୋଇ ଯାଇଅଛି। ଭୁଲଥିବାରୁ ଏ ସମ୍ପତ୍ତିରେ ବିଶେଷ ସାଢ଼କମକର ଅସ୍ୱୋଚକ ହୋଇଥିଲା। ଏ ଲର୍ଡ୍ୟାରର ମହାରାଜା ଏବଂ ଦେଓ୍ୱାନଙ୍କର ସ୍ପୃହା ସାହେବ ଯୋଗ ଦେଇଥିଲେ। ଭାରତର ସ୍ୱରଅଞ୍ଚ ଅନେକ ସାହେବ ମଧ୍ୟ ନିମନ୍ତ୍ରିତ ହୋଇ ଆସିଥିଲେ।

## ଭାରତ ସରକାରଙ୍କର ନୂଆ ଆଇନ ସଚିବ

ଭାରତ ସରକାରଙ୍କର ସ୍ଥାୟୀ ଆଇନ ମନ୍ତ୍ରୀ ସାର, ବି, ଏଲ, ମିତ୍ର ଗ୍ଳାଣମାସ ଛୁଟି ନେଇ ବିଲାତ ଯାତ୍ରା କରୁଥିବାରୁ ତାଙ୍କ ସ୍ଥାନରେ ଅସ୍ଥାୟୀଭାବରେ କଲିକତା ହାଇକୋର୍ଟର ଭୂତପୂର୍ବ ଜଜ ସାର ଶ୍ରୀପତି ରଞ୍ଜନ ଘୋଷ ଆଇନ ମନ୍ତ୍ରୀ ହେଲେ।

## ଇଂଲଣ୍ଡ ଋଷିଆ କଳହ

ବିଲାତର ମେଟ୍ରୋପଲିଟାନ ଭିକ୍ଟରଙ୍କ ନାମରେ ଏକ କମ୍ପାନୀ ଋଷିଆର ରାଜଧାନୀ ମସ୍କୋ ସହରରେ ବ୍ୟବସାୟ କରୁଥିଲେ। ଋଷିଆର ସରକାର ସେହି କମ୍ପାନୀର ବିଲାତୀ ଇଞ୍ଜିନିୟର ଦଳର ଲୋକମାନଙ୍କୁ ଗିରଫ କରି ଅଟକାଇ ଅଛନ୍ତି। ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଯେ ଋଷିଆ ସରକାରଙ୍କର ପ୍ରତିଷ୍ଠିତ ବିଜୁଳି କଳର କାରଖାନାକୁ ସେମାନେ ନଷ୍ଟ କରିବାକୁ ଚେଷ୍ଟା କରୁଥିଲେ। ବିଲାତର ଲୋକସାଧାରଣ ଏବଂ ସରକାର ଏ ଘଟଣା ଯୋଗୁଁ ଅତ୍ୟନ୍ତ ଉତ୍ତେଜିତ ହୋଇଥିବାର ପ୍ରକାଶ। ବିଲାତ ସରକାର ଋଷିଆ ସରକାରଙ୍କଠାରୁ ଏ ଅଭିଯୁକ୍ତ ଲୋକମାନଙ୍କ ବିଷୟରେ ଖବର ମଗାଇଥିଲେ। ଋଷିଆ ସରକାରଙ୍କ ତରଫରୁ ଖବର ମିଳିଲା ଯେ ସେ ସବୁ ଲୋକଙ୍କ ବିରୁଦ୍ଧରେ ଯାହା ଅଭିଯୋଗ ସେଥିରେ ସେମାନେ ମୃତ୍ୟୁଦଣ୍ଡ ପାଇବାର ସମ୍ଭବ।

## ଜିଲ୍ଲାବୋର୍ଡ ନିର୍ବାଚନ

ଶୁଣାଯାଉଛି ଜିଲ୍ଲାବୋର୍ଡମାନଙ୍କର ନିର୍ବାଚନ ଏବର୍ଷ ସ୍ଥଗିତ ରହିଯାଇ ଆଗାମୀ ବର୍ଷ ହେବ। ଭୋଟର ଲିଷ୍ଟ ହୋଇ ନ ଥିବାରୁ ଏହା କରାଯାଉଅଛି।

## କଟକରେ ହଇଜା ଏବଂ ବସନ୍ତ

ହଇଜା ଗତ ସପ୍ତାହଠାରୁ କଟକରେ ବିଶେଷ ଭାବରେ ସଞ୍ଚାରିତ ହୋଇଛି। ଚାଲମଠ ପଞ୍ଚଅଛିଆ, ବଣିହାଟ, ଚୌଧୁରୀ ବଜାର ପ୍ରଭୃତି ସ୍ଥାନରେ ବିଶେଷ ଭାବରେ ଲାଗିଛି। ବସନ୍ତର ପ୍ରାଦୁର୍ଭାବ ମଧ୍ୟ ପୂର୍ବପରି। ସ୍ୱଦେଶୀ ମଫସଲରେ ମଧ୍ୟ ଖୁବ ଭୀଷଣ ଭାବରେ ହଇଜା ଏବଂ ବସନ୍ତ ଲାଗିଛି। ମ୍ୟୁନିସିପାଲିଟି ଏବଂ ଜିଲ୍ଲାବୋର୍ଡ ଏ ବିଷୟରେ ଚିନ୍ତିତ ହେବା ଆବଶ୍ୟକ।

# ସାର ମେକ୍ସାମ

## ପରାମର୍ଶ ଦେବେ

## ଛତାରିକାରୀର ଲାଟ ହେବେ

ଯୁକ୍ତପ୍ରଦେଶର ସାର ମେକ୍ସାମହେଲ ବର୍ତ୍ତମାନରେ ଭାରତଶାସନ ସଂସ୍କାର ବିଷୟରେ ବିଲାତ ସରକାରଙ୍କ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଆଗାମୀ ଏପ୍ରିଲ ପରେ ବିଲାତ ଯିବେ, ଭାରତରେ ଥିବା ସିଭିଲସର୍ଭିସ ଅଫିସରମାନଙ୍କ ମଧ୍ୟରେ ସାର ମେକ୍ସାମହେଲ ସବୁଠାରୁ ବିଚକ୍ଷଣ ଏବଂ ତାଙ୍କ ପରାମର୍ଶ ବର୍ତ୍ତମାନ ଅବସ୍ଥାରେ ଖୁବ ଆବଶ୍ୟକୀୟ, ଏହି ଉଦ୍ଦେଶ୍ୟରେ ସରକାର ତାଙ୍କୁ ବିଲାତ ନେଉ ଯାଉଛନ୍ତି।

ତାଙ୍କ ସ୍ଥାନରେ ଯୁକ୍ତପ୍ରଦେଶ ସରକାରଙ୍କ ସର୍ବସିଲ ମେମ୍ବର ମାନ୍ୟବର କୁମାର ଜଗଦୀଶପ୍ରସାଦ ଯୁକ୍ତପ୍ରଦେଶର ଲାଟ ହେବେ। ପୂର୍ବେ ସାର ଅଲେକଜାଣ୍ଡାର ମୁଢ଼ିମାନ ଛୁଟିରେ ଯିବା ସମୟରେ ଅସ୍ଥାୟୀଭାବରେ ଛତାରିର ନବାବ ଲାଟ ହୋଇଥିଲେ।

କୁମାର ଜଗଦୀଶପ୍ରସାଦ ଯୁକ୍ତପ୍ରଦେଶ ସରକାରଙ୍କର ସରୋଲ ମେମ୍ବର ହେଲେ। ସମ୍ଭବତଃ ୪ମାସ ପରେ ସାର ମାଲକମ ଭାରତକୁ ଫେରିବେ।

## କଟକ ମ୍ୟୁନିସିପାଲିଟି ଓ ଲୁଗା କଚା

ଶୁଣିଲୁ କଟକ ମ୍ୟୁନିସିପାଲିଟି କଟକର ଧୋବାମାନଙ୍କୁ ହୁକୁମ ଦେଇଛନ୍ତି ଯେ ସେମାନେ ସେଯେତ ସହର ଭିତରେ ଲୁଗା ନ କାଚନ୍ତି। ଆଗରୁ ଧୋବାମାନେ ମନ ଇଚ୍ଛା ନଦୀରେ ଲୁଗା କାଚୁଥିଲେ। କେତେକ ବର୍ଷତଳେ ମ୍ୟୁନିସିପାଲିଟି ସେମାନଙ୍କୁ ମନ ଇଚ୍ଛା ନଦୀରେ ସବୁଆଡ଼େ ନ କାଚି ଏକ ସାଗରେ ନିର୍ଦ୍ଦିଷ୍ଟ ଘାଟଠାରେ କାଚିବାକୁ ହୁକୁମ କଲେ। ସେହି ଦିନଠାରୁ ସେହିଠାରେ ଲୁଗାକଚା ହେଉଅଛି। ବର୍ତ୍ତମାନ ମ୍ୟୁନିସିପାଲିଟି ସେମାନଙ୍କୁ ଅଳ୍ପ ଦୂରକୁ ଯିବାର ବ୍ୟବସ୍ଥା କରୁଥିବାର ପ୍ରକାଶ। ଧୋବାମାନଙ୍କର ଏଥିଯୋଗୁଁ ବିଶେଷ କଷ୍ଟ ହେବ ବୋଲି ବୋଧହୁଏ। ଶୁଣିଲୁ ସେମାନେ ବର୍ତ୍ତମାନ ସ୍ଥିର କରିଛନ୍ତି ଯେ ଲୁଗା କଚାର ମୂଲ୍ୟ ସେମାନେ ବୃଦ୍ଧି କରିଦେବେ। ସେମାନଙ୍କୁ ଲୁଗା କାଚିବାକୁ ବେଶି ଦୂରକୁ ଯିବାକୁ ହେବାରୁ ସେମାନେ ଖର୍ଚ୍ଚରେ ବେଶି ହେବ ପ୍ରତ୍ୟେକ ନ ଯାଇପାରି ସେହି ଦୂର ସ୍ଥାନକୁ ଯିବାକୁ ବାଧ୍ୟ ହେବେ ନରୁଚା ଏଥିକି ସଂଖ୍ୟକ ଲୋକ ଲଗାଇବେ। ଏହା ବ୍ୟୟସାପେକ୍ଷ। ଏହି କାରଣରୁ ସେମାନେ ତାଙ୍କ ଲୁଗା କଚାର ହାର ବଢ଼ାଇବେ ବୋଲି ଶୁଣିଲୁ। ପୂର୍ବ ଘାଟଠାରେ ସେହିଠାରେ ଧୋବାମାନେ ଲୁଗା କାଚନ୍ତି ତା ସେପଟେ ସାଧାରଣତଃ କେହି ସ୍ନାନ ଇତ୍ୟାଦି କରନ୍ତି ନାହିଁ, ଏପରି ଅବସ୍ଥାରେ ସେମାନେ ସେଠାରେ ଲୁଗା କାଚିଲେ କୌଣସି କ୍ଷତି ହେବାର ସମ୍ଭାବନା ନାହିଁ, ଆଶାକରୁଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ଏ ବିଷୟରେ ପ୍ରତିବିଧାନ କରିବେ।

# ଜର୍ମାନ ରାଜ୍ୟରେ

## ଖଜଣା ମାଫ

ଜର୍ମାନର ନୂଆ ନାତ୍ସିସରକାର ସେଠା ପ୍ରଜା ସାଧାରଣଙ୍କର ଆର୍ଥିକ ଅବସ୍ଥା ଦୃଷ୍ଟିରେ ଖଜଣା ଉଣା କରିଦେବାର ବ୍ୟବସ୍ଥା କରୁଛନ୍ତି।

## ଜେଲରଙ୍କ ନାମରେ ଅଭିଯୋଗ

କଟକର ଭୂତପୂର୍ବ ଜେଲର ତାଙ୍କ କାର୍ଯ୍ୟକାଳ ମଧ୍ୟରେ କେତେ ଶହ ଏ ଟଙ୍କା ଅନ୍ୟାୟ କରିଥିବାର ଅଭିଯୋଗ ହୋଇଛି। ଡେପୁଟି ମାଜିଷ୍ଟ୍ରେଟ ଦାସଙ୍କ ଇଜଲାସରେ ତାଙ୍କ ମକଦ୍ଦମା ବିଚାର ହୋଇ ତାଙ୍କୁ ଏକ ବର୍ଷ ଜେଲ ଦୁଇଶହ ଟଙ୍କା ଜୋରିମାନା ହୋଇଛି।

## ସ୍ୱତନ୍ତ୍ର ପ୍ରଦେଶ

## ଉଦ୍ଯୋକ୍ତାମାନଙ୍କ ଉଦ୍ୟମ

## କଟକରେ ସଭା

### ସରକାରଙ୍କ କାର୍ଯ୍ୟର ନିନ୍ଦା

ଉତ୍କଳ ସ୍ୱତନ୍ତ୍ର ସୀମା ପ୍ରକାଶ ପାଇବା ପରେ (୧୮ ଇଣ ମାର୍ଚ୍ଚ) କଟକ ଟାଉନ ହଲରେ ସ୍ୱତନ୍ତ୍ର ପ୍ରଦେଶ ଉଦ୍ଯୋକ୍ତାମାନଙ୍କର ଏକ ସଭା ହୋଇଥିଲା, ସଭାରେ ପ୍ରାୟ ଦୁଇ ହଜାର ଲୋକ ଉପସ୍ଥିତ ଥିଲେ। ଏ ସଭାରେ ଉତ୍କଳର ଦାବି ଅନୁଯାୟୀ ଉତ୍କଳଭାଷୀ ସ୍ଥାନମାନଙ୍କୁ ଉତ୍କଳ ପ୍ରଦେଶର ସୀମାଭୁକ୍ତ ନ କରିଥିବାରୁ ସରକାରଙ୍କୁ ଜଣାଇ ଦେବାର ବ୍ୟବସ୍ଥା ହୋଇଥିଲା ଯେ ଓଡ଼ିଶାବାସୀ ସରକାରଙ୍କ ଏପ୍ରକାର କାର୍ଯ୍ୟ ଏବଂ ମନୋଭାବରେ ବ୍ୟଥିତ। ନାନାଦି ବକ୍ତା ନାନା ଭାବରେ ତାଙ୍କ ମାନସିକ ବ୍ୟଥା ପ୍ରକାଶ କରିଥିଲେ ଓ ଅନ୍ତିମ ଭାବରେ କହିଲେ ସରକାର ପୁଣି ସୀମା ବିଷୟ ପୁନର୍ବିଚାର କରିବାକୁ ବାଧ୍ୟ ହେବେ ତାର କୌଣସି ଉପାୟ କେହି କହି ସ୍ଥିର କରି ପ୍ରକାଶ କରିପାରିଲେ ନାହିଁ। ଅବ ପୁଣି ଘୋଷଣା ବିରୁଦ୍ଧ ସଭା ହୋଇ ସେ ବିଷୟ ପୁନର୍ବିଚାର କରାଯିବ।

## ସାର ରମନ କଲିକତା ଛାଡ଼ିଲେ

ପ୍ରସିଦ୍ଧ ବୈଜ୍ଞାନିକ ସାର ସି. ଭି. ରମନ ତାଙ୍କର ବୈଜ୍ଞାନିକ ଆବିଷ୍କାର ପାଇଁ ଗତବର୍ଷ ନୋବେଲ ପୁରସ୍କାର ପ୍ରାପ୍ତ ହୋଇଥିଲେ। ପ୍ରାୟ ୧୫ ବର୍ଷ ହେବ ସେ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସେଠାରୁ ସେ ବିଦାୟ ନେଇ ବାଙ୍ଗାଲୋର ଯାଇଛନ୍ତି। ସେଠାରେ ସେ ବିଜ୍ଞାନ ବିଦ୍ୟାଳୟର ସମ୍ପାଦକ ଭାବରେ କାର୍ଯ୍ୟ କରିବେ।

## ଭାରତ ବ୍ୟବସ୍ଥାପକ ସଭାର ସଭାପତି ଏବଂ ସହକାରୀ ସଭାପତି

ମିଃ ସନ୍ମୁଖମ୍ ଚେଟି ଅପ୍ରତିଦ୍ୱନ୍ଦ୍ୱ ଭାବରେ ସଭାପତି ଏବଂ ମିଃ ଅବଦୁର ମାଟିନ ଚୌଧୁରୀ ସହକାରୀ ସଭାପତି ହେଲେ।

Digitized by srujanika@gmail.com

Split by PDF Splitter




୮୬    ୧।୨।୩୩

# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

## ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ

### ଘଟଶିଲା

ଆମ୍ଭେ ଟ ୩୦ ୧ ଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ଷ ଟେଲରିଂ; ଟ ୨୫ ୧ ଙ୍କା ନେଇ ୬ ସପ୍ତାହରେ ସୁର୍କୋର୍ଷ ଫଟୋଗ୍ରାଫ୍, ଟ ୩୦ ୧ ଙ୍କା ନେଇ ଏକମାସରେ ନାନା ରକମ ସାବୁନ ଓ ନାମ ମାକ ଫ ନେଇ କାଳି, ଡେଶଲେନ ପ୍ରଭୃତି ନାନା ରକମ ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଉଥାଉଁ; ଅଳ୍ପ ସମୟରେ ଉଚ୍ଚାର ଲୁଗା ଦେଇ ଜଟିଂ ଓ ସେଲାଇ ଶିକ୍ଷା ଦେଉଥାଉଁ। ବାସସ୍ଥାନ ପାଇଁ ଏବଂ ରୋଗାଦି ହେଲେ ଡାକ୍ତର ଓ ଔଷଧ ଲାଗି ଏତ୍ପଲଷା ସୁବା ଲାଗେ ନାହିଁ। ଜଳବାୟୁ ଉତ୍ତମ। ଏଠାରେ ଶିକ୍ଷା ସମାପନେ ଅନ୍ୟର ଅଧୀନ୍ୟ ନ ନେଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ। ଅନୁସନ୍ଧାନ କଲେ ଜାଣିପାରିବେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ। ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୬ ମାଇଲ ଦୂରରେ ଅବସ୍ଥିତ। ସେଥିପାଇଁ ସର୍ବଦା ସ୍ୱାସ୍ଥ୍ୟ ରହୁଛି। ବିସ୍ତାରିତ ବିବରଣ ପାଇଁ ଟ ୦ ୯ ଡାକ ଷ୍ଟାମ୍ପସହ ପତ୍ର ଲେଖନ୍ତୁ।

ଦେବରାଜ ଟେଲରିଂ ଏଣ୍ଡ୍ ଇଣ୍ଡଷ୍ଟ୍ରିୟଲ ଇନଷ୍ଟିଚ୍ୟୁସନ୍
ପୋ: ଘଟେଶିଲା, ଘାଟଶିଲା, ଜିଲ୍ଲା ସିଂହଭୂମ

୮୬    ୧।୨।୩୩

# ଗୋବର, କୋରଣ୍ଡ ଓ ଏକଶିରାର

## ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋବର ଗୋଡ଼ କୋରଣ୍ଡ ଓ ଏକଶିରା ହୋଇ ନା କାହିଁକି ଏକମାସ ମଧ୍ୟରେ ନିଶ୍ଚୟ ଭଲ ହେବ। ଭଲ ନ ହେଲେ ମୂଲ୍ୟ ଫେରସ୍ତ ଦିଆଯିବ। ପ୍ରତ୍ୟେକର ମୂଲ୍ୟ ଟ ୧୮/ ଟଙ୍କା।

ଡାକମାସୁଲ ସ୍ୱତନ୍ତ୍ର
ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ଘଟେଶିଲା
ଘାଟ୍ସା-ଶିଳ । ସିଂହଭୂମ ଜିଲ୍ଲା



୮୨    ୨୫।୩।୩୩

# ବେଙ୍ଗଲ ନାଗପୁର ରେଲୱେ କମ୍ପାନୀ ଲିଃ

## ( ଇନ୍‌କରପୋରେଟେଡ୍ ଇନ୍ ଇଂଲଣ୍ଡ )

# ୧୯୩୩ ଇଷ୍ଟରଛୁଟିପାଇଁ ରିଟର୍ଣ୍ଣ ଟିକେଟର ମୂଲ୍ୟ ହ୍ରାସ

୧। ଇସୁହେବାର ସମୟ—(କ) ବି. ଏନ୍. ରେଲୱେର ଷ୍ଟେସନମାନଙ୍କ ମଧ୍ୟରେ ୩ ତାରିଖ ଅପରାହ୍ଣଠାରୁ ତା ୧୭।୪।୩୩ ପର୍ଯ୍ୟନ୍ତ ( ଉଭୟ ଦିନ ମିଶାଇ )

୨। ୧୮ ତାରିଖ ମଇ ୧୯୩୩ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଏ ଟିକେଟର କାର୍ଯ୍ୟକାଳ ରହିବ ଏବଂ ସେହିଦିନ ଫେରନ୍ତା ଯାତ୍ରା ଶେଷ କରିବାକୁ ହେବ।

୩। ରିଟର୍ଣ୍ଣ ଟିକେଟର ଦର

| | ଦୂରତ୍ୱ | | | ରିଟର୍ଣ୍ଣ ଟିକେଟର ମୂଲ୍ୟ |
|---|---|---|---|---|
| ୧ମ ଓ ୨ୟ ଶ୍ରେଣୀ | ୧୦୧ ମାଇଲ କମ୍ ଊର୍ଦ୍ଧ୍ୱ | | | କେବଳ ଏକଗୁଣ ଓ ୧/୪ ଭଡ଼ା |
| ମଧ୍ୟମ (ମେଲ ଗାଡ଼ିରେ) | ୨୦୧ | " | " | ମେଲରେ ଏକଗୁଣ ଓ ୧/୪ ଭଡ଼ା |
| ଏକଲ ( ଏକ୍ସପ୍ରେସ୍ ବା ସାଧାରଣ ଗାଡ଼ିରେ ) | ୧୦୧ | " | " | ଏକ୍ସପ୍ରେସ୍ କିମ୍ବା ସାଧାରଣ ଗାଡ଼ିରେ ଏକଗୁଣ ଓ ୧/୪ ଭଡ଼ା |
| ତୃତୀୟ ଶ୍ରେଣୀ ( ମେଲରେ ) | ୨୦୧ | " | " | ମେଲରେ ଏକଗୁଣ ଓ ୧/୨ ଭଡ଼ା |
| ଏକଲ ( ଏକ୍ସପ୍ରେସ୍ ବା ସାଧାରଣ ଗାଡ଼ିରେ ) | ୧୫୧ | " | " | ଏକ୍ସପ୍ରେସ୍ କିମ୍ବା ସାଧାରଣ ଗାଡ଼ିରେ ଏକଗୁଣ ଓ ୧/୨ ଭଡ଼ା |

୪। ସାଧାରଣ—ମଧ୍ୟବର୍ତ୍ତୀ ଷ୍ଟେସନ ମାନଙ୍କରେ ଅବଶ୍ୟକ ସମ୍ବନ୍ଧାନୁଯାୟୀ ଯାତ୍ରୀମାନଙ୍କର ଅନୁମତି ମିଳେ କେବଳ ଏକଥରରେ ରେଲଲାଇନରେ ଏକଥରଠାରୁ ବେଶିଥର ଯାତ୍ରାକରିବା ନିଷେଧ ଓ ମଧ୍ୟ ନିର୍ଦ୍ଦିଷ୍ଟ ସମୟଠାରୁ ଫେରନ୍ତ କରି ନ ଯାଏ।

୫। ସାଧାରଣ— (୧) ପାରଲା ଜେମଣ୍ଡି ଓ ମୟୂରଭଞ୍ଜ ଲାଇଟ ରେଲୱେ ମାନଙ୍କରେ ଏ ସୁବିଧା ମିଳିବ ନାହିଁ।
(୨) କନ୍‌ସେସନ୍ ଟିକେଟର ବଦଳିବା ଏବଂ ଅବ୍ୟବହୃତ ଅର୍ଦ୍ଧଭାଗପାଇଁ ମୂଲ୍ୟ ଫେରସ୍ତ ମିଳିବ ନାହିଁ।

ଅନ୍ୟାନ୍ୟ ବିବରଣପାଇଁ ଦସ୍ତଖତକାରୀଙ୍କୁ ଲେଖନ୍ତୁ—

ବି. ଏନ୍. ରେଲୱେ ହାଉସ୍
କଲକତା

ସୁପରିଣ୍ଟେଣ୍ଡେଣ୍ଟ, ଟ୍ରାଫିକ ଆଣ୍ଡ ଡେଭଲପ୍‌ମେଣ୍ଟ
ବି. ଏନ୍. ରେଲୱେ ହାଉସ୍
କଲକତା
ବାଇ ଅର୍ଡର
କମର୍ସିଆଲ୍ ଟ୍ରାଫିକ ମ୍ୟାନେଜର



୯୧    ବିଜ୍ଞାପନ    ୧।୪।୩୩

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭେ କଲ୍ୟାଣୀ ଦାସୀ ବାବୁ ଲକ୍ଷ୍ମୀଧର ସେଠିଙ୍କୁ ଆମ୍ଭର ଯେମତାପୂର୍ଣ୍ଣ ଅମ୍ଭମାନଙ୍କ ନାମାନ୍ତର ଆଦାଲତ କୋର୍ଟରେ କାର୍ଯ୍ୟ କରିବା ନିମନ୍ତେ ଅଧିକାର ଦେଇଥିଲୁ। ଅଦ୍ୟ ଦିନଠାରୁ ଉକ୍ତ ବାବୁ ଲକ୍ଷ୍ମୀଧର ସେଠିଙ୍କଠାରୁ ଉକ୍ତ ଅଧିକାର ପ୍ରତ୍ୟାହାର କରି ନେଇଅଛୁ। ଏଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉକ୍ତ ବାବୁ ଲକ୍ଷ୍ମୀଧର ସେଠିଙ୍କ କୌଣସି କାର୍ଯ୍ୟରେ ଆମ୍ଭେ ଏହି ତାରିଖଠାରୁ ଦାୟୀ କି ବାଧ୍ୟ ନ ହେବୁ। ସେ କେବେ କୌଣସି ଋଣ ବା ଫସଲାତରେ ଆମ୍ଭେ ଦାୟୀ ହେବୁ ନାହିଁ।

ନିତ୍ୟାନନ୍ଦ ଦାସ ଜଣ୍ଡ୍ରାଜ୍ୟର
ଗୃହଲଅଟାଣ୍ଡ, କଟକ
ତା ୧୨।୩।୩୩



93    1-4-33.

# Wanted

Applications are invited by the 30th March 1933 from candidates who are natives of or domiciled in this province for apprenticeship in the Technical School. Each candidate will get a stipend of Rs. 5/- per month. The course of instruction shall be for 2 years commencing from April 1933. The number of admissions to the Compositor class shall be 6 and to the Letter Press Printing 3 and Book-binding class 6. Qualifications required—(1) For Compositor Class-certificate of having passed the 7th standard or higher examination (2) for Letter Press Printing and Book-binding classes a certificate of having passed the 7th standard or higher examination. Applicants should be over 14 years of age, physically fit and should produce a certificate of good character.

P.O. Gulzarbagh ( Patna )
The March 1933.

W. Mackenzie.
Superintendent,
Government Printing
Bihar and Orissa.


କଟକ ଡିଷ୍ଟ୍ରିକ୍ଟ ଛାପାଖାନା ଲିମିଟେଡ଼ଙ୍କ ଯନ୍ତ୍ରାଳୟରେ ଶ୍ରୀ କୃଷ୍ଣଚନ୍ଦ୍ର ... ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. P 6

87

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରୀମ ମୂଲ୍ୟ ୫ ୩ ୧
ପ୍ରତିଖଣ୍ଡ ୦ ୫

ଖଣ୍ଡ ୬୮ ମ | Cuttack, Saturday the 1st April 1933
ଚୈତ୍ର ତ ୧୯ ଉ ସନ ୧୩୪୦ ସାଲ ଶନିବାର | ୧୩ଶ ସଂଖ୍ୟା

## ଶାସ୍ତ୍ରୀ ଓ ଟେଗାର

### ଭାରି ବିରକ୍ତ

ମାନ୍ଦ୍ରାଜ, ତା ୨୦।୩।୩୩

ସାର୍ ଶିବସ୍ୱାମୀ ଆୟର, ମାନ୍ୟବର ଶ୍ରୀନିବାସ ଶାସ୍ତ୍ରୀ, ଶ୍ରୀଯୁକ୍ତ ନଟରାଜନ୍ ପ୍ରଭୃତି ମାନ୍ଦ୍ରାଜ ମାଡା-ମାନଙ୍କ ପକ୍ଷରୁ ମତ ଦେଇ କହିଛନ୍ତି—"ଏ ଧଳା-କାଗଜ ଖସଡ଼ା ପଢ଼ିଲା ବେଳେ ଇଂରେଜ ରାଜ-ନୀତିଜ୍ଞଙ୍କ ମନରେ ଭାରତୀୟ ବ୍ୟବସ୍ଥା ସଭାର ଅଯୋଗ୍ୟତା, ସାଧୁତା ଉପରେ ଅବିଶ୍ୱାସ ଦୃଷ୍ଟିରେ ରକ୍ଷା କରାଯାଇଛି ଏବଂ ଭାରତର ପ୍ରତିନିଧିମାନଙ୍କ ରାଜନୈତିକ ଶିକ୍ଷା ନାହିଁ ବୋଲି ଦେଖି ତା ଇଂଲଣ୍ଡର ଅଛି, ବୋଲି ହେଉ ମନେ ମନେ ଚାର କରି-ଯାଇଛି। ଭାରତର ବ୍ୟବସ୍ଥା ସଭାର କାର୍ଯ୍ୟରୁ ଏଭଳି ବାଧାବନ୍ଧ ଭାବରେ ବାନ୍ଧି ଦିଆଯାଇଛି ଯେ ସେଥିରେ ଦାୟିତ୍ୱ ଶାସନର ବିକାଶ ଅସମ୍ଭବ ହେବ। ବର୍ତ୍ତମାନ ଯେଉଁଭଳି ସ୍ୱତନ୍ତ୍ର ରହିଛି, ଏ ନୂଆ ଶାସନରେ ଠିକ୍ ସେହିଭଳି ବା ତାଠାରୁ ଅଧିକ କଠୋର ଭାବରେ ରାଜତ୍ୱ ଚଳେଇବାର ଫିକର ହୋଇଛି। କାନ୍ତ, ଗଭର୍ଣ୍ଣରମାନଙ୍କୁ ଶାସ ରକ୍ଷଣ ଓ ସ୍ୱତନ୍ତ୍ର କ୍ଷମତା ନାଁରେ ଯେ ସବୁ ଅସାଧାରଣ କ୍ଷମତା ଦିଆଯାଇଛି ଏବଂ ଅର୍ଡିନାନ୍ସ ଜାରିବା ଏବଂ ନିଜ ହୁକୁମରେ ବ୍ୟବସ୍ଥା ସଭାକୁ ନ ପଚାରି ବା ତାଙ୍କ ମତ ନବୁଝିବାରେ ଆଇନ କରିଦେବା ବା ଟଙ୍କା ପଇସା ଖର୍ଚ୍ଚ କରିଦେବାର ଯେ ବ୍ୟବସ୍ଥା ଏହା ଅତି ଉତ୍କଟ ପ୍ରକାର ଏକଛତ୍ର ଶାସନ ହେବ। ଭାରତ ସରକାର ମଧ୍ୟ ଭାରତର ଧନ କୋଠାରେ ଦୃଷ୍ଟି ସେମାନଙ୍କ ଇଚ୍ଛାନୁଯାୟୀ ଭାବରେ ଚଳ ହେବ। ଗଭର୍ଣ୍ଣର ଓ ଲାଟମାନଙ୍କୁ ଯେଉଁଭଳି କ୍ଷମତା ଦିଆଯାଇଛି ସେଥିରେ ସେମାନେ ବସ୍ତବରେ ଇଂଲଣ୍ଡ ସପକ୍ଷରେ ଯିବାର ଅଣବା ଅଛି। ଫଳରେ ଇଂଲଣ୍ଡ ଓ ଭାରତ ଭିତରେ କେବଳ ଝଗଡ଼ା ଲାଗିବା ସାର ହେବ।

---

## ବ୍ରହ୍ମଦେଶରେ

### ଅଗ୍ନ୍ୟୁତ୍ପାତ

ରେଙ୍ଗୁନ, ତା ୨୫।୩।୩୩

ଗତ ୨୦ ତାରିଖ ରାତ୍ର ସମୟରେ କ୍ୟାକ୍ପ୍ୟୁ ସହରରେ ଥିବା ଅଗ୍ନେୟ ଗିରିରୁ ଭୀଷଣ ଅଗ୍ନ୍ୟୁତ୍ପାତ ହୋଇ ଯାଇଛି। ସେଠାରୁ ଉକ୍ତ ଅଗ୍ନେୟ ଗିରିରୁ ଘଣ୍ଟା ଅଧରେ ଏକପ୍ରକାର ଧୂଆଁ ବାହାରିବାର ଦେଖାଗଲା। ତହିଁ କ୍ୟାକ୍ପ୍ୟୁ ସହରର ଖୁବ ଅନ୍ଧକାର ହୋଇ ଉଠିଲା। ୫ ମାଇଲ ଦୂର ଯାଏ ସମସ୍ତ ସ୍ଥାନ ଏକପ୍ରକାର ପେଟ୍ରୋଲିୟମ୍ ଗନ୍ଧରେ ପୂରିଗଲା। ଉକ୍ତ ନିଆଁ ଓ ଧୂଆଁ ଆକାଶ ଉପରକୁ ୩ଶହ ଫୁଟ ଯାଏ ଦେଖା ଯାଉଥାଏ। ବୃକ୍ଷଲତା ବନ ସବୁ ହୋଇଗଲା। ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଏହିପରି ନିଆଁ ବାହାରିଲା। ସାଙ୍ଗେ ସାଙ୍ଗେ ଉକ୍ତ ଅଗ୍ନେୟ ଗିରିରୁ ୨୫ ଫୁଟ ଉଚ୍ଚରେ ୨୦ ଏକର ଜମିରେ ବାଲିଆ କାଦୁଅ ଜମା ହୋଇଗଲା। କୌଣସି ଜନପ୍ରାଣୀ ନଷ୍ଟ ହୋଇ ନଥିବାର ସମ୍ବାଦ ମିଳେ। ଗତ ୧୩ ବର୍ଷ ହେଲା ଏହିପରି ଭାବରେ ଉକ୍ତ ଅଗ୍ନେୟ ଗିରିରୁ ନିଆଁ ବାହାରୁଛି। ଏଥର ନେଇ ୪ ଥର ହେଲା ଏପରି ଭୀଷଣ ଭାବରେ ଅଗ୍ନ୍ୟୁତ୍ପାତ ହେଲା। ସମସ୍ତ ସହର ବର୍ତ୍ତମାନ ଆତଙ୍କିତ ହୋଇ ରହିଛି।

---

## ମାନ୍ଦାଦଳରେ ମତଭେଦ

ଦିଲ୍ଲୀ, ୨୫।୩।୩୩

ଏଠାର ମା ଭାଦଲଅ ମାନଙ୍କ ଭିତରେ ବର୍ତ୍ତମାନ ଧଳାକାଗଜ ନେଇ ମତଭେଦ। ଗୋଲଟେବୁଲରେ ଯୋଗ ଦେଇଥିବା ନେତାମାନେ କହୁଛନ୍ତି ଯେ ସେଠାରେ ଆମେ ଯାହା ଚୁକ୍ତି କରିଥିଲୁ, ପୁଣି ତାହା ବଦଳାଇବାରେ ଆମେ ରାଜି ନହେବୁଁ। ମୁସଲମାନ ମେମ୍ବର କେତେକ କହୁଛନ୍ତି ଯେ ଅନ୍ୟ ମୁସଲମାନ ସଭ୍ୟମାନେ ଆମ୍ଭେମାନେ କେନ୍ଦ୍ରୀୟ ଭିତରେ, ହାଇକୋର୍ଟ ପ୍ରଭୃତି ବିଷୟରେ କେତେକ ନିର୍ଦ୍ଧାରଣ କରିଛୁ, ତାହା ବଦଳାଇବାରେ ବା ଆମେ ରାଜି ଥିବୁ, ଏହିଭଳି ମତଭେଦ ହେଉଛି।

---

## ଇଂଲଣ୍ଡ ରୁଷିଆ କଳି

ଲଣ୍ଡନ, ତା ୨୧।୩।୩୩

କାଲି ପାର୍ଲିଆମେଣ୍ଟରେ ରୁଷିଆରେ ଯେଉଁ ଇଂରେଜ ଇଞ୍ଜିନିୟରମାନେ ଧରା ହୋଇଛନ୍ତି ତାଙ୍କ କଥା ନେଇ ଆଲୋଚନା ହେଲା। ସହକାରୀ ବୈଦେଶିକ ମନ୍ତ୍ରୀ କ୍ୟାପ୍ଟେନ୍ ଏଡେନ୍ କହିଲେ ଯେ ବର୍ତ୍ତମାନ ଅବସ୍ଥାରେ କିଛି କହି ନାହିଁ ହୋଇ ରୁଷ ସରକାର ସଙ୍ଗେ ଯେ ବାଣିଜ୍ୟ ସର୍ତ୍ତ ରହିବାର ପ୍ରସ୍ତାବ ସ୍ଥଗିତ ରଖାଯାଇ ବଢ଼ାଇ ଦିଆଗଲାଣି।

ସେ ପୁଣି କହିଲେ ଯେ କଇଦେବା ସରକାରୀ ଲୋକେ ଜର୍ମାନୀ କାରଖାନାରେ ଏଥି ଗିରଫଦାର ହୋଇଥିବା ଇଂରେଜ ଇଞ୍ଜିନିୟରଙ୍କ ବ୍ୟକ୍ତିଗତ ଚିଠିପତ୍ର କେତେକ ସଙ୍ଗ ତାଙ୍କ ଧରି ନେଇଗଲେ। ୬ ଜଣଙ୍କ ଭିତରୁ ଦୁଇଜଣଙ୍କ ଜାମିନ୍ରେ ଛାଡ଼ିଛନ୍ତି; ମାତ୍ର ଅନ୍ୟମାନଙ୍କୁ ଛାଡ଼ିଲେ ନାହିଁ। ଏପର୍ଯ୍ୟନ୍ତ ଅପରାଧୀଙ୍କୁ ଦେଖା କରିବାକୁ ଦେଲେ ନାହିଁ। ଗିରଫଦାରର ସବୁ କାରଣ ମଧ୍ୟ ପଚାରିଲେ ଖୋଲସା କରି କହିଲେ ନାହିଁ। ଅସ ସରକାରର ବଡ଼ବଡ଼ ଦୋଷ ଯେ ବୃଥାରେ ଅଭିଯୋଗ କରି ଏମାନଙ୍କୁ ଗିରଫଦାର କରାଯାଇଛି।

---

## ଜଜ୍ ଜ୍ୱାଲାପ୍ରସାଦଙ୍କ ମୃତ୍ୟୁ

### ଗୁରିଆତର ଶୋକ ସମ୍ବାଦ

ପାଟଣା, ତା ୨୫।୩।୩୩

ହାଇକୋର୍ଟର ଜଜ୍ ସାର୍ ଜ୍ୱାଲା ପ୍ରସାଦଙ୍କର ଆଜ ସକାଳେ ସାହାବାଦ ଜିଲ୍ଲାରେ ତାଙ୍କ ଘରଠାରେ ହଠାତ୍ ପରଲୋକ ହୋଇ ଯାଇଛି। ସେ କେତେଦିନ ପୀଡ଼ିତ ହୋଇଥିଲେ। ୧୮୭୫ ସାଲରେ ତାଙ୍କର ଜନ୍ମ, ସେ ବିହାର ହାଇକୋର୍ଟର ସର୍ବ ପ୍ରଥମ ଦେଶୀ ଜଜ, ଦୁଇଥର ପ୍ରଧାନ ବିଚାରପତିର କାର୍ଯ୍ୟ କରିଥିଲେ। ବିଶ୍ୱବିଦ୍ୟାଳୟର ସେ ଜଣେ ବିଶିଷ୍ଟ ମେମ୍ବର ଥିଲେ। ତାଙ୍କର ମୃତ୍ୟୁରେ ସୃଷ୍ଟିଅଟେ ଶୋକର ଛାୟା ଦେଖା ଯାଉଛି।

Digitized by srujanika@gmail.com

# ଉତ୍କଳଦୀପିକା

ଅପ୍ରେଲ ତା ୧ ରଖ ଶନିବାର

## ଶ୍ୱେତପତ୍ରର ଆଲୋଚନା

ଭାରତୀୟ ସଂସ୍କାର ସମ୍ବନ୍ଧୀୟ ଶ୍ୱେତପତ୍ର ଆଲୋଚନା କରିବାଲାଗି ଗତ ସୋମବାର ଠାରୁ ପାର୍ଲିଆମେଣ୍ଟରେ ଉଭୟ କ୍ୟାପି ଗୋଟିଏ ବୈଠକ ହୋଇଥିଲା । ଅନେକେ ଅନେକ ପ୍ରକାର କହିଲେ । ସେଥି ମଧ୍ୟରୁ ଲଣ୍ଡନ ଶ୍ରମିକଦଳର ନେତା ମେଜର ଆଟଲି କହିଲେ—୧୮୫୮ ସାଲରୁ ଭାରତରୁ ଶାସ୍ତ୍ର ଦଖଲରେ ଆଣିଥିବାରୁ ବ୍ରିଟିଶ ସରକାର ଭାରତବାସିଙ୍କ ନାନାପ୍ରକାର ପ୍ରତି-ଶ୍ରୁତି ଦେଇ ଆସୁଅଛନ୍ତି । ସେସବୁରୁ ପ୍ରତିଶ୍ରୁତି ପୂରଣ କରିବାର ନାହିଁ ବୋଲି ଆମର ଶ୍ରମିକ-ଦଳ ସେହିଥି ଦେଖିବାକୁ ଚାହାନ୍ତି । ଏପରି ଅବ-ସ୍ଥାରେ "ଭାରତ ସରକାର ଭାରତ ଶାସନରେ ଉପଯୁକ୍ତ" ଏହି ଉଦ୍ଦେଶ୍ୟ ସହରେ ଉଚ୍ଚି ଆମ ସରକାର ଭାରତୀୟମାନଙ୍କ ସଙ୍ଗେ ସହଯୋଗ କରି କାର୍ଯ୍ୟ କରିବାର ଉପାୟ ଦେଖନ୍ତୁ । ଶ୍ରମିକଦଳ ଭାବୁଅଛନ୍ତି ଯେ ବର୍ତ୍ତମାନ ଶାସନ ସଂସ୍କାରରେ ଏପରି ଉପାୟ ବହୁ ସାହାଯ୍ୟରେ ଭାରତ ନିଜେ ନିଜର ଶାସନ ସମ୍ବନ୍ଧୀୟ ଭାରଗ୍ରହଣ କରିପାରିବ । ବର୍ତ୍ତମାନ ପ୍ରସ୍ତାବିତ ଶାସନ ସଂସ୍କାରରେ ଗାନ୍ଧି-ଅନୁଗାମୀ କଂଗ୍ରେସର ଭାରତୀୟମାନଙ୍କ "ଡାଇରକ୍ଟ" ଅଂଶ ଉଚିତ ହେବ ଓ ଭାରତୀୟ ନେତାମାନଙ୍କର ସମ୍ପୂର୍ଣ୍ଣ ସହଯୋଗ ଓ ସମ୍ମତିରେ ହେବା ଉଚିତ ।

ମେଜର ଆଟଲି ପୁଣି କହିଲେ—ଶ୍ରମିକଦଳର ନେତୃତ୍ୱରେ ପ୍ରଥମ ଗୋଲଟେବୁଲ ଠାରୁ ଯେଉଁ-ପ୍ରକାର କାର୍ଯ୍ୟକ୍ରମର ସୂଚନା ହୋଇଥିଲା, ପୁଣି ୨ୟ ଗୋଲଟେବୁଲରେ ଜାତୀୟ ଦଳମାନଙ୍କ ଦ୍ୱାରା ସମର୍ଥିତ ହୋଇଥିଲା, ଭାରତୀୟ ଶାସନସଂସ୍କାର ସମ୍ବନ୍ଧରେ ଆମ ସରକାର ବର୍ତ୍ତମାନ ସେହିମତରେ କାର୍ଯ୍ୟକରନ୍ତୁ । ଅଚ୍ଚଏବ ମିଳମିଶି କାର୍ଯ୍ୟକରିବାକୁ ହେଲେ ଭାରତୀୟ ରାଜନୈତିକ ବନ୍ଦୀମାନଙ୍କ ଅବି-ଳମ୍ବେ ମୁକ୍ତିଦେବା ପ୍ରୟୋଜନ ।

କିନ୍ତୁ ଆମର ଏ କଥା ସବୁ ଦେଖି ନକ୍ଷତ୍ର ଅର୍ଥାତ୍ ହୋରଙ୍କ ପ୍ରସ୍ତାବିତ ସଂଯୁକ୍ତ କମିଟି ଯଦି ଚେଷ୍ଟା ଅଟେ ତେବେ କମିଟି ଭଳି ଅଗତ୍ୟା ଆମର ପ୍ରତିନିଧି ମନୋନୀତ କରିବୁ ଏବଂ ଉକ୍ତ କମିଟି ପ୍ରକାଶିତ ରିପୋର୍ଟରେ ଆମଦଳର ମତ ଯେପରି ସନ୍ନିବେଶ ହୁଏ ତାହାର ମଧ୍ୟ ବନ୍ଦୋବସ୍ତ କରିବୁ ।

ବ୍ରିଟିଶ ସରକାରଙ୍କ ଶାସନ ସଂସ୍କାର ବକ୍ତୃତାରେ ଶୁଣିବାକୁ ଦେଇଥିବା ପ୍ରତିଶ୍ରୁତି ଉପରେ ଯେ ଲିବରାଲ ନେତା ଏହି ପୁଣି କହିଲେ—ଆମ ଶ୍ରମିକଦଳର ଆଉ ଦେଖିବା ସହଯୋଗ, ପ୍ରକାଶ୍ୟ ଆଲୋଚନା ଓ ପରସ୍ପର ମିଳନ ଦେଇ କାର୍ଯ୍ୟ କରିବା ଏବଂ ଆମର ଏହି ମତ ଉପରେ କାର୍ଯ୍ୟ-କାରୀ ହୋଇପାରେ ଯେବେ ତାହା ଭାରତୀୟ କଂଗ୍ରେସ ନେତା ମାନଙ୍କର ପ୍ରଥମ ଗୋଲଟେବୁଲରେ ସହ-ଯୋଗ କାର୍ଯ୍ୟକ୍ରମରୁ ଦେଖା ଯାଇଅଛି । କିନ୍ତୁ ତାହାସ୍ୱ ଲିବରାଲ ଶାସନରେ ଏହି ଗୋଲଟେବୁଲ ପରିବର୍ତ୍ତନ ହୋଇଗଲା । ଫଳରେ ଗୋଲଟେବୁଲ ବୈଠକରେ ଅଳ୍ପ କଂଗ୍ରେସ ନେତୃତ୍ୱରେ ଦମନର

ଘୋଷଣା ଦ୍ୱାରା ଯେଉଁ ଭୁଲ ଭଲ୍ଲଣା ମିଳା-ମିଶାର ବାଟ ଏକାଥରକେ ବନ୍ଦ କରି ଦେଇଗଲା । ଶେଷରେ ତୃତୀୟ ଗୋଲଟେବୁଲ ବୈଠକରେ ସ୍ୱଳ୍ପ ସଂଖ୍ୟକ ଭାରତୀୟ ପ୍ରତିନିଧି ମାନଙ୍କୁ ନେଇ ଚଳାଇଲା ।

ମେଜର ଏଟଲି ପୁଣି କହିଲେ—ଏପ୍ରକାର କାର୍ଯ୍ୟକ୍ରମ ଭୁଲ, କାରଣ କଂଗ୍ରେସକୁ ଜନପ୍ରତି-ନିଧିତ୍ୱ ଦେଉନଥିବା ମତ ଭାରତୀୟ ନେତାଙ୍କୁ ନେଇ ଭାରତୀୟ ସମସ୍ୟାର ମୀମାଂସାରେ ପହଞ୍ଚିବା ଅସମ୍ଭବ ।

ମେଜର କହିଲେ, ଶ୍ୱେତପତ୍ରରେ ସ୍ୱାୟତ୍ତ ଶାସନ କଥା ଯେ ବଳରେ ଉଲ୍ଲେଖ ଅଛି, ଭାରତୀୟ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ । ସେଥିରେ ସ୍ୱତନ୍ତ୍ରତାର ବା ବଳପ୍ରୟୋଗର ଅସୀମ ଷମତା ଯେ ଗଭର୍ଣ୍ଣରଙ୍କ ଦିଆଯାଇଛି ଏପରି କୌଣସି ଦେଶରେ ନାହିଁ । କେନ୍ଦ୍ରୀୟ ସରକାରରେ ଯେ ଭଳି ବାହ୍ୟ ପରିବର୍ତ୍ତନ ଆସିଯାଉ, ଅର୍ଥନୈତିକ ସଙ୍କଟରେ ଜମା ଦେଇ ବୈଦେଶିକ ବାଣିଜ୍ୟ ଯେ ଦରେ ଭାରତ ତାହାକୁ ଅଧିକାରରେ ଏହାର ମଧ୍ୟ କୌଣସି ପ୍ରକାର ସୂଚନା ନାହିଁ ।

ସେ କହିଲେ—ଭାରତରେ ସମସ୍ତେ ଶକ୍ତି-ଶାଳୀ ଶାସନର ସମର୍ଥନ କରନ୍ତି କିନ୍ତୁ ତାହା ଆସିଥିବ ଦସ୍ତୁର ସହିତ । ଅନ୍ୟଥା ନୁହେଁ ।

ଭାରତର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଦୃଷ୍ଟିରେ ଚାଲୁ ସ୍ୱାୟତ୍ତଶାସନ ଦେଇ ଉନ୍ନତି ଭାରତର ପ୍ରତ୍ୟେକ ମନୋବୃତ୍ତିକୁ ଭାରତର ସାମ୍ପ୍ରଦାୟିକ ସଂସ୍କାରରେ ଉଦ୍ବୋଧନ କରିବାର ଦାବୀ ମେଜର ଏଟଲି ଶ୍ରମିକଦଳ ପକ୍ଷରୁ ଉପସ୍ଥାପିତ କଲେ ।

ଶେଷରେ ସେ କହିଲେ—ଶ୍ୱେତପତ୍ର ଏହା କରିପାରିବ ନାହିଁ । କାରଣ କେନ୍ଦ୍ରୀୟ ଦାୟିତ୍ୱ ହୋଇ ସେଥିରେ କହିନାହିଁ କମ୍ପା ଭାରତ ମତଦାତାର ଷମତା ହ୍ରାସକରି ଭାରତୀୟଙ୍କ ମଧ୍ୟରୁ ଷମତା ଅର୍ପଣ କରିବାରେ କାର୍ଯ୍ୟ କରିବାର କୌଣସି ସୂଚନା ମଧ୍ୟ ନାହିଁ ।

ମେଜର ଏଟଲି ସର୍ବଶେଷରେ କହିଲେ, ଆମ ସରକାର ଏହାଦ୍ୱାରା ଭାରତ ସହିତ ସୌହାର୍ଦ୍ଦ୍ୟ ଓ ସହଯୋଗ ନଷ୍ଟ କରିବାକୁ ବସିଛନ୍ତି ଓ "ହାଉସପାର୍ଟି" ବଜାୟ ରଖିବାକୁ ଯାଇ ଅଧିକ ବନ୍ଧୁ ଓ ଅଧି ଦୁର୍ନାମ କରିବାର ବନ୍ଦୋବସ୍ତ କରୁଅଛନ୍ତି । ତେଣୁ ଶ୍ରମିକଦଳ ଏହି ଶ୍ୱେତପତ୍ରକୁ ବର୍ତ୍ତମାନ ସମସ୍ୟା ସମାଧାନର ଉପାୟ ବୋଲି ଗ୍ରହଣ କରିବାକୁ ଅସମ୍ମତ ।

---

## ୟୁରୋପ ଶାନ୍ତି ସମ୍ଭବ ନୁହେଁ

ଲଣ୍ଡନ, ତା ୨୭।୩।୩୩

ଯୁଦ୍ଧାଙ୍କଙ୍କ ସଙ୍ଗେ ପ୍ରଧାନ ମନ୍ତ୍ରୀ ମ୍ୟାକ୍-ଡୋନାଲ୍ଡଙ୍କର ଏହି ରୋମଯାତ୍ରା ଯେଉଁ ଫଳ କଥାବାର୍ତ୍ତା ହୋଇଥିଲା ଫ୍ରାନ୍ସ ସେଥିରେ ଭଲ ନେଇ ନାହିଁ ବୋଲି ଜଣା ଯାଉଛି । ୟୁରୋପର ଅନ୍ୟାନ୍ୟ ଷ୍ଟେଟ ଛୋଟ ରାଜ୍ୟର ଯେ ମେଳ ଅଛି ସେମାନେ ମଧ୍ୟ ଏହା ପସନ୍ଦରେ ମତ ଦେଉନାହାନ୍ତି । ମ୍ୟାକ୍-ଡୋନାଲ୍ଡଙ୍କ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇ ପାରିବ ନାହିଁ ବୋଲି ଅନେକେ ଆଶଙ୍କା କରୁଛନ୍ତି ।

---

## ପାର୍ଲ୍ୟାମେଣ୍ଟରେ ଭାରତ କଥା

## ଶ୍ରମଜିବୀ ଦଳର ସଂଶୋଧନ ପ୍ରସ୍ତାବ

ଲଣ୍ଡନ ୨୧।୩।୩୩

ପାର୍ଲ୍ୟାମେଣ୍ଟରେ ଶ୍ରମିକ ଦଳ ଶ୍ୱେତପତ୍ରରେ ବଡ଼ ଅସନ୍ତୁଷ୍ଟ ଅଛନ୍ତି । ତେବେ ସୁଦ୍ଧା ଏହି ଶ୍ୱେତ ପତ୍ରର ବିଷୟ ପାଇଁ ଯେଉଁ କମିଟି ଗଠିତ ହେଉଛି ଏଥିରେ ଯୋଗଦେବା ପାଇଁ ରାଜି ହେଲେଣି । ସେମାନଙ୍କ ନେତା ଲର୍ଡ଼ ଲାନ୍ସବରୀଙ୍କ ବକ୍ତୃତାରୁ ଏକଥା ସ୍ଥିର ହୋଇଯାଉଛି ।

ମାର୍ଚ୍ଚ ତା ୨୭ ରଖ ଦିନ ସରକାରଙ୍କ ପକ୍ଷରୁ ପାର୍ଲ୍ୟାମେଣ୍ଟରେ ଶ୍ୱେତ ପତ୍ର ବିଷୟରେ ଆଲୋ-ଚନା ହେବ । ୩ ଦିନ ଆଲୋଚନା ହେବ । ୨୭ ତାରିଖ ଦିନ ପାର୍ଲ୍ୟାମେଣ୍ଟରେ ସାର ସାମୁଏଲ ହୋର ପ୍ରସ୍ତାବ କରିବେ ଯେ ଶ୍ୱେତପତ୍ରର ପ୍ରସ୍ତା-ବକୁ ମଞ୍ଜୁର ବା ନାମଞ୍ଜୁର କରିବା ପୂର୍ବରୁ ପାର୍ଲ୍ୟାମେଣ୍ଟର ଉଭୟ ସଭାର ସଭ୍ୟମାନଙ୍କୁ ନେଇ ଗୋଟିଏ କମିଟି ବସୁ । ଏହି କମିଟି ଭାରତର ଭବିଷ୍ୟତ ଶାସନ ପଦ୍ଧତି ସମ୍ବନ୍ଧରେ ବିଶେଷତଃ ଶ୍ୱେତ ପତ୍ରରେ ପ୍ରକାଶିତ ଖସଡ଼ା ଉପରେ ହୋଇଛି ସେ ସମ୍ବନ୍ଧରେ ରିପୋର୍ଟ କରନ୍ତୁ । ଭାରତର ଦେଶୀୟ ରାଜ୍ୟରୁ ଏବଂ ଖାସ ଭାରତରୁ କେତେ ଲୋକଙ୍କ ଡାକି ପରାମର୍ଶ ନେବା ନିମନ୍ତେ ଏ କମିଟିକୁ କ୍ଷମତା ଦିଆଯାଉ ।

ଶ୍ରମିକ ଦଳ ପକ୍ଷରୁ ଲର୍ଡ଼ ଲାନ୍ସବରୀ, ମେଜର ଏଟଲି ପ୍ରମୁଖ କେତେକ ଜଣ ନିମ୍ନଲିଖିତ ସଂଶୋ-ଧନ ପ୍ରସ୍ତାବ ମଧ୍ୟ ଆଗତ କରିବେ । "ଇଂଲଣ୍ଡ ରାଜ୍ୟ ସହିତ ଗୋଟିଏ ସମାନସ୍ତରର ରାଜ୍ୟ ରୂପରେ ଭାରତ ସ୍ଥାନ ପାଇବା ପାଇଁ ଯେଉଁ ଚୁକ୍ତି ଦିଆ-ହୋଇଥିଲା ଭାରତ ସରକାରଙ୍କ ସଂସ୍କାର ପ୍ରସ୍ତା-ବରେ ତାହା କୌଣସି ପ୍ରକାରେ ପୂରଣ କରାଯାଇ ନାହିଁ ବୋଲି ଆମ୍ଭେମାନେ ଦୁଃଖ ପ୍ରକାଶ କରୁଛୁ । ଆମ୍ଭମାନଙ୍କର ମତ ଯେ ଯଦି କମିଟି ଭାରତର ରାଜ୍ୟ ହେବା ଉପଯୋଗୀ ଗୋଟିଏ ଶାସନ ବ୍ୟବସ୍ଥା ପ୍ରସ୍ତୁତ କରନ୍ତୁ ଏବଂ ସେଥିରେ ବସିବା କାରଣ ଭାରତର ପ୍ରକୃତ ଲୋକ ପ୍ରତିନିଧିମାନଙ୍କ, ଉଦାହରଣ ଏବଂ ଯେଉଁମାନେ ଭାରତରେ କୌଣସି ନୈତିକ ଅପରାଧ ନକରି ରାଜନୈତିକ ବନ୍ଦୀ ରୂପେ ଜେଲ୍‌ରେ ଅଛନ୍ତି ସେମାନଙ୍କୁ ଛାଡ଼ି ଦିଆହେଉ ।"

---

## ସରକାରୀ ପ୍ରସ୍ତାବ ଗୃହୀତ

ଲଣ୍ଡନ ୨୯।୩

ଗତ ରାତିରେ କମନ୍‌ସ୍ ସଭାରେ ଶ୍ୱେତପତ୍ର ସମ୍ବନ୍ଧରେ ଆଲୋଚନା ଶେଷ ହେଲା । ସରକାରଙ୍କ ପକ୍ଷରୁ ଯେଉଁ କମିଟି ଗଠନ ପ୍ରସ୍ତାବ ହୋଇଥିଲା ତାହା ବେଶି ଭୋଟ ପାଇ ଗୃହୀତ ହେଲା । ଶ୍ରମିକ ଦଳପକ୍ଷରୁ ମଧ୍ୟ ସଂଶୋଧନ ପ୍ରସ୍ତାବ ଉପସ୍ଥାପିତ ହେଲା । ମାତ୍ର ଭୋଟ ନିଆଗଲାରୁ ତାହା ମଞ୍ଜୁର ହୋଇ ପାରିଲା ନାହିଁ ।

---

## ଭାରତରୁ ସୁନା ରପ୍ତାନୀ

ଗତ ତା ୧୮ ରଖ ସପ୍ତାହ ଏକସପ୍ତାହ ମଧ୍ୟରେ ଭାରତରୁ ପୁଣି ୯୯ ଲକ୍ଷ ୮୪ ହଜାର ଟଙ୍କାର ସୁନା ବିଦେଶକୁ ଗଲା । ଗଣ୍ଡନ ସ୍ୱର୍ଣ୍ଣମାନ ଉଠା-ଇବା ଦିନଠାରୁ ୧ ଅବ୍ଦ ୧୨ କୋଟି ଟଙ୍କାର ସୁନା ଭାରତରୁ ବିଦେଶକୁ ଗଲାଣି ।

---

Split by PDF Splitter
Digitized by srujanika@gmail.com

Split by PDF Splitter



## [illegible]

[illegible]

### ସତ୍ୟ ଦ୍ୱାରା ଅସତ୍ୟ ବଧ କୁରୁ

[illegible]

### ବ୍ୟବସ୍ଥାପକ ସଭାରେ ମନ୍ଦିର ପ୍ରବେଶ ଆଇନ

[illegible]

## [illegible]

[illegible]

# Public Lectures.

*Place*—Town Hall *Time*—6 P. M.

A series of interesting lectures in English will be delivered by Sj. Nursinha Charan Mohanti, B. A. in Public Administration from England on the following subjects—

April 1st—Democracy in Britain—President, Dewan Bahadur S. K. Mahapatra.

April 2nd—Social Condition in Britain—President, Sj. B. K. Roy Advocate.

April 3rd—Growth of Education in Britain, President, Sj. S. N Ray Mahasaya, Advocate.

April 4th—Indian Students in Britain—President, Sj. Bichitrananda Das, President.

April 5th—The British Press, Platform and Pulpit. President Sj. L. N. Sahu, M. A,

*N. B.*—One hour will be allowed to Lecture and half an hour to questions and discussions every evening.

L. N. Sahu.
B. K. Kar.
S. N. Ray.
B. K. Ray.
S. K. Mahapatra.

Digitized by srujanika@gmail.com

Split by PDF Splitter



While we may have different views with regard to the advance made by the Reforms adumbrated in the White Paper over the present constitution we are all unanimous in denouncing the proposal to create a truncated province with the present Orissa Division and a small area from Ganjam and C. P. We have been shocked to a man at the announcement of the boundaries of the proposed Orissa Province. We had fondly dreamed that our agitation during the last three decades for the re-unification of the dismembered Oriya tracts had borne fruit and that the area proposed by the Curzon-Risliy Circular as early as 1903 would at least be taken into the new province. Far from satisfying ten millions of Oriyas the Government have evidently succumbed to the persistent opposition of the Madras Government to the Oriya claim. The exclusion of Jeypore extending over 11,000 square miles cannot be defended on any conceivable ground. The O'Donnel Committee appointed by the Government of India unanimously reccommended its inclusion, the peoples of Jeypore have unanimously urged its inclusion. The Rajasaheb of Jeypore has been one of the acknowledged leaders of the Oriya movement during our long period of struggle, but the Government have thought it fit to exclude this area on grounds not obvious to us.

Exclusion of Parlakimedi comes as the rudest shock to the Rajasaheb, who was invited by the Government to represent the Oriyas at the first Round Table Conference and to whose initiative at the Conference the formation of separate province of Orissa is mainly due and who also represented the Oriyas in the O'Donnel Committee and who has been a loyal and sincere supporter of the Government. It is highly disappointing that the conclusion arrived at by the successive official Committee of Enquiry have been ignored: the idea of exclusion of Parlakimedi has created a deep resentment and strong dissatisfaction among the Oriyas.

We feel that grave injustice and wrong have been done to the Oriyas. The wishes of the people, their racial and linguistic affinities, administrative convenience, economic interests, trade and communications, geographical contiguity and history and culture all demand the inclusion of Parlakimedi in the province of Orissa.

The elimination of Singhbhum and Phuljhar tracts is no less surprising. The question of Midnapore has been lost sight of.

We are sure however that the intensity of feeling among the Oriyas should not be ignored and the Joint Parliamentary Committee will redress the wrong done to the ten millions of Oriya people.

22-3-33.
Cuttack.

1. Sd. Madhu Sudan Panigrahi, Advocate, Berhampur.
2. Sd. Lingaraj Panigrahi, Advocate Berhampur.
3. Sd. Sashi Bhusan Rath, Editor, Dainika Asha, Berhampur.
4. Sd. Dinabandhu Das, Advocate, Berhampur, Ganjam
5. Sd. Bichitrananda Das, Advocate, Secretary, Orissa Separate Province Committee.
6. Sd. Dibakar Subudhi, Pleader, Cuttack.
7. Sd. Gurucharan Jena, Pleader, Cuttack.
8. Sd. Brajabandhu Das, Pleader, Asst. Secretary, Orissa Separate Province Committee.
9. Sd. Lakshmi Narayan Patnaik, M. B. E.
10. Sd. Rai Saheb Bhikari Charan Patnaik, Secretary, Oriya Peoples' Association.
11. Sd. Sailendra Narayan Bhanj Deo, Tikayet, Kanika
12. Sd. Satyendra Narayan Ray, Advocate, Cuttack.
13. Sd. Abdus Sobhan Khan, Advocate, ,,
14. Sd. Mahmmad Latifur Rahman, Pleader, Secretary, Orissa Muslin Educational Association.
15. Sd. Umesh Chandra Ray, Pleader and Vice-President, All Orissa Domiciled Bengali Association.
16. Sd. Damodar Kar, Advocate, Cuttack.
17. Sd. Sudarson Misra, Pleader, Cuttack.
18. Sd. Rudra Charan Mahanti, Pleader.
19. Sd. Pareswar Mahanti, Advocate. President, Cuttack Municipality.
20. Sd. Suryamani Mahanti, Pleader, Cuttack.
21. Sd. Banabihari Palit, Pleader, Secretary, Orissa Landholders' Association.
22. Sd. Dewan Bahadur Srikrishna Mahapatra, Chairman, Cuttack Municipality.
23. Sd. Rai Bahadur Damodar Rath, Cuttack.
24. Sd. Birakishore Rai, Advocate, Cuttack.
25. Sd. Radhakrishna Das Goswamy, Mahant, Radhakant math, Puri.
26. Sd. Jagabandhu Sinha, President, Utkal Union Committee, Puri.
27. Sd. Brahmananda Mahanti, Chairman, Puri Muncipality.
28. Sd. Radhasyam Mahanti, Pleader, Puri.
29. Sd. Bhaskar Rath ,, ,,
30. Sd. Raj Kishore Das, ,, ,,
31. Sd. Kulamani Mahanti, ,, ,,
32. Sd. Ganeswar Mahapatra, ,, ,,
33. Sd. Gatiswar Misra, ,, ,,
34. Sd. Lokanath Patnaik, ,, ,,
35. Sd. Bhubaneswar Rath, ,, ,,
36. Sd. Rai Saheb Sris Chandra Ghose, Zamindar and President, All Orissa Domiciled Bengali Association.
37. Sd. Artatran Misra, Pleader, Puri.
38. Sd. Gadadhar Das, ,, ,,
39. Sd. Madhu Sudan Patnaik, Pleader Puri.
40. Sd. Padma Charan Patnaik ,, ,,
41. Sd. Daitari Prasad Das. B. L., Balasore.
42. Sd. Charu Chandra Ray. Chairman, Balasore District Board.
43. Sd. Prafulla Chandra Patnaik ( Rai Saheb ) Chairman, Balasore Municipality.
44. Sd. Gunanidhi Mahapatra, Balasore.
45. Sd. Jnanranjan Patnaik, B. L., Balasore,
46. Sd. Naba Kumar Das, B. L., ,,
47. Sd. Narayan Panigrahi, Merchant, Balasore.
48. Sd. Ramanath Mahanti, B. L., Balasore.
49. Sd. Rajani Kanta Patnaik, B. L., Balasore.
50. Sd. Sankarson Mahanti, Hony. Secretary Central Co-operative Bank., Balasore.
51. Sd. Mahammad Nurul Hossen, B. L, Balasore, Secy. Islam Association.
52. Sd. Mukunda Prasad Das, Muktar, Balasore.
53. Sd. Syed Abdul Jabba, Balasore.
54. Sd. Saryanarayan Das, Balasore.
55. Sd. Adwit Charan Das, Pleader, Cuttack.

Digitized by srujanika@gmail.com

Split by PDF Splitter



REGISTERED NO. P 6

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରିମ ମୂଲ୍ୟ ୫ ॥୦
ପ୍ରତିଖଣ୍ଡ ୦ ।୯

ଖ ୬୮ ଭ | Cuttack, Saturday the 8th April 1933 | ୧୪ଶ ସଂଖ୍ୟା
ଚୈତ୍ର ୨୬ ସନ ୧୩୪୦ ସାଲ ଶନିବାର

# ଓଡ଼ିଶାରେ

## ବେହାର ଲାଟ

ବେହାର ଓଡ଼ିଶାର ଲାଟ ସାର ସିଫଟନ ୪ ତାରିଖରେ ପୁରିକୁ ଆସିଛନ୍ତି । ୮ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରି ଫେରିଯିବେ । ତାଙ୍କ ସହିତ ତାଙ୍କ ସ୍ତ୍ରୀ କନ୍ୟା ଜାମାତା ଇତ୍ୟାଦି ମଧ୍ୟ ଅଛନ୍ତି ।

———

## ମହନ୍ତଙ୍କ ସାହେବି ଭୋଜି

ଏମାର ମଠର ମହନ୍ତ ଶ୍ରୀ ଗଦାଧର ରାମାନୁଜ ଦାସ ୨ ତାରିଖ ସନ୍ଧ୍ୟା ୭ ଟା ସମୟରେ ଏକ ଲୋକ "ଷ୍ଟେସନ ପାର୍ଟି" ଉଦ୍‌ଯାପନ କରିଥିଲେ । ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

———

## କଟକରେ ସାର୍ ସିଫ୍‌ଟନ

୫ ତାରିଖ ସକାଳ ୮ ଟା ୧୫ ମିନିଟରେ ସାର ସିଫଟନ ମଟର ଯୋଗେ କଟକ ଆଗମନ କରିଥିଲେ, ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲେ, କଟକ ହେବ ରାଜଧାନୀ । ଲାଟସାହେବ ଏଠାରେ ଅବସ୍ଥାନ କରିବେ ଏବଂ ସମସ୍ତ ସରକାରୀ ଅଫିସ-ଖାନା ମଧ୍ୟ ଏଠାରେ ରହିବ । ଲାଟସାହେବଙ୍କ ପ୍ରାସାଦ, ଅଫିସଖାନା, ହାଇକୋର୍ଟ ପ୍ରଭୃତି ଇତ୍ୟାଦି କେଉଁଠାରେ ହେବ ସେଥିପାଇଁ ସ୍ଥାନ ଦେଖି ଠିକ କରିବା ଉଦ୍ଦେଶ୍ୟରେ ଲାଟ ସାହେବ କଟକ ଆଗମନ କରିଥିଲେ । ଓଡ଼ିଶା କମିଶନର ମିଃ ଡବ୍ଲ୍ୟୁ, ଟେଲର ବେହାର ସରକାରଙ୍କ ଅର୍ଥସଚିବ ... ବେହାର ସରକାରଙ୍କ ଚିଫ ଇଞ୍ଜିନିୟର ମିଃ ... ଙ୍କ ସମଭିବ୍ୟାହାରରେ ଲାଟ ସାହେବ ସହର ବୁଲି ଦେଖିଥିଲେ । କିନ୍ତୁ ଠିକ ହେଲା ଜଣାପଡ଼ି ନାହିଁ । ସନ୍ଧ୍ୟା ୭ ଟାରେ ପୁରୀ ଫେରିଗଲେ ।

———

## କଳାହାଣ୍ଡି ମହାରାଜା

୫ କଳାହାଣ୍ଡିର ମହାରାଜା ବଡ଼ ଲାଟଙ୍କଠାରୁ ମହାରାଜା ଉପାଧି ପାଇଛନ୍ତି ।

———

# ଉତ୍କଳ

## ସୀମା ନିର୍ଦ୍ଧାରଣ

### ବିଲାତରୁ ମେଜର ଆଟଲିଙ୍କ ବାର୍ତ୍ତା

ପାର୍ଲିଆମେଣ୍ଟର ମେମ୍ବର ମେଜର ଆଟଲେ ଭାରତ କଂଗ୍ରେସ ପକ୍ଷ ସଭ୍ୟ ମେମ୍ବର ମିଃ ବି, ଦାସଙ୍କୁ ତାରଯୋଗେ ନିମ୍ନଲିଖିତ ବାର୍ତ୍ତା ପଠାଇଛନ୍ତି ।

"ନୂଆ ଓଡ଼ିଶା ସୀମା ସମ୍ବନ୍ଧରେ ଅନେକଗୁଡ଼ିଏ ତାର ଖବର ପାଉଛି, ଆପଣ ସମସ୍ତଙ୍କୁ ଜଣାଇଦେବେ ଯେ ଓଡ଼ିଶା ସୀମା ବିଷୟ ଜଏଣ୍ଟ ସିଲେକ୍ଟ କମିଟିରେ ଆଲୋଚିତ ହୋଇ ସ୍ଥିରୀକୃତ ହେବ ।"

———

## ଚର୍ଚ୍ଚିଲଙ୍କ ଅସହଯୋଗ

ଭାରତ ସରକାର ସ୍ଥିର କରିଛନ୍ତି ଯେ ଭାରତ ଶାସନ ସଂସ୍କାର ବିଲ ଆଲୋଚନା କରିବାକୁ ପାର୍ଲିଆମେଣ୍ଟ ତରଫରୁ ଯେଉଁ କମିଟି ବସିବ ସେଥିରେ ଲର୍ଡ ସଭାରୁ ୧୬ ଜଣ, କମନ୍ସ ସଭାରୁ ୧୬ ଜଣ ମୋଟରେ ୩୨ ଜଣ ମେମ୍ବର ରହିବେ । ଚର୍ଚ୍ଚିଲଙ୍କ ମତରେ ଏତେ କମ ସଭ୍ୟରେ କମିଟି କାର୍ଯ୍ୟ ସମ୍ଭବ ହେବନାହିଁ । ସରକାରଙ୍କ ସହିତ ମତ ନ ମିଳିବାରୁ ସେ କମିଟି ମେମ୍ବର ହେବେନାହିଁ ଓ ଏ ସବୁ କାର୍ଯ୍ୟରେ ସହଯୋଗ କରିବେ ନାହିଁ ।

———

## ଆମେରିକାର ଦାବୀ

### ଯୁଦ୍ଧଋଣ ସମସ୍ୟା

ଆମେରିକାଠାରୁ ଇଂଲଣ୍ଡ ଯୁଦ୍ଧ ସମୟରେ ଯେଉଁ ଋଣ ଗ୍ରହଣ କରିଥିଲେ ସେଥିରୁ ୨୯୦୦୦୦୦୦୦ ପାଉଣ୍ଡ ପରିଶୋଧ କରିଥିଲେ । ଏହା ବାଦ ଆହୁରି ଆମେରିକାର ଇଂଲଣ୍ଡ ପକ୍ଷରେ ୩୬୫୦୦୦୦୦୦ ପାଉଣ୍ଡ ବାକି ରହିଛି, ଏ ଟଙ୍କା ପାଇଁ ଆମେରିକା ଇଂଲଣ୍ଡକୁ ଓଲଟି ଲାଗି ପଡ଼ିଲାଣି । କୌଣସି ଗୋଟିଏ ସମାଧାନ କରିବା ଉଦ୍ଦେଶ୍ୟରେ ବ୍ରିଟିଶ ସରକାରଙ୍କ ପ୍ରଧାନ ମନ୍ତ୍ରୀ ଏପ୍ରିଲ ତା ୧୫ ଦିନରେ ଆମେରିକା ଯିବେ ।

—o—

# ଓଡ଼ିଶା ସହିତ

## ଗଡ଼ଜାତ ସଂପର୍କ

### ମିଃ ମିଶ୍ରଙ୍କ ପ୍ରଶ୍ନ ଏବଂ ସରକାରୀ ଜବାବ

ଦିଲ୍ଲୀ, ତା ୬-୪-୩୩

ଭାରତ ବ୍ୟବସ୍ଥାପକ ସଭାର ମେମ୍ବର ମିଃ ଭଗନାଥ ମିଶ୍ର ପ୍ରଶ୍ନ କଲେ, "ଓଡ଼ିଶା ଗଡ଼ଜାତ ପାଇଁ ଯେ ନୂଆ ଏଜେଣ୍ଟ ଜେନେରେଲ ବସିଛନ୍ତି ତାଙ୍କର ଅଫିସ ଓଡ଼ିଶାରେ ହେବକି ?" ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରୀ ମେଟକାଫ ସାହେବ ଜବାବ ଦେଲେ, "ବର୍ତ୍ତମାନ ପାଇଁ ଏଜେଣ୍ଟ ଜେନେରେଲଙ୍କ ଅଫିସ ରାଞ୍ଚିଠାରେ ହେବ । ସେଠି ବହୁତ ସୁବିଧା ଯାଗା ଏବଂ ବେଳକୁ ଅଛି । ଏଠାରେ ମଧ୍ୟ ଅଫିସ ଇତ୍ୟାଦି ପାଇଁ ସବୁ ସୁବିଧାରେ ମିଳିଲା । ବୃଥାରେ ପଇସା ଅନର୍ଥକ ଖର୍ଚ୍ଚ କରି କୌଣସି ନୂଆ ଜାଗାରେ ଅଫିସ କରିବା ସରକାରଙ୍କର ଉଦ୍ଦେଶ୍ୟ ନୁହେଁ ।"

ମିଃ ମିଶ୍ର ପଚାରିଲେ, "ସ୍ୱତନ୍ତ୍ର ଏଜେଣ୍ଟ ଜେନେରେଲ ଓଡ଼ିଶା ଗଡ଼ଜାତମାନଙ୍କ ପାଇଁ ନ ରଖି ଓଡ଼ିଶା ଲାଟଙ୍କୁ ସେ ଭାର ଦିଆଯିବ କି ?" ସରକାରି ଜବାବ ମିଳିଲା, "ନା ତାହା ଉଚିତ ନାହିଁ ।"

———

## ମହାରାଜା ଉପାଧି

### ବସ୍ତର ରାଜା ପାଇଁ ନା

ବସ୍ତର ଓଡ଼ିଆ ରାଜ୍ୟ, ବର୍ତ୍ତମାନ ସେ ମଧ୍ୟ ପ୍ରଦେଶାନ୍ତର୍ଗତ । ସେଠା ରାଜାଙ୍କର ପୁତ୍ର ନଥିଲେ, ସେଥିପାଇଁ ସେ ମୟୂରଭଞ୍ଜ ମହାରାଜଙ୍କ ଭାଇଙ୍କ ସହିତ ତାଙ୍କର ଏକମାତ୍ର କନ୍ୟାଙ୍କୁ ବିବାହ କରାଇ ତାଙ୍କୁ ଘରଜୋଇଁ କରି ରଖିଥିଲେ । ସରକାର ବର୍ତ୍ତମାନ ତାଙ୍କୁ ମହାରାଜା ଏବଂ ତାଙ୍କ ପତ୍ନୀଙ୍କୁ ମହାରାଣୀ ଉପାଧି ଦାନ କରିଛନ୍ତି ।

———

## ଜିଲ୍ଲାର ସୁପରିଣ୍ଟେଣ୍ଡେଣ୍ଟ

ମେଦିନୀପୁର, ୬-୪-୩୩

ଏ ଜିଲ୍ଲାରେ ... ବୃନ୍ଦାବନ ଘୋଷ ପୁଲିସ ... ସମୟରେ ... ଗୁଳି ... ସେ ... ପୁଲିସ ... ହୋଇ ପଡ଼ିଛନ୍ତି ।

———

Digitized by srujanika@gmail.com

# ଉତ୍କଳଦୀପିକା

ଅପ୍ରେଲ ତା ୮ ଈଙ୍ଗ ଶନିବାର

## ଦେଶସେବା

ଉତ୍କଳ ଦେଶ କୃଷି ପ୍ରଧାନ ଦେଶ। କୃଷି ପ୍ରଧାନ ଦେଶବାସୀମାନେ କୃଷି ଉପର ଏକମାତ୍ର ଅବଲମ୍ବନ, କୃଷି ଉପର ଏକମାତ୍ର ଅସ୍ତିତ୍ୱ ପନ୍ଥା, ଅନ୍ୟ ବ୍ୟବସାୟ ବାଣିଜ୍ୟ ଉପର ନିର୍ଭରନ୍ତେ, ଯାହା ବା ଅଛି ତାହା ଏବେ ସାମାନ୍ୟ ଯେ ତାହା ବ୍ୟବସାୟ ମଧ୍ୟରେ ପରିଗଣିତ ହେବ ନାହିଁ। ୧୯୨୪ ସାଲରୁ କୃଷିଜାତ ପଦାର୍ଥମାନଙ୍କର ମୂଲ୍ୟ କ୍ରମେ କ୍ରମେ ହ୍ରାସ ପାଇ ବର୍ତ୍ତମାନ ଖୁବ ନିମ୍ନ ଦରରେ ଲାଗି ରହିଛି। ବର୍ତ୍ତମାନ ଧାନ ଟଙ୍କାରେ ୪୦ ସେର, ମୁଗ ୨୮ ସେର ଏବଂ ଅନୁପାତରେ ସମସ୍ତ ପଦାର୍ଥର ମୂଲ୍ୟ କମିଛି। ଏହି ଦାମ ହ୍ରାସ ଯେ ଅପ୍ରାକୃତିକ ଏବଂ ଭବିଷ୍ୟତରେ ଯେ ବଢ଼ିବ ଏପରି ମଧ୍ୟ ଆଶା ନାହିଁ। ଶସ୍ୟରେ ମନ୍ଦା ହେବା ଦ୍ୱାରା ସମସ୍ତ ଏହାର ଫଳ ଭୋଗୁଛନ୍ତି। କେତେକ କଥା ହେଉଛି ସବୁ ବିଷୟରେ ଗୋଟାଏ ସୀମା ଅଛି। ସୀମାରୁ ବାହାରିଲେ ଦୁର୍ଦ୍ଦଶା ଘଟିଥାଏ। ବର୍ତ୍ତମାନ ଅବସ୍ଥା ଘଟିଛି ଯେ କୃଷକ ଧାନ ଏକରରେ ୨୨ ଟଙ୍କା (ସମସ୍ତ ଖର୍ଚ୍ଚର ହିସାବ) ଖର୍ଚ୍ଚ କରନ୍ତି କିନ୍ତୁ ପାଉଛନ୍ତି ଏକରରୁ ୧୦ ଟଙ୍କା; ତାରୁ ହାତରୁ ଖର୍ଚ୍ଚ କରିବାକୁ ପଡ଼ୁଛି ପ୍ରତି ଏକରପାଇଁ ୧୨ ଟଙ୍କା। ତାର ଅବଲମ୍ବନ କଣ ଅଛି ଯେ ସେ ଏ ଖର୍ଚ୍ଚ ଦେଇ କୃଷି ଅବାଦ କରି ଚଳିବ, କିନ୍ତୁ ଏବେ ଛାଡ଼ି ଦେଇ ମଧ୍ୟ ସେ ତାର କୃଷି ଚଳାଇ ପାରୁନାହିଁ। ଏହା ବନ୍ଦ କରିଦେଲେ ସେ ସେ ତାର ପିଲାପିଲିଙ୍କ ସହିତ ଅନାହାରରେ ମରିବ। କିନ୍ତୁ କୃଷି ଅବାଦ କରି ସେ ଯେଉଁ ଋଣ କରିଛି ସେ ଋଣ ସ୍ମରଣ କରୁଛି ମହାଜନଠାରୁ ଋଣ କରି, ସେ ଋଣ ପରିଶୋଧର ଉପାୟ ତାର ନାହିଁ। ତାର ଭବିଷ୍ୟତ ଅନ୍ଧାର ଅନ୍ଧକାରମୟ, ଋଣଭାର ଦିନକୁ ଦିନ ତାର ବଢ଼ିଲା, ସମସ୍ତ କୃଷିଜାତ ପଦାର୍ଥର ମୂଲ୍ୟ ଏବେ ହ୍ରାସ ହୋଇଥିଲେ ମଧ୍ୟ କୃଷି ଆମଦାନ କରିବାର ବ୍ୟୟର ପରିମାଣ ମୋଟେ କମିନାହିଁ। ଖଜଣା ବିଜନ ପୂର୍ବଠାରୁ ବୃଦ୍ଧି ପାଇଛି। ଜମିର ଖଜଣା ବଢ଼ିଲା, ତାହାର ଆମଦାନ କମି ପାଉନାହିଁ, ତେବେ କେଉଁଠାରୁ? ଫଳରେ ଜମିଦାର ଟଙ୍କା ପାଉନାହାନ୍ତି—ଦାଖଲ କରିବାକୁ ସ୍ୱତନ୍ତ୍ର, ଲାଟବନ୍ଦି ଟଙ୍କା ଦାଖଲ ନକଲେ ଜମିଦାରୀ ନିଲାମରେ ଯିବ, ଜମିଦାର ସମ୍ପତ୍ତି ରକ୍ଷାପାଇଁ ମହାଜନଠାରୁ ଋଣକରି ଟଙ୍କା ନିଲାମ କରି ଜମିଦାରି ରକ୍ଷାକଲେ। ପ୍ରଜା ନାମରେ ନାଲିସ କଲେ ଖଜଣା ଅଦାୟପାଇଁ। ପ୍ରଜାଗଣ କୁତ୍ର ଉପବାସ ସେ କେଉଁଠାରୁ ଦେଉଛି? ସେ ମହାଜନ ସବୁ ସୁଦ ଦେଖି ସୁଧରେ ଟଙ୍କା ଆଣିଲ୍ ସମ୍ପତ୍ତି ବନ୍ଧକ ଦେଇ ନନ୍ଦିବା ମତ ବଢ଼ସକୁ ଟଙ୍କା ନମିଲଲେ ସମ୍ପତ୍ତି ବିକ୍ରି କରି ଟଙ୍କା ଦାଖଲ ଦଲ। ଜମିଦାରଙ୍କର ଏହି ଟଙ୍କା ଉପରେ ସବୁ ନିର୍ଭର। ସେ ଏବୋଟରେ ନଗନ୍ତ୍ରି ଦେଣା ପରିଶୋଧ କରିବେ କଣ ପରେ ଏ ଟଙ୍କା ଖର୍ଚ୍ଚ କରି ଲୁଟ୍ଟିଲ୍ ସହ ଶୋଷଣ କଲେ। ଫଳରେ ପ୍ରଜା ଜମିଦାର ଦେଣାରେ ଜମିଦାର ହେଲେ ବ୍ୟସ୍ତ। ଓଡ଼ିଶା ସନ୍ଧ ଏହ-ଜଣା, ଏହି ଦୁଃଖସ୍ୱ ତାହାଙ୍କ ସବୁଠାରେ। ପ୍ରଜା-ଙ୍କର ସୁବିଧା ସରକାର ଶୁଣିବାକୁ ଚାହାନ୍ତି। କଂଗ୍ରେସର ଚେଷ୍ଟା ଫଳରୁ ସରକାର ନାଲକର ୫୦୦ ସ୍ଥଳରେ ଲକ୍ଷ ଟଙ୍କା ଦେଉଛନ୍ତି। କିନ୍ତୁ ଏବେ ଅପରୁ ସୁବିଧା ସହିତ ଦୁର୍ଭିକ୍ଷ କମାଇ ପ୍ରଜାଙ୍କ ଜୀବନ-ଦାନ ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି। ଦେଶର ଜମିମାନଙ୍କର ଉର୍ବରତା ଯୋଗରୁ କିମ୍ବା କୌଣସି ନୂତନ ବୈଜ୍ଞାନିକ ପ୍ରଣାଳି ସାହାଯ୍ୟରେ ଯଦି ଜମିର ଉତ୍ପାଦିକା ଶକ୍ତି ବୃଦ୍ଧିପାଇ ଫସଲ ଆମଦାନିର ପରିମାଣ ବୃଦ୍ଧିପାଇ ଏ ମୂଲ୍ୟ ହ୍ରାସ ଘଟିଥାନ୍ତା ତେବେ କୌଣସି ଦୁଃଖ ନଥାନ୍ତା କିନ୍ତୁ ବର୍ତ୍ତମାନ ସେପରି ଅନ୍ୟରୂପ, ଜମିର ଉର୍ବରତା ବଢ଼ିବା ଦୂରେଥାଉ କ୍ରମେ କ୍ରମେ କମୁଛି। ଆମଦାନି ମଧ୍ୟ ସେହି ଅନୁପାତରେ କମି ଗଲାଣି, ଯେଉଁ ଏକରରେ ପୂର୍ବେ ତୁଳିଦରଣ ଧାନ ଆମଦାନି ହେଉଥିଲା ବର୍ତ୍ତମାନ ତାର ଅର୍ଦ୍ଧେକ ହେଉଛି। ଜମିର ଉର୍ବରତା କମିଲା, ଫସଲର ମୂଲ୍ୟ କମିଲା, କିନ୍ତୁ ଜମିର ଖଜଣା ହିସାବ ବଢ଼ିଲା ପୂର୍ବଠାରୁ ଏକ ଚତୁର୍ଥାଂଶ ବେଶି। ଦେଶସାରା କେତେ ଜାଗରଣର ଢେଉ ଖେଳିଯାଉଛି, ସ୍ୱତନ୍ତ୍ରତାବଶ କେତେ-ଲୋକଙ୍କ ମନରେ ଗୋଟାଏ ନୂତନ ଉନ୍ମାଦନା ଆସିଛି, କଂଗ୍ରେସ ଆନ୍ଦୋଳନଠାରୁ ଆରମ୍ଭ କରି ନୂଆ ଶିକ୍ଷା ପ୍ରସ୍ତାବ ଆନ୍ଦୋଳନରେ ଆଜି କେତେକ ମନ୍ତ୍ରୀ, କାଉନସିଲ, ଲୋକାଲବୋର୍ଡ, ମ୍ୟୁନିସିପାଲିଟି, ସ୍ୱତନ୍ତ୍ର ଉତ୍କଳର ମନ୍ତ୍ରୀତ୍ୱ, ନୂଆ ନୂଆ ଚାକିରୀ ଇତ୍ୟା-ଦିର ଚକ୍ରାରେ କେତେକ ବନ୍ଧୁଙ୍କର ବନ୍ଧୁ ଦେହ ଏ ଦରିଦ୍ର ଉତ୍କଳଦେଶର ସମ୍ବଳହୀନ ଏ କୃଷକର କରୁଣ ଅବସ୍ଥା ପ୍ରତି ଦୃଷ୍ଟି ନିକ୍ଷେପ କଲାପରି ଦଶୁନାହିଁ। କୃଷକର ଦୁଃଖ ଲାଘବକରି ତାକୁ ଜୀବନୀ ଶକ୍ତି ଦାନ କରିବା କଥା କେହୁ ଦେଶପ୍ରେମିକ ଏପରି ବୋଧ ହେଉନାହିଁ। ସ୍ୱରାଜ ହେଉ ହେଉ, ସ୍ୱତନ୍ତ୍ର ଉତ୍କଳର ସ୍ୱତନ୍ତ୍ରତାର ବିକାଶ ହେଉ ହେଉ ଅସ୍ପୃଶ୍ୟ ଶବର ଅନ୍ତର୍ଦ୍ଧାନ ପୂର୍ବରୁ ଯେ ଉତ୍କଳର ଜୀବନୀଶକ୍ତି ଉତ୍ପାଟିତ ହୋଇଯିବ, ଦେଶର ମଙ୍ଗଳକାମୀ ଦେଶସେବକମାନେ ଏ ଦଗରେ ସତ୍ତୃର୍ଣ୍ଣ ପାଇଁ ଦୃଷ୍ଟି ପକାଇବେ କି?

---

## ପଣ୍ଡିତ ମାଲବ୍ୟ ପ୍ରଭୃତି ଖଲାସ

କଲିକତା ୪-୪-୩୩

ପଣ୍ଡିତ ମଦନମୋହନ ମାଲବ୍ୟ, ପଣ୍ଡିତ ଗୋବିନ୍ଦ ମାଲବ୍ୟ, ଶ୍ରୀମତୀ ସ୍ୱରୂପାରାଣି ପ୍ରଭୃତି କଂଗ୍ରେସରେ ଯୋଗ ଦେବାପାଇଁ ଆସିବା ବାଟରେ ପ୍ରଥମ ହାଜତ ବନ୍ଦ ହୋଇଥିଲେ। ବର୍ତ୍ତମାନ ଖବର ମିଳିଛି ଯେ ସମସ୍ତେ ଖଲାସ ହୋଇଛନ୍ତି। ଶାସ୍ତ୍ରୀ ଆଜି ପ୍ରଭୃତି ମଧ୍ୟ ଖଲାସ ହୋଇଛନ୍ତି। ପୁଲିସ କେବଳ ସେମାନଙ୍କୁ ଦୂର ସ୍ଥାନର ଷ୍ଟେସନରେ ଛାଡ଼ିଦେଲା।

---

## ରାଜଧାନୀପାଇଁ ବ୍ୟବସ୍ଥା

ଓଡ଼ିଶା ପ୍ରଦେଶର ରାଜଧାନୀ କଟକରେ କିମ୍ବା ଦର୍ଶ ସବୁ ବନ୍ଦୋବସ୍ତ ହେବ ତାହା କିଛି ଠିକ୍ ହୋଇନାହିଁ। ଲାଟସାହେବ ନଇ ୫ ତାରିଖରେ ସମସ୍ତ ସହର ବୁଲି ଦେଖିଥାଇ ଅଛନ୍ତି। ଓଡ଼ିଶାର ଭୂତପୂର୍ବ କମିଶନର ଡିକ୍ସନ ସାହେବଙ୍କ ମତ ଯେ ବର୍ତ୍ତମାନ ଲାଟ କୋଠାର ଆବଶ୍ୟକ ନାହିଁ। ବର୍ତ୍ତମାନ କମିସନର ସାହେବଙ୍କ କୋଠିରେ ଓଡ଼ିଶା ଲାଟ ରହିବେ। ସେକ୍ରେଟେରିଏଟ ହେବ ରାଜଗୋପାଳ ଛତ୍ରବାସରେ। କାଉନସିଲ ବସିବ କଲେଜ ହଲରେ। ଶୁଣିଲୁ ସରକାରୀ ମହଲରେ ଅଧିକାଂଶଙ୍କ ମତ ଯେ ବାରବାଟି ଦୁର୍ଗ ମଧ୍ୟରେ ଲାଟ ସାହେବଙ୍କ ରହିବାର ବ୍ୟବସ୍ଥା ହେବ ଏବଂ ବାରବାଟି ଦୁର୍ଗଫାଟକ ସାମନାରେ ପଡ଼ିଥିବା ଜମିଉପରେ ସେକ୍ରେଟେରିଏଟ କାଉନସିଲ ଗୃହ ଇତ୍ୟାଦି ହେବ। ବର୍ତ୍ତମାନ କମିଶନର ସାହେବଙ୍କ ଅଫିସ ରେଭିନ୍ୟୁ କମିଶନରଙ୍କ ଅଫିସରେ ପରିଣତ ହେବ। ଓଡ଼ିଶାରେ ମୋଟେ ଜଣେ ୧୫୦୦ ଟଙ୍କା ଦରମାର ମନ୍ତ୍ରୀ ରହିବେ। ରେଭିନ୍ୟୁ କମିଶନର ଜଣେ ରହିବେ। ସେ ଶିକ୍ଷା ବିଭାଗ, ଅବକାରୀ ବିଭାଗ, ରେଜେଷ୍ଟ୍ରି ବିଭାଗର କାର୍ଯ୍ୟ ଚଳାଇବେ। ମୋଟରେ ୨୦୨୫ ଜଣ ଅମଲା ରହିବେ, ଯାହାଙ୍କରେ ବର୍ତ୍ତମାନ କାର୍ଯ୍ୟ କରୁଥିବା ଓଡ଼ିଆ କିରାଣିମାନଙ୍କୁ ଏଠାରୁ ଆଣିଲେ ଆଉ ନୂଆ ଲୋକ ରଖିବା ଦରକାର ପଡ଼ିବ ନାହିଁ। ଓଡ଼ିଶା ଲାଟଙ୍କ ଦରମା ୫୦୦୦ ଟଙ୍କା ମଧ୍ୟରେ ହେବ।

---

## ଭୂତପୂର୍ବ ବଡ଼ଲାଟ ଚେଲମସଫୋର୍ଡ

ପ୍ରାଣତ୍ୟାଗ କଲେ

ଭାରତର ଭୂତପୂର୍ବ ବଡ଼ଲାଟ ଲର୍ଡ଼ ଚେଲମସ-ଫୋର୍ଡଙ୍କ ମୃତ୍ୟୁ ତା ୨ ରିଖରେ ଘଟିଛି। କୌଣସି ରୋଗ ନଥାଇ ହଠାତ ତାଙ୍କର ମୃତ୍ୟୁ ସନ୍ଧ୍ୟା ସମୟରେ ବଗିଚାରେ ବୁଲୁଥିବା ଅବସ୍ଥାରେ ହୋଇଛି। ତାଙ୍କର ୬୫ ବର୍ଷ ବୟସ ହୋଇଥିଲା। ୧୯୧୬ ରୁ ୧୯୨୧ ପର୍ଯ୍ୟନ୍ତ ସେ ଭାରତର ବଡ଼ଲାଟ ଥିଲେ। ୧୯୧୯ ଭାରତ ସେକ୍ରେଟେରୀ ଭୂତପୂର୍ବ ମିଃ ମଣ୍ଟେଗୁ ସେଉଁ ଶାସନସଂସ୍କାର ବ୍ୟବସ୍ଥା ସ୍ଥିରକରାଇ ଦେଇଥିଲେ ଏବଂ ଯାହା ମଣ୍ଟେଗୁ ଚେଲମସଫୋର୍ଡ ନାମରେ ଅଭିହିତ ତାହା ଲର୍ଡ଼ ଚେଲମସଫୋର୍ଡଙ୍କ ପ୍ରଗାଢ଼ ଚେଷ୍ଟାର ଫଳ। ସେ ଭାରତରେ ବଡ଼ଲାଟ ଥିବା ସମୟରେ ୧୯୧୯ ରେ ରଓଲାଟ ଆଇନ ଜାରି ହୋଇଥିଲା। ଜାଲିଆନାଲାବାଗ ହତ୍ୟାକାଣ୍ଡ ସଂଘଟିତ ହୋଇଥିଲା। ସତ୍ୟାଗ୍ରହ ଆନ୍ଦୋଳନ ପ୍ରବଳ ଭାବରେ ସୃଷ୍ଟି ଇତ୍ୟାଦି ନାନାଦି ସେହି ସମୟରେ ଚାଲିଥିଲା। ଅସହଯୋଗ ଆନ୍ଦୋଳନର ସୃଷ୍ଟି ଏହି ସମୟରେ ହୁଏ। ଗାନ୍ଧୀ ଆଦି ନେତାମାନେ ତାଙ୍କର ଆମଳରେ ବନ୍ଦ ହୋଇ ଥିଲେ। ତାଙ୍କ ପରେ ଲର୍ଡ଼ ରିଡିଙ୍ଗ ଭାରତର ବଡ଼ଲାଟ ହେଲେ। ଲର୍ଡ଼ ଚେଲମସଫୋର୍ଡ ପ୍ରଥମେ ଭାରତରେ ମହାଦେଶର ଥିଲେ।

---

## ପାର୍ଲିଆମେଣ୍ଟରେ ଶ୍ୱେତପତ୍ରର ବିଚାର

ଲଣ୍ଡନ ୬ ତା ୩।୩୩

ପାର୍ଲିଆମେଣ୍ଟର ହାଉସ ଅଫ କମନ୍ସ ମହା-ସଭାରେ ଭାରତ ମନ୍ତ୍ରୀ ସାର ସାମୁଏଲ ହୋର ଆଜି ଉପରବେଳା ଭାରତ ଶାସନ ପ୍ରସ୍ତାବ ବିଷୟରେ ପ୍ରସ୍ତାବ ଆଗତ କରିଥିଲେ। ଦର୍ଶକ ସ୍ଥାନରେ ବର୍ଦ୍ଧମାନ ମହାରାଜା, ବଙ୍ଗଳାର ଭୂତପୂର୍ବ ଲାଟ ସାହେବ ଜାକସନ, ସାର ମାଲକମହେଲି, ସାର ଓ. ଏନ ମିଶ୍ର, ମାଳବ୍ୟଙ୍କ ପଟେଲ, ଲର୍ଡ଼ ଲଥିଆନ ପ୍ରଭୃତି ଉପସ୍ଥିତ ଥିଲେ।

Digitized by srujanika@gmail.com

Split by PDF Splitter

Split by PDF Splitter



୮।୪।୩୩

୧୨

# ବେଙ୍ଗଲ ନାଗପୁର ରେଲଓ୍ୱେ କମ୍ପାନୀ ଲିଃ

( ଇନ୍‌କରପୋରେଟେଡ୍ ଇନ୍ ଇଂଲଣ୍ଡ )

## ଇଷ୍ଟର ଛୁଟିରେ

ପୁରୀରେ

ପୂର୍ଣ୍ଣଚନ୍ଦ୍ରାଲୋକିତ ସମୁଦ୍ରୋପକୂଳ,

ସମୁଦ୍ରକୂଳବର୍ତ୍ତୀ ଗୋପାଳପୁର

କିମ୍ବା

ୱାଲ ଟେୟାର୍

## ଏ ଗ୍ରୀଷ୍ମ ଋତୁରେ

ଆପଣଙ୍କ

ସ୍ୱାସ୍ଥ୍ୟ କରିଦେବ ।

କନ୍‌ସେସନ୍ ଭଡ଼ା

ବି. ଏନ୍ଃ ରେଲ୍‌ଓ୍ୱେ ଅଫିସ୍
ଗାର୍ଡେନରିଚ୍, କଲିକତା

ବାଇ ଅର୍ଡର
କମର୍ସିଏଲ୍ ଟ୍ରାଫିକ ମେନେଜର

୧୨।୩୩

# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

## ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ

ସରାଇକେଲା

ଆମ୍ଭେ ଟ ୩୦ ଟଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ଷ ଟେଲରିଂ; ଟ ୨୫ ଟଙ୍କା ନେଇ ୬ ସପ୍ତାହରେ ଫୁଲକୋର୍ଷ ଫଟୋଗ୍ରାଫ୍, ଟ ୩୦ ଟଙ୍କା ନେଇ ଏକମାସରେ ନାନା ରକମ ସାବୁନ ଓ ଜାମ ମାଞ୍ଚ ଆଦି ଜାଲ, କେଶତୈଳ ପ୍ରସ୍ତୁତ ନାନା ରକମ ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଉଅଛୁଁ । ଅନ୍ୟମାନେ ଯାହାର ଲାଗି ବେଶ କଷ୍ଟ ଓ ଦେଇକି ଶିକ୍ଷା ଦେଉଥାନ୍ତି । ଛାତ୍ରମାନଙ୍କ ପାଇଁ ଏବଂ ଡ୍ରେସମେକର ଡାକ୍ତର ଓ ଔଷଧ ଲାଗି ଏକପଇସା ଖର୍ଚ୍ଚ ଲାଗେ ନାହିଁ । ଜଳବାୟୁ ଉତ୍ତମ । ଏଠାରେ ଶିକ୍ଷା ଲଭିଲେ ଅନ୍ୟର ଅଧୀନ ନ ହୋଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ । ଅନୁସନ୍ଧାନ କଲେ ଜାଣିପାରିବେ ଯେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ । ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୨ ମାଇଲ ଦୂରରେ ଅବସ୍ଥିତ । ସେଥିପାଇଁ ହର୍ଦ୍ଦିୟ ଲଭ ସର୍ବଦା ସାହାଯ୍ୟ କରୁଛୁ । ବିସ୍ତାରିତ ବିବରଣ ପାଇଁ ୦ ୯ ଡାକ ଟିକଟସହ ପତ୍ର ଲେଖନ୍ତୁ ।

ଦେବରାଜ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିୟଲ ଇନଷ୍ଟିଚ୍ୟୁସନ୍
ପୋଃ ସରାଇକେଲା, ରୁଗ୍ଣା ସିନ, ଜିଲ୍ଲା ସିଂହଭୂମ

ଡିସେମ୍ବର ୧୯୩୩

# ଗୋଦର, କୋରଣ୍ଡ

ଓ

# ଏକଶିରାର

## ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋଦର ରୋଗ କୋରଣ୍ଡ ଓ ଏକଶିରା ହେଉ ନା କାହିଁକି ଏହାର ସେବନରେ ଆରୋଗ୍ୟ ହୋଇ ଯିବ । ବାହାରେ ଲେପନ ଦେବାର ଦରକାର । ପ୍ରତ୍ୟେକର ମୂଲ୍ୟ ।୵ ମାତ୍ର

ଛାତ୍ରବାବୁଙ୍କ ସୂଚକ
ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋଃ ଅଃ ସରାଇକେଲା
ଜିଲ୍ଲା-ସିଂହ । ସିଂହଭୂମ ଜିଲ୍ଲା

# ନୀଲାମ ଇସ୍ତାହାର

ନ ୭୧୫ ମୂଳ ଡିକ୍ରିଜାରି　　ସନ ୧୯୩୨ ମସିହା

ଶ୍ରୀ ମହନ୍ତ ଶ୍ରୀ ଜଗନ୍ନାଥ ଦାସ ଗୋଃ ମାଃ ଶ୍ରୀ ଗୋପାଳଜୀଉ ଠାକୁର ସାଃ ଭୁବନପୁର ବାଇଦ୍ଧଦାସ ମଠ ପ୍ରଃ ବାଗଭ୍ରବାଳ ସଦର ଲିଖିତ　　ଡିକ୍ରିଦାର

ଲୋକନାଥ ଦାସଗୋଇ ଓଗେର　　ଦେଃମାନେ

ଉକ୍ତ ମୋକଦ୍ଦମାରେ ଡିକ୍ରି ଓଗେର ଟଙ୍କା ଅଦାଏ ନିମନ୍ତେ ନିମ୍ନଲିଖିତ ଦଫାର ସମ୍ପତ୍ତି କଟକ ମୁନ୍‌ସଫ ପ୍ରଥମ ମୁନ୍‌ସଫ ଅଦାଲତରେ ତା ୧୮।୪।୧୯୩୩ ରିଖରେ ନିଲାମ ହେବ ।

୧ । ପ୍ରଃ ଝଙ୍କଡ଼ ସବରେଜେଷ୍ଟ୍ରି କଟକ ସଦର ପ୍ରଃ ବୋଲାଗଡ଼ ଖାଃ ଦାଃ ଦାଃ ମୌଃ ଟଙ୍ଗ-ପଲା ଓଗେର ଜମିଦାରୀ ନ ୫୯୬ ତଃ ସଦରଜମା ଟ୪୬୬୮ ମଧ୍ୟରୁ ଖାଃ ଟ୦୧୪୧୧୧୫ ପ୍ରଭୃତିରେ ଖାଃ ଟ୦୶୮୧୫ ହାନ୍ତୁ ମାହାଲ ମଧ୍ୟୋଃ ଖଣ୍ଡମହ ଟ୦୧୧୧୧/୮୧୭ ହେବକୁ ପାଇବ ସଦର ଜମା ଟ୨।୦୶/୧ ହାଲ ସଦରଜମା ଟ୩।/ରୁ ରକବା ଏ୩—୦୭ ଉକ୍ତ ଦଫା ଜମିଦାରୀ ଓ ନଜରାନା, ନିଜଚାଷ ଓଗେର ସକଳପ୍ରକାର ସତ୍ତ୍ୱସହ ସମ୍ବନ୍ଧ ଅଃ ମୂଃ ୧୫୮

୨ । ପ୍ରଃ ଝଙ୍କଡ଼ ଓ ସବରେଜେଷ୍ଟ୍ରି କଟକ ସଦର ପ୍ରଃ ବୋଲାଗଡ଼ ଖାଃ ଉନ୍ନଯ୍ୟ ନ ୫୧୦ନମ୍ବର ତଃ ଜମିଦାରୀର ସଦର ଜମା ଟ୪୮୯୧ ମଧ୍ୟରୁ ମୌଃ ନଗଇ, ମୌଃ ପାଲଗାଁ, ମୌଃ ଜଙ୍ଗଲ, ମୌଃ କୁମ୍ଭେଇ ଓଗେର ମୌଜାମାନଙ୍କ ମଧ୍ୟରୁ ଖାଃ ଟ୦୶୮୮୧୫କୁ ସଦର ଜମା ଟ୧୧୨୫୶/୨୧୫ ରୁ ରକବା ଏ୧୨୫—୧୭ ଡିସ୍‌ମିଲ ଅନୁପାତରେ ନ ୧ ମୂଳ ଖାଃ ନମ୍ବର ଦେଣଦାର ମାଲଗୁଜାରୀ ନ୮୦୬୧ ତଃ ଦାଃ ଖାଃ ଲୋକନାଥଙ୍କ ମୌଃ କୁମ୍ଭେଇ, ନଗଇ, ପାଲଗାଁ ବୋଲଗଡ଼ ମୌଜା-ମାନଙ୍କର ସଦର ଜମା ହାଲ ଜମାବନ୍ଦୀ ମତେ ଟ୧୧୩କୁ ରକବା ଏ୧୩—୭୫ ଉକ୍ତ ଜମିଦାରୀ ଓ ଧନିଲ ରଇୟତମାନଙ୍କର ଜଳକର, ନିଜ-ଚାଷ ଓଗେର ସକଳପ୍ରକାର ସତ୍ତ୍ୱସହ ସମ୍ବନ୍ଧ ଅଃ ମୂଃ ଟ୫୦୦୧

ନ ୫୦୩ ମୂଳ ଡିଃ ଜାରି　　ସନ ୧୯୩୨ ମସିହା

ଡିଃ ୧ମ ମୁନ୍‌ସଫ କୋର୍ଟ କଟକ

ସକ୍ଷରାମୁ ଦଃ ରଘୁନାଥ ପ୍ରଃ ବେଗୁନିଆ ଉଃ ଧୀରମଣି ଦେଈ ଓଗେର ସାଃ ଏଲା ପ୍ରଃ [illegible]

ଦେଃ ମାନେ

ଏ ମୋକଦ୍ଦମାରେ ଡିକ୍ରି ଓଗେର ଟଙ୍କା ଅଦାଏ ନିମନ୍ତେ ଦେଃ ମାନଙ୍କର ନିମ୍ନ ସମ୍ପତ୍ତି ତା ୧୫।୪।୩୩ ରିଖରେ ନିଲାମ ହେବ ।

୧ । ତଃ [illegible] ଓ [illegible] ସବରେଜେଷ୍ଟ୍ରି ପ୍ରଃ [illegible] ନ୬୬୦୧ ତଃ ମୌଃ ଶ୍ୟାମପୁର ମୂଳ ବଂଶୀଧର ମହାନ୍ତିଙ୍କ ଓରଫ ଚିନ୍ତାମଣି ମହାନ୍ତିଙ୍କ ପିତାଙ୍କ ଭାଗର ଦେଃ ଙ୍କ ଚିହ୍ନଟବନ୍ଦୀ ନ୩୫୫ ଖାତା ଖଜଣା ଜମାବନ୍ଦୀ ଏ୦—୪୮ ଜମା ଟ୦୶/୧୮ ଅଃ ମୂଃ ଟ୫୦୧

୨ । ଉଃ ପ୍ରଃ ସଃ ଏକ ତଃ ମୌଃ ଏକଟରେ ଥିବା ଦେଣଦାରଙ୍କ ସ୍ୱତ୍ତ୍ୱରଜ ଦାମ ସାମିଲ ଏକଚଙ୍କ ଭାଗର ଦେଣଦାରଙ୍କ ଚିହ୍ନଟବନ୍ଦୀ ନ୩୩୯ ଖାତା ଖଜଣା ଜମାବନ୍ଦୀ ଏ୦—୪୭୫ ଉକ୍ତ ଜମା ଟ୦୶୭ ଅଃ ମୂଃ ଟ୫୦୧

ନ ୭୩୨ ମୂଳ ଡିଃ ଜାରି　　ସନ ୧୯୩୨ ମସିହା

ଡିଃ ପ୍ରଥମ ମୁନ୍‌ସଫ କଟକ

ଭଜନ ସାହୁ ଓଗେର ସାଃ ସରାଇକେଲା ପ୍ରଃ ବେଓଗାଁ　　ଡିଃ ମାନେ

ଗଙ୍ଗାଧର ସ୍ୱାଇଁ ଓଗେର ସାଃ କେଳଦା ପ୍ରଃ ବେଓଗାଁ　　ଦେଃ ମାନେ

ଉକ୍ତ ମୋକଦ୍ଦମାରେ ଡିଃ ଦାରଙ୍କର ଡିକ୍ରି ଓଗେର ଟଙ୍କା ଅଦାଏ ନିମନ୍ତେ ଲିଖିତ ସମ୍ପତ୍ତି ତା ୧୫।୪।୩୩ ରିଖରେ ନିଲାମ ହେବ ।

ତଃ କଟକ ପ୍ରଃ ଝଙ୍କଡ଼ ଜଗତସିଂହପୁର ସଃ ରେଃ ପ୍ରଃ ଦେଶଦେବାଳ ଥାଃ ବେଓଗାଁ ନ୪୭୬ନମ୍ବର ଥାନା ମୌଃ ସରାଇକେଲା ଖାଃ ଜାଦେଳି ନ ୫୫୪୦ ମୂଳ ଉଃ ଓ ନ ୧୭ ମୂଳ ଶେର୍ଣ୍ଣୀଟ ନ ୪୧ ମୂଳ ଖାତା ଜା,ଃ ଏ୦—୫୪ ଡିଃ ରୁ ଅଃ ମୂଃ ଟ ୫୦୧

Digitized by srujanika@gmail.com

Split by PDF Splitter



15-4-33

# Notice

Applications are invited from the candidates who are native of or domiciled in the province for (a) one Correspondence Clerk on Rs.80-4-100 and (b) two Correspondence Clerks on Rs 65/- each, subject to 10 per cent temporary cut.

A graduate or an undergraduate having good experience of correspondence and accounts work in a Superintending Engineer's Office. The applicant must be able to put up efficient notes and drafts and must be conversent with the Code and Departmental rules.

Application should be submitted for any of the posts to the Superintending Engineer, Orissa Circle, by designation by the 25th April, 1933. The selected candidates will have to join at their own expense.

Dated Cuttack, The 2nd April, 1933. | K. R. Bery, Superintending Engineer, Orissa Circle.

---

ନ ୧୫୮୦ ନମ୍ବର ଜାରି ସନ ୧୯୩୨ ମସିହା

ଇଃ ୨ୟ ମୁନସଫି

ବାବୁ ଅକ୍ଷୟକୁମାର ଘୋଷ ଏକଜକ୍ୟୁଟର ଷ୍ଟେଟ ଂନନ୍ଦକୁମାର ଘୋଷ ସାଃ ରଙ୍ଗଧର୍ମଶାଳ ସାଃ କଟକ

ବାଦୀ ଡ଼ିଃ

ପଞ୍ଚାନନ ମହାନ୍ତି ସାଃ ଗୋବିନ୍ଦପୁର ସ୍ତୁଃ ସବୁଦିଆ

ପ୍ରତିବାଦୀ ଦେଃ

ଉପରଲିଖିତ ମୋକଦ୍ଦମାରେ ଡିକ୍ରୀଦାରଙ୍କ କରଜରୀ ଓଗେର ଟଙ୍କା ଆଦାଏ ସକାଶେ କଟକ ଜିଲ୍ଲା ଅନ୍ତର୍ଗତ ଥାନା ସାଲେପୁର ସ୍ତୁଃ ସବୁଦିଆ ନ ୭୨୩ ନମ୍ବର ତାଃ ମୌଃ ଗୋବିନ୍ଦପୁର ରହୁଥିବା ଦେଣଦାରଙ୍କର ଧୀରଜ ଗଜେନ୍ଦ୍ରସୁରୀ ସା ୩୧୧ ତା ଖାଃ ସ୍ଥିତିବାନ ଏ୦—୨୮୦ ଭୂ ଜମା ଟ ୦୩୵ ସାଦାର ବାଲ ଗଜେନ୍ଦ୍ରସୁର ନ ୨୩୭ ନମ୍ବର ଖାତା ସ୍ଥିତିବାନ ଏ୦—୨୩୫ ଡ଼ିଃ ଭୂ ଅବାଦ୍ ଜମା ଟ ୧୵ ଉକ୍ତ ଭୂଇଁ ଓ ତହିଁରେ ଥିବା ଦେଣଦାରର ସର୍ବସ୍ୱତ୍ୱାଧିକାର ସମ୍ପତ୍ତି ତାରିଖରେ ଏ ମୋକଦ୍ଦମାରେ ନିଲାମହେବ ଥିଃ ମୂଃ ଟ ୧୨୯

୨। ଥାନା ସାଲେପୁର ସ୍ତୁଃ ସବୁଦିଆ ନ ୭୨୩ ନମ୍ବର ତାଃ ମୌଃ ଗୋବିନ୍ଦପୁର ରହୁଥିବା ଦେଣଦାରଙ୍କ ପାଇକ ଗଜେନ୍ଦ୍ରସୁର ନ ୬୨୧ ନମ୍ବର ଖାତା ଖାଃ ଦଃ ସ୍ଥିତିବାନ ଖାଃ ଏ୦—୩୧୪ ଡ଼ିଃ ଭୂ ଜମା ଟ ୦୧ ସାଦାର ବାଲ ଗଜେନ୍ଦ୍ରସୁର ନ ୮୨ ନମ୍ବର ଖାତା ଖାଃ ସ୍ଥିତିବାନ ଏ୦—୨୧୭ ଭୂ ଜମା ଟ ୦୪ ଦୋଇଅଛି ଉକ୍ତ ଭୂଇଁ ଓ ତହିଁରେ ଥିବା ଦେଣଦାରର ଖାଡ଼ି ଉପରସର ଦ ୪ ଗଛ ଓ ତହିଁରେ ଲାଗିଥିବା ଦଳାଟ ଦରିପାଠ ଆଦ ସମସ୍ତ ସ୍ୱତ୍ୱାଧିକାର ସମ୍ପତ୍ତି ଏ ମୋକଦ୍ଦମାରେ ନିଲାମହେବ ଥିଃ ମୂଃ ଟ ୩୫୯

ନିଲାମ ତାରିଖ ତା ୧୮।୪।୩୩

---

ନ ୮୯୮ ନମ୍ବର ଜାରି ସନ ୧୯୩୨ ମସିହା

ଇଃ ଏଡିସନ ମୁନସଫ

ବାବୁ ଅକ୍ଷୟକୁମାର ଘୋଷ ଏକଜକ୍ୟୁଟର ଷ୍ଟେଟ ଂନନ୍ଦକୁମାର ଘୋଷ ସାଃ ରଙ୍ଗଧର୍ମଶାଳ ସାଃ

ଜରିମାନା ବାଦୀ ଡ଼ିଃ

ଏକନାମ ଅବଦୁଲ ଖାଲକ ସାଃ କୁଷ୍ଠାନନ୍ଦପୁର ସ୍ତୁଃ ଖାନ୍ଦାଶି

ଦେଃ

ଉପରଲିଖିତ ମୋକଦ୍ଦମାରେ ଡିକ୍ରୀଦାରଙ୍କ କରଜରୀ ଓଗେର ଟଙ୍କା ଆଦାଏ ସକାଶେ ଦେଣଦାରଙ୍କ ଥିବା ଥାନା ସାଲେପୁର ସ୍ତୁଃ ସୁଦାଡ଼ା ନ ୮୦୧ ନମ୍ବର ଲଃ ତାଃ ଭଞ୍ଜଳ ଅର୍ଦ୍ଧ ଭାଗ ମୌଃ ଅଲ୍ପ ଓଗେର ଜମିଦାରୀ ମୋଟ ରକବା ଏ୧୫୧—୭୫ ଡ଼ିଃ ଭୂ ସଦର ଜମା ଟ ୩୩୮୯ ମଧ୍ୟରୁ ସଦର ମହମ୍ମଦ ମଜହରଙ୍କ ସ୍ୱାଃ ଟ ୦୩ ଭାଗଭାଗ ଦେଣଦାରର ସ୍ୱାଃ ଟ ୦୩ ରୁ ଆଗାମୀ ଅଭାବୀ ସହିତ ଏ୭୫—୮୭—୫ ଭୂ ସଦର ଜମା ଟ ୧୬୫୯ ଅଟେ ଉକ୍ତ ଜମିଦାରୀରେ ଥିବା ଆବାଦୀ ଓ ଅନାବାଦୀ ଓ ସକଳ ସ୍ୱତ୍ୱାଧିକାର ସହିତ ଏ ମୋକଦ୍ଦମାରେ ନିଲାମହେବ ଥିଃ ମୂଃ ଟ ୫୦୦୯

ନିଲାମ ତାରିଖ ତା ୧୮।୪।୩୩

ଉପରିଲ ମୌଜା

୧। ମୌ ଅଲୁଡ଼ୀ

୨। ମୌଃ ଅଷ୍ଟେଇପାତ୍

୩। ମୌଃ ବାଲେଶ୍ୱରା

୪। ଦକ୍ଷିଣ

୫। ଗୋପୀନାଥପୁର

୬। ମଧ୍ୟଭାଗ

୭। ପଦଭାଗ

୮। ପଶ୍ଚିମଭାଗ

---

ନ୪୦୪ନମ୍ବର ଜାରି ସନ ୧୯୩୨ ମସିହା

ଇଃ ସବଜଜକୋଟ କଟକ

ମଦନମୋହନ ମଲ୍ଲିକ ଓଗେର ସାଃ ଚୌଧୁରୀ-ବଜାର

ଡ଼ିଃ

ଗଙ୍ଗାଧର ସାଃ କୋଇପଦା

ଦେଃ

ଏ ମୋକଦ୍ଦମାରେ ନିଲାମ ସମ୍ପତ୍ତିମାନ ତା ୧୮।୪।୩୩ରେ ଅଦାଲତ ଦରଜା ମୂଃ ରେ ନିଲାମହେବ।

୧। କଃ କଟକ ଘୋଃ ସାଃ ରୋଃ କଟକ ସଦର ନ୨୩୫ ଥାନା ସ୍ତୁଃ କୋଦଣ୍ଡା ନ୧୯୮୨ ତାଃ ମୌଃ କୋଇପଦା ନ୧୮୫ ଖାତା ଏ୦-୧୪ ଡ଼ିଃ ଜମା ଟ୦୫୬ ମଧ୍ୟରୁ ଦେଃଙ୍କ ସ୍ୱାଃ ଏ୦—୦୪—୭ ଭୂ ଜମା ଟ୦।୨ଭୁ ଥିଃ ମୂଃ ଟ୪୯

୨। ମୌଃ ଏକଲରେଥିବା ନ୨୬୦ ଖାତା ସ୍ଥିତିବାନ ଏ୦—୦୮ଭୂ ଜମା ଟ୦।/୩ ମଧ୍ୟରୁ ଦେଃ ସ୍ୱାଃ ଏ୦—୦୨—୬୩ଭୂ ଜମା ଟ୦/୯ ଅଟେ ଉକ୍ତ ଜମି ଓ ତହିଁରେ ଦେଃଙ୍କର ସମସ୍ତ ସ୍ୱତ୍ୱ ନିଲାମହେବ ଥିଃ ମୂଃ ଟ୨୯

୩। ମୌଃ ଏକଲ ନ୨୭୬ ଖାତା ସ୍ଥିତିବାନ ଏ୦—୦୩ ଡ଼ିଃଭୂ ଜମା ଟ୦୵ ମଧ୍ୟରୁ ଦେଃଙ୍କ ସ୍ୱାଃ ଏ୦—୦—୭୩ଭୂ ଜମା ଟ୦୯ ଉକ୍ତ ଭୂଇଁ ଓ ତହିଁରେ ଦେଃଙ୍କର ସମସ୍ତ ସ୍ୱତ୍ୱାଧିକାର ସହ ନିଲାମହେବ ଥିଃ ମୂଃ ଟ୬୯

୪। ମୌଃ ଏକଲ ନ୩୩୨ ଖାତା ଏ୦-୦୯ ଡ଼ିଃ ମଧ୍ୟରୁ ଦେଃଙ୍କ ସ୍ୱାଃ ଏ୦—୦୧—୨୩ଭୂ ଜମା ଟ୦୧୦ ଅଟେ ଉକ୍ତ ଜମି ଓ ତହିଁରେ ଦେଃଙ୍କର ସମସ୍ତ ସ୍ୱତ୍ୱ ନିଲାମହେବ ଥିଃ ମୂଃ ଟ୨୯

୫। ମୌଃ ଏକଲ ନ୩୩୩ ଖାତା ଖାଃ, ସ୍ଥିତିବାନ ଏ୦—୯୩ ଡ଼ି ମଧ୍ୟରୁ ଏ୨-୮୬-୫ ସମେତ ଦେଃଙ୍କ ସ୍ୱାଃ ପୃଥକ ହଲେ ଏ୦—୭୧-୬ ଭୂ ଜମା ଟ୨।୨ ଅଟେ ଉକ୍ତ ଭୂଇଁ ଓ ତହିଁରେ ଦେଃଙ୍କର ସମସ୍ତ ସ୍ୱତ୍ୱ ନିଲାମହେବ ଥିଃ ଟ୫୦୯

---

ନ ୫୭୮ ନମ୍ବର ଜାରି ସନ ୧୯୩୨ ମସିହା

୧ମ ମୁନସଫ କଟକ

ବିଶ୍ୱନାଥ ଦେଓ ଗୋସାଇଁ ଡ଼ିଃ

ମଲ୍ଲିକ ଶେଖ ଦେଃ

ଉପରୋକ୍ତ ଡ଼ିଃ ଜାରି ମୋକଦ୍ଦମାରେ ଦେଣଦାରର ଭୂସମ୍ପତ୍ତିମାନ ତା ୧୮।୪।୩୩ ରିଖରେ ନିଲାମହେବ।

୧। କିଃ କଟକ ସ୍ତୁଃ ଷ୍ଟେସନ ଓ ପା ରୋଃ ମୁ କଟକ ସଦର ସ୍ତୁଃ କୋଦଣ୍ଡା ମୌଃ ଜଗନ୍ନାଥ ନ୨୬୬ନମ୍ବର ଥାନା ନ୨୬୩ନମ୍ବର ଖାତା ସ୍ଥିତିବାନ ଏ୨—୩୦ ଭୂ ଜମା ଟ୬୩/ ମଧ୍ୟରୁ ଦେଃ ଟ୩୫ଭୁ ଏ୧—୧ଭୂ ଜମା ଟ୩।୬ ଭୂଇଁ ଓ ତହିଁର ଦାନ ଉପରସର ନିଲାମହେବ ଥିଃ ମୂଃ ଟ୨୫୯

୨। ସ୍ତୁଃ ଏକଲ ମୌଃ ମଣିବାଡ଼ ନ୨୬୬ନମ୍ବର ଥାନା ତଳର ଗଡ଼ୋଦସ୍ତ ନ୪୫ନମ୍ବର ଖାତା ସ୍ଥିତିବାନ ଏ୩—୧୫ଭୁ ଜମା ଟ୧୦।୵ ମଧ୍ୟରୁ ଦେଣଦାରର ଚାଳିଶ ବାଇଲ ଏ୧—୦୪ ଡ଼ିଃ ଭୂ ଜମା ଟ୨୴ ଭୂଇଁ ଓ ତହିଁର ସକଳସ୍ୱତ୍ୱାଧିକାର ସହ ସହିତ ନିଲାମହେବ ଥିଃ ମୂଃ ଟ୨୫୯

୩। ସ୍ତୁଃ ଏକଲ ମୌଃ ଏକଲ ନ୪୫ନମ୍ବର ଖାତା ମଧ୍ୟରୁ ନ୧୭୮ ଖସଡ଼ା ସ୍ଥିତ ଏ୦—୩୫ ଡ଼ିଃଭୁ ଜମା ଟ୧୮ ଭୂଇଁ ଓ ତହିଁର ସକଳ-ସ୍ୱତ୍ୱାଧିକାର ସହ ସହିତ ନିଲାମହେବ ଥିଃ ମୂଃ ଟ୧୫୯

---

ନ୭୭ନମ୍ବର ଜାରି ସନ ୧୯୩୩ ମସିହା

କେନ୍ଦ୍ରାପଡ଼ା ମୁନସଫି ଅଦାଲତ

ଶ୍ରୀ ଦୁର୍ଗାଚରଣ ମହାନ୍ତି ଡ଼ିଃ

ହରିପ୍ରିୟା ଦାସୀ ଓଗେର ଦେଃ ଦାର

ଜାରଜରି ଓଗେର ଟ ୧୫୬୯ ପାଉଣାରେ ତା୧୮।୪।୩୩ରିଖରେ ନିଲାମହେବ।

କଟକ ଜିଲ୍ଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ ରେଜିଃ ଓ ସବ ଡ଼ିଃ ଓ ଉକ୍ତ ପୁଲିଶ ଷ୍ଟେସନ ଇଲାକାର ସ୍ତୁଃ ଉଚଣ ନ୧୪୭୫ନମ୍ବର ତୌ ଡାଃ ଗାରଡ଼ୋଲ ମୌଃ ମଟିଆଲ ରହଦାରୀରେଥିବା ନ୧୧୪୯୨ନମ୍ବର ତଉଜି ଓ ନ ୨୩ ନମ୍ବର ଖାତା ଖାଃ, ସମ୍ପତ୍ତି ମଧ୍ୟରୁ ନ୧ନମ୍ବର ଦେଣଦାରର ଜମି ଓ ନ ୨ ନମ୍ବର ଦେଣଦାରର ପୁତ୍ର ମୃତ ଶ୍ରୀଧର ମଟିଆଲ ମୌଜା ତଦାରୀ ଶେଷଦାସୀ ଆଶ୍ରୀତାରୁ ସନ ୧୯୨୯ ମସିହା ଜୁନମାସ ତା୧୪ରିଖ ଲେଖିଥିବା ଷ୍ଟାମ୍ପ କବାଲା ଦ୍ୱାରା ଖରିଦ କରିଥିବା ମାଫିଖାରିଜା ଦାଖଲ ଏ୦—୬୨—୨୩ ଜମି ଦେଣଦାରମାନେ ଭୋଗଦଖଲ କରୁଅଛନ୍ତି ଉକ୍ତ ଜମି ଏ ମୋକଦ୍ଦମାରେ ଦଖଲଥାଇ ନିଲାମହେବ ଉକ୍ତ ଥିଃ ମୂଃ ଟ୧୦୦୯ ଅଟେ

---

ନ ୧୭୭୪ ନମ୍ବର ଜାରି ସନ ୧୯୩୨ ମସିହା

ଇଃ ମୁନସଫି କେନ୍ଦ୍ରାପଡ଼ା

ହରକିଶୋର ଦାସ ଡ଼ିଃ

ଲୋକନାଥ ସାମନ୍ତ ଓଗେର ଦେଃ ମାନେ

ଉପର ଲିଖିତ ନମ୍ବର ଡ଼ିକ୍ରୀଜାରି ମୋକଦ୍ଦମାରେ ଦେଣଦାରର ନିମ୍ନଲିଖିତ ସମ୍ପତ୍ତି ତା ୧୮।୪।୩୩ ରିଖରେ ନିଲାମ ହେବ।

ସ୍ତୁଃ ସୁଲ୍ତାନନଗର ନ ୭୦୦ ନମ୍ବର ଓଗେର ଜଣ ତାଃ ଜୁଗୁଲକିଶୋର ମୌଃ ହରିକ୍ଷେତ୍ରପୁର ରହିଥିବା ନ ୧୪୫।ନମ୍ବର ଖାତା ସ୍ଥିତିବାନ ଏ୧—୯୬ ଭୂ ଜମା ଟ ୮/ ଉକ୍ତ ଜମି ନିଲାମ ହେବ ଥିଃ ମୂଲ୍ୟ ଟ୫୦୯

---

Digitized by srujanika@gmail.com

## ଇଂଲଣ୍ଡ ରୁଷ କଳହ

କେତେଜଣ ଇଂରାଜ ବ୍ୟବସାୟୀଙ୍କି ରୁଷିଆ ସରକାର ରୁଷିଆ ରାଜଧାନୀ ମସ୍କୋ ସହରରେ ବନ୍ଦ କରିବାରୁ ଇଂରାଜ ସରକାର ସେମାନଙ୍କୁ ଛାଡ଼ି ଦେବାପାଇଁ ରୁଷ ସରକାରଙ୍କୁ ଅନୁରୋଧ କରିଥିଲେ । ସେ ଅନୁରୋଧ ରୁଷ ସରକାର ରକ୍ଷା ନ କରିବାରୁ ଦୁଇ ସରକାରଙ୍କ ମଧ୍ୟରେ ଭୀଷଣ କଳହର ସୂତ୍ରପାତ ହୋଇଛି ।

## ସଙ୍ଗୀତଜ୍ଞ ସୋମନାଥ ମହାପାତ୍ର

### ପରଲୋକ ଗମନ କଲେ

ଉତ୍କଳରେ ସୋମନାଥ ମହାପାତ୍ରଙ୍କ ଭଳି ଏପରି ଲୋକ ଅତ୍ୟନ୍ତ ବିରଳ । ଜମିଦାର ଘରେ ଜନ୍ମ ହୋଇ ସେ ପିଲାଦିନରୁ ସଙ୍ଗୀତ ଚର୍ଚ୍ଚା ଜୀବନର ଏକମାତ୍ର ଉଦ୍ଦେଶ୍ୟରେ ପରିଣତ କରିଥିଲେ । ନାନାଦି ମାମଲାମୋକଦ୍ଦମା ସାଂସାରିକ ଅଶାନ୍ତି ଧନହାନି ଇତ୍ୟାଦିରେ ସେ ଜର୍ଜରିତ ହୋଇ ମଧ୍ୟ ସଙ୍ଗୀତକୁ ନ ଛାଡ଼ି ସେଥିରେ ଜୀବନ କଟାଇଲେ । ତାଙ୍କର ଜନ୍ମ କଟକ ଜିଲ୍ଲାର ସଦର ଥାନାନ୍ତର୍ଗତ ମଣ୍ଡଧରପଡ଼ା ଗ୍ରାମ । ଗତ ସପ୍ତାହରେ ସ୍ୱଗୃହରେ ତାଙ୍କର ୭୨ ବର୍ଷ ବୟସରେ ମୃତ୍ୟୁ ହୋଇଛି । ସେ ଉତ୍କଳରେ ଦକ୍ଷିଣି ସଙ୍ଗୀତର ପ୍ରଚାର ଏବଂ ଉତ୍କର୍ଷ ସାଧନ ବହୁପରିମାଣରେ କରି ଦକ୍ଷିଣି ଗୋଷ୍ଠୀର ନାଟକକୁ ଶୁଦ୍ଧ ମାର୍ଜିତ ଏବଂ ଆଦରଣୀୟ କରିଥିଲେ ।

---

## ଯାଜପୁର ମ୍ୟୁନିସିପାଲିଟିର ନିର୍ବାଚନ ରହସ୍ୟ

ଗତ ମ୍ୟୁନିସିପାଲିଟି ନିର୍ବାଚନ ସମୟରୁ ଅର୍ଥାତ୍ ଡିସେମ୍ବର ମାସରୁ ଏଠି ବଡ଼ ରହସ୍ୟ ଲାଗିଅଛି । ଯାହାରେ କେତେଗୁଡ଼ିଏ ଦରଖାସ୍ତ କଟିଯିବାରୁ ଛୋଟ ଓ୍ୱାର୍ଡ଼ରେ ଓକିଲ ଗୋଲକ ବାବୁ ପ୍ରମୁଖ ତିନିଜଣ ପ୍ରାର୍ଥୀ ନିର୍ବିରୋଧରେ କମିଶନର ନିର୍ବାଚିତ ହୋଇଗଲେ । ଯେଉଁମାନଙ୍କ ଦରଖାସ୍ତ କଟିଯାଇଥିଲା ସେମାନଙ୍କ ମଧ୍ୟରୁ କେତେଜଣ ପ୍ରାର୍ଥୀ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ଆପତ୍ତି କରିବାରୁ ଯାଞ୍ଚକୁ ପୁନଃ ତଦନ୍ତ କରିବା ନିମନ୍ତେ ଯାଞ୍ଚ କର୍ତ୍ତୃପକ୍ଷଙ୍କୁ ହୁକୁମ ଦେଲେ ।

ଯାଞ୍ଚ ସମୟରେ ଯେଉଁ ଦରଖାସ୍ତ ଗୁଡ଼ିକ ନାମଞ୍ଜୁର ହୋଇଥିଲା ସେହି ତଦନ୍ତ ସମୟରେ ତହିଁ ମଧ୍ୟରୁ ଅଧିକାଂଶ ପୁନଶ୍ଚ ମଞ୍ଜୁର ହୋଇଗଲା । ସବୁ ଓ୍ୱାର୍ଡ଼ରେ ଭୋଟ ହେଲା । ତାପରେ ଚାଲିଲା ଦୌଡ଼, ଛୁଟା ଛୁଟି, ପଟା ପଟି, ଅନୁରୋଧ, ଉପରୋଧ, ଅବରୋଧ ପର୍ଯ୍ୟନ୍ତ ।

ଭୋଟ ନିଆ ସରି ହେଲା । ଗୋଲକ ବାବୁ ପ୍ରମୁଖ ତିନିଜଣଙ୍କ ପରିବର୍ତ୍ତେ ଅନ୍ୟ ତିନିଜଣ ଭୋଟରେ ନିର୍ବାଚିତ ହୋଇଗଲେ । କମିଶନରମାନଙ୍କ ନାମ ଗେଜେଟରେ ଛପା ହୋଇଗଲା ।

ନୂତନ ଚେୟାରମ୍ୟାନ ଓ ଭାଇସଚେୟାରମ୍ୟାନଙ୍କ ନିର୍ବାଚନ ନିମନ୍ତେ ନୂତନ ବୋର୍ଡର ପ୍ରଥମ ବୈଠକ ମାର୍ଚ୍ଚ ତା ୧ ରିଖରେ ହେବାର ସ୍ଥିର ହେଲା । ଦାଖ ନେତାମାନେ ରଙ୍ଗୀନ ସ୍ୱପ୍ନ ଦେଖିଲେ । ସିଏ ନୂତନ ଆସନ ଲାଭ ପାଇଲେ ସେମାନେ ଦେଶ ଉଦ୍ଧାରର ନେତା ରଙ୍ଗିନ ଛବି ଦମ୍ଭ ଆଙ୍କିଲେ । କେହି ଦଳପତିଙ୍କର, କେହି ବ୍ୟକ୍ତିଗତ ସ୍ୱାର୍ଥରେ ନୂତନ ନିର୍ବାଚନରେ ପ୍ରମତ୍ତ ହେଲେ ।

କିନ୍ତୁ ନିର୍ମ୍ମଳ ଶୁଭ୍ରନୀଳ ଗଗନରେ ହଠାତ୍ ଘଞ୍ଚ କଳାମେଘ ଆସି ଦେଖାଦେଲା । ଉକ୍ତ ବୈଠକର ପୂର୍ବଦିନ ଅର୍ଥାତ୍ ଫେବୃଆରୀ ତା ୨୮ ରିଖ ଦିନ ସହରର ପାଞ୍ଚ ଜଣଙ୍କ ନ୍ୟୁ-ଅଲ୍ଡ଼ ବୋଲି ପ୍ରାଦେଶିକ ସରକାରଙ୍କ ଖଣ୍ଡେ ଚିଠି ଚେୟାରମ୍ୟାନ ସଃ ଡ଼ିଃ ମେଜେଷ୍ଟ୍ରେଟଙ୍କ ନିକଟରେ ପାଇଲେ । ଚେୟାରମ୍ୟାନ ଚିନ୍ତାକୁଳ ହୋଇଗଲେ । ସାତ ପାଞ୍ଚ ଭାବି ନୂଆ ଅଭ୍ୟାସେ, ସୁନାଦଳର ଅନ୍ୟ ତାହା ମଣ୍ଡରେ ଚଳାଇବାକୁ, ସେ କରନ୍ତି କଣ ? ସେ ଭେ, ତେ, ତଥ କର୍ତ୍ତବ୍ୟ ନିର୍ଦ୍ଦେଶ ନିମନ୍ତେ ପ୍ରାଦେଶିକ ସରକାରଙ୍କୁ ତାରଯୋଗେ ଅନୁରୋଧ କଲେ ନିର୍ବାଚନ ଅର୍ଥାତ୍ ପୂର୍ବୋକ୍ତ ବୈଠକକୁ ବନ୍ଦ କରିବା ନିମନ୍ତେ ଏକ ନୋଟିସ ଦେଲେ । ସେ ଉଭୟର ପ୍ରୋତ ଓ ଏ ନୋଟିସମାନେ ? ସଭା ହୋଇଗଲା, ନୂତନ ଚେୟାରମ୍ୟାନ ଆଉ ଭାଇସ ହୋଇପାରିଲେ ।

ଉକ୍ତ ଚିଠି କେତେଜଣଙ୍କ ପ୍ରାଣରେ ଲୁପ୍ତ-ଆଶାକୁ ପୁନଃ ଜାଗ୍ରତ କଲା । ଗୋଲକ ବାବୁ ଓ ନରେନ୍ଦ୍ର ବାବୁ ଓକିଲମାନେ ସେହି ଚିଠି ବଳରେ ବୈଠକର ଅବ୍ୟବହିତ ପୂର୍ବରେ ସେମାନଙ୍କ ନିର୍ବାଚନ ଭାଏମ ଛିଣ୍ଡା ଏବଂ ଯେଉଁମାନେ ତାଙ୍କ ସ୍ଥାନରେ ଭୋଟରେ ନିର୍ବାଚିତ ହେଲେ ସେମାନଙ୍କ ନିର୍ବାଚନ ରଦ୍ଦକରିବା ନିମନ୍ତେ ଏବଂ ନାଲିସ ଦାଏରକର ସେଦିନ ବୈଠକ ବନ୍ଦକରିବା ନିମନ୍ତେ ଚେୟାରମ୍ୟାନଙ୍କ ଉପରେ ଏକ ନିଷେଧ ଆଜ୍ଞା ପ୍ରାର୍ଥନା କରିଥିଲେ, କିନ୍ତୁ ପାଇ ନାହାନ୍ତି । ଏ ଭାଳେ ତାଳେ ଗଲେ ଯେ ଏ ପକ୍ଷରେ ଗଲୁ ନାହିଁ । ଏଣେ ନିଷେଧ ଆଜ୍ଞାପେଷ ହେଉ "ନହେଉ" ତେଣେ ବୈଠକ ହୋଇଗଲା, ଏଣୁ ନିଷେଧ ଅନାବଶ୍ୟକ ଏବଂ ସମସ୍ତାଙ୍କ ଦୋଷରେ ନାମଞ୍ଜୁର ହେଲା । ଉକ୍ତ ମୋକଦ୍ଦମା ବର୍ତ୍ତମାନ ବିଚାରାଧୀନ ।

ଏଯାବତ୍ ହୋଇଗଲା, କିନ୍ତୁ ରହସ୍ୟର ସନ୍ଧାନର୍ଥ ନିମ୍ନଲିଖିତ ଘଟଣାଟିରେ :—

ପୂର୍ବୋକ୍ତ ଚିଠିର ଅନ୍ୟ କପିଏ କଳକଣ୍ଠ ନଜର ଦିଲ୍ଲୀ ମେଜେଷ୍ଟ୍ରେଟ ସିଧା ଚେୟାରମ୍ୟାନଙ୍କ ନିକଟକୁ ପଠାଇଥିଲେ । ପୂର୍ବୋକ୍ତ ବୈଠକର ଦିନ ସ୍ଥିରହେବା ପୂର୍ବରୁ ଉକ୍ତପତ୍ର ମ୍ୟୁନିସିପାଲିଟି ଅଫିସରେ ତା ୨୩।୨୭ ରିଖରେ ପହଞ୍ଚିଅଛି । କିନ୍ତୁ କହ ଅଷ୍ଟଣ୍ଟର ବିଷୟ ଉକ୍ତପତ୍ର ବିଷୟ ତତ୍କାଳୀନ ଚେୟାରମ୍ୟାନ ଅବଗତ ନୁହନ୍ତି । ଏ କାରଣରୁ ତାହା ଚେୟାରମ୍ୟାନଙ୍କ ନିକଟରେ ପେଶ ହୋଇନାହିଁ ତାହା ଉପରବାବୁମାନଙ୍କ ଜଣା । ଯାହାହେଉ ଉକ୍ତ ପତ୍ର ବିଷୟ ଉଚିତ ସମୟରେ ଅବଗତ ହୋଇଥିଲେ ଯଥା ସମୟରେ ମୋକଦ୍ଦମା ଦାଏର ହୋଇ ପାରିଥାନ୍ତା ଏବଂ ନିଷେଧ ଆଜ୍ଞା ପାଇବା ପକ୍ଷେ ଅନ୍ତତଃ ସମସ୍ତାଙ୍କ ଦୋଷ ଘଟି ନଥାନ୍ତା, ଏତେକାଳ ପର୍ଯ୍ୟନ୍ତ ଏ ଚିଠିଖଣ୍ଡି କେଉଁଠାରେ ଲୁଚି ରହିଥିଲା ଏବଂ ଚେୟାରମ୍ୟାନଙ୍କ ନିକଟରେ ତାହା କା ପେଶ ହୋଇଥିଲା ନାହିଁ ? ଏହା କେଉଁ ଦୂର୍ବଳ ବାବୁମାନଙ୍କର ଭୁଲ ନା ଅନ୍ୟ କିଛି ? ଏହା ଅଜ୍ଞାନ ବା ଅଜ୍ଞାତ, ଖୋଲିବା କି ଦେଇ ଖୋଇବା ? ପଦାକାଙ୍କ୍ଷୀ କୌଣସି କମିଶନରଙ୍କ ସ୍ୱାର୍ଥପାଇଁ ଏପରି କରାହୋଇ ନ ଥିଲା ? ବୋଧହୁଏ କେହି ଲୁଚି ନ ଥିଲେ ଲଗନ୍ତ ଅସ୍ୱାଭାବିକ ଅଲ୍ପ ସମୟରେ ଚିଠିଅଛି ସବୁକଥା ପଦାକୁ ପଡ଼ାଇ ଦେବ । ଏ ବିଷୟରେ ଆମ୍ଭେମାନେ କହିବ ସରକାର ତଦନ୍ତ ଆଶା କରୁ ।

ଜଣେ ଭୋଟଦାତା

---

## ପ୍ରାପ୍ତ

ମହାଶୟ,

ଆମ୍ଭେ ଇତିପୂର୍ବେ ଜଣାଇଥିଲୁ ଯେ ପୃଥକ ହସାବ କେମ ଖରଚରେ ଖୋଲାଯିବାର ସମସ୍ତ ଭାର ନିବା ସକାଶ ଶ୍ରୀଯୁକ୍ତ କମିଶନର ମହୋଦୟ ମହାମାନ୍ୟ ରେଭିନ୍ୟୁ ବୋର୍ଡଙ୍କୁ ପତ୍ର ଲେଖିଅଛନ୍ତି । ମହାମାନ୍ୟ ରେଭିନ୍ୟୁ ବୋର୍ଡଙ୍କ ପ୍ରସ୍ତାବ ମତେ ଗଭର୍ଣ୍ଣମେଣ୍ଟ ଯେ ଆଦେଶ ଦେଇଅଛନ୍ତି ତାହା ଶ୍ରୀଯୁକ୍ତ କମିଶନର ସାହେବ ଓ ଶ୍ରୀଯୁକ୍ତ କଲେକ୍ଟର ସାହେବ ପତ୍ରଦ୍ୱାରା ସମସ୍ତଙ୍କୁ ଜଣାଇଅଛନ୍ତି ଶ୍ରୀଯୁକ୍ତ କଲେକ୍ଟର ସାହେବ ତଦନୁସାରେ ଯେ ଓଡ଼ିଆ ପରୱାନାର ନକଲ ଆମ୍ଭମାନଙ୍କ ସମସ୍ତ ଜମିଦାରମାନଙ୍କ ଅବଗତିପାଇଁ ପଠାଇଅଛନ୍ତି ତାହା ଆମ୍ଭେ ପ୍ରକାଶ କଲୁ । ଆପଣଙ୍କ ପତ୍ରିକାରେ ତାହାକୁ ସ୍ଥାନଦେଲେ ଜମିଦାରମାନଙ୍କ ଦୃଷ୍ଟି ଆକର୍ଷଣ କରିବ । ଅତଏବ ତାହା ଛପାଇ ବାଧିତ କରିବେ । ଏହି ସୁବିଧାପାଇଁ ଗଭର୍ଣ୍ଣମେଣ୍ଟଙ୍କ ନିକଟ ଜମିଦାରମାନେ କୃତଜ୍ଞ ।

ଭବଦୀୟ

ବଇଦରଥଦାସ ପାଣି

ସମ୍ପାଦକ

କଟକ

ତା ୩୧।୩।୩୩ ରିଖ

## ପରୱାନା ନକଲ

ଯେହେତୁ ସରକାର ବାହାଦୁରଙ୍କ ଆଦେଶ ମତେ ଏହି କଟକ ଜିଲ୍ଲାର ଜମିଦାର ସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଗତ ବନ୍ଦୋବସ୍ତ ପୂର୍ବରୁ ଯେଉଁ ୨ ଭଲକି ପୃଥକ ହସାବ ଖୋଲାଯାଇଥିଲା ଓ ଯାହା ବନ୍ଦୋବସ୍ତ ସମୟରେ ବାତିଲ ହୋଇଯାଇଅଛି ସେହି ୨ ଭଲକି ପକ୍ଷେ ପୃଥକ ହସାବ ପୁନଶ୍ଚ ଖୋଲିବାକୁ ଯେଉଁମାନେ ଇଚ୍ଛାକରନ୍ତି ସେମାନେ ସନ ୧୯୩୩ ମସିହା ଅପ୍ରେଲ ମାସ ତା ୧ ରିଖରୁ ସନ ୧୯୩୪ ମସିହା ମାର୍ଚ୍ଚ ମାସ ତା ୩୧ ରିଖ ପର୍ଯ୍ୟନ୍ତ ଏକବର୍ଷ ମଧ୍ୟରେ ବିନା ଦରଖାସ୍ତ କୋର୍ଟଫି ଓ ବିନା ନିଅଦରେ ଦରଖାସ୍ତ ଦାଖଲ କଲେ ମଞ୍ଜୁର କରାଯିବ । କେବଳ ସେମାନଙ୍କୁ ପୃଥକ ତଉଜି ଖୋଲିବାର ସରକାରୀ ଫିସ ଟ୨୧ କୋର୍ଟଫିସରେ ଦେବାକୁ ହେବ । ସେପରେଟ ଏକାଉଣ୍ଟ ( ଅର୍ଥାତ୍ ପୃଥକ ହସାବ ) ଦରଖାସ୍ତରେ ଯେ ସବୁ ବିବରଣ ଦିଆଯାଇଥିଲା ତାହାଛଡ଼ା ନିମ୍ନଲିଖିତ ବିବରଣ ଗୁଡ଼ିକ ମଧ୍ୟ ପୂରଣ କରିବାକୁ ହେବ । ଗତ ବନ୍ଦୋବସ୍ତ ପୂର୍ବରୁ ଯାହାର ଯେ ଦଖଲି ଅଂଶ ନିମନ୍ତେ ପୃଥକ ତଉଜି ଖୋଲାଯାଇଥିଲା ଉକ୍ତ ଅଂଶ ସଙ୍ଗେ ବର୍ତ୍ତମାନ ଦଖଲି ଅଂଶ ( ଯାହାପକ୍ଷେ କି ପୃଥକ ତଉଜି ଖୋଲିବାକୁ ଦରଖାସ୍ତ ହେବେ ) ହସାବ କଲେ ଜମାର ଟ୧୦ରୁ କେତେ ଅଂଶ ମଧ୍ୟରେ ହସାବରେ ତଫାତ ହେଉଅଛି ଉପରୋକ୍ତ ଆଦେଶ ଗ୍ରାହ୍ୟ ହେବ ନାହିଁ ।

୧—ସାବେକ ସେପରେଟ ଏକାଉଣ୍ଟ ନମ୍ବର

୨—ସାବେକ ସେପରେଟ ଏକାଉଣ୍ଟ ଖଜଣା

୩—ଦରଖାସ୍ତକାରୀଙ୍କର ପୂର୍ବ ସେପରେଟ ଏକାଉଣ୍ଟର ମାଲିକର ସମ୍ପର୍କ ମଉଜାରେ କେଉଁ ଅଂଶଥିଲା ।

Split by PDF Splitter

Digitized by srujanika@gmail.com

Split by PDF Splitter



ନ ୬* ନମ୍ବର ଉକ୍ତି ଜାରୁ ନେ ୧୯୩୩ ମସିହା
ଲି ୨୪ ମୁନସଫି କୋର୍ଟ
ରଘୁନାଥ ଦାସ ସାଃ ଓ ସ୍ତପୁର ଡିଃ
ଶ୍ରୀଜଗ ଗୋସ୍ଵାମୀ ଏବଂ ଓ ଗୋଇ ସାଃ ନୂଆର ଦେଃମାନେ
ଏ ମୋକଦ୍ଦମାରେ ଦେଃଙ୍କର ଶ୍ରେଣୀଗତଙ୍କ ଅରଜି ସମ୍ପତ୍ତିମାନ ତା ୧୮।୪।୩୩ ରିଖରେ ଅଦାଲତରେ ନିଲାମହେବ।

୧। ଭାଃ ପଟ୍ଟ ପୋଃ ଓ ସାଃ ରେଃ ସାହେବପୁର ନ ୧୬୬ ଥାନା ଗ୍ରାଃ ମାଧବଇନଗର ନ ୧୮୪୯ ଭାଃ ମୌଃ ଉମର ନ ୪୧* ଖାତା ସ୍ଥିତିବାନ ଏ୧—୩୨ ଡିଃ ରୁ ଜମା ଟ ୨୪/୩ ଉକ୍ତ ବୃତ୍ତି ଓ ଉଦ୍ଭିଦ ଦେଃଙ୍କର ସମସ୍ତ ସ୍ଵତ୍ଵ ନିଲାମହେବ ଆଃ ମୂଃ ଟ ୧୦୦୯

୨। ଥାନା ଗ୍ରାଃ ମୌଃ ଏକନ ନ ୧୮୪୬ ଭାଃ ନ ୨୬୬ ଖାତା ସ୍ଥିତିବାନ ଏ୦—୧୩ ଡିଃ ଜମା ଟ ୪/ ଉକ୍ତ ବୃତ୍ତି ଓ ଉଦ୍ଭିଦ ଦେଃଙ୍କର ସମସ୍ତ ସ୍ଵତ୍ଵ ନିଲାମହେବ ଆଃ ମୂଃ ଟ ୧୦୦୯

୩। ଥାନା ଏକନ ଗ୍ରାଃ ସୁଜ ଭା ନ ୭୬୭ ଭାଃ ନ ୧୭୯ ଖାତା ମୌଃ ଭାନ୍ଦ୍ରଶ ନ ୯ ଓ ନ ୩୩ ଖାତା ଭାଃ ଏ୧—୨୩ ଡିଃ ଜମା ଟ ୭।୵ ଅଟେ ଉକ୍ତ ବୃତ୍ତି ଓ ଉଦ୍ଭିଦ ସମସ୍ତ ସ୍ଵତ୍ଵ ନିଲାମହେବ ଆଃ ମୂଃ ଟ ୧୨୦୯

---

ନ ୧୩୩ ନମ୍ବର ଜାରୀ ସନ ୧୯୩୨ ମସିହା
ଲି ମୁନସଫି କୋର୍ଟ
ନବକୃଷ୍ଣ ଦାସ ପ୍ରଭୃତି ଡିଃ
ମହିଷ୍ମତି ଦେଃ
ଦେଃ ଦାରର ଭୂମି ଉଦ୍ଭିଦ ସମ୍ପତ୍ତି ତା ୧୮।୪।୩୩ ନିଲାମହେବ।

ଶ ଥାନା ନ ୬୩ ନମ୍ବର ଭାଃ ମୌଃ ଭଗବତ୍ପୁରରେ ଖତା ନ ୧୬୭ ନମ୍ବର ଖାତା ସ୍ଥିତିବାନ ଏ୪—୨୩ ଡିଃ ରୁ ଜମା ଟ ୧୨୪ ମଧ୍ୟରୁ ଦେଃଦାରର ଶ୍ରେଣୀଗତ ଅଂଶ ଟ ୦ ।/୪ ରୁ ଏ୧—୪ ରୁ ଜମା ଟ ୩୍ୟ ଅଟେ ନିଲାମହେବ ଆଃ ମୂଃ ଟ ୪୦୯

---

ନ ୧୩୪୮ ନମ୍ବର ଭାଃ ସନ ୧୯୩୨ ମସିହା
ଲିଃ ହି ସମ୍ମୁ ମୁନସଫି କୋର୍ଟ
ଶ୍ରୀବାବୁ ହରେକୃଷ୍ଣ ଦାସ ଏବଂ ଶତ୍ରୁଘ୍ନର ଅଟେ ରାମକୃଷ୍ଣ ଦାସ ଭାଗଲିଙ୍ଗ ଡିଃ
ଶ ହରେକୃଷ୍ଣ ଦାସ ଦେଃ
ତା ୧୮।୪।୩୩ ରିଖରେ ନିଲାମହେବ

୧। ଗ୍ରାଃ ଦେଣ୍ଡାହାର ନ ୩୧୬ ଭାଃ ମୌଃ ଗୋପାଳପୁର ନ ୩୬ ଖାତା ଭାଃ ସ୍ଥିତିବାନ ଏ୧—୧୪ ଡିଃ ଜମା ଟ ୩୍ୟ/ ନିଲାମହେବ ଆଃ ମୂଃ ଟ ୭୫୯

୨। ଗ୍ରାଃ ଦେଣ୍ଡାହାର ନ ୩୧୬ ଭାଃ ମୌଃ ଗୋପାଳପୁର ନ ୩୬ ଖାତା ଭାଃ ଏ୦—୪୪ ଜମା ଟ ୧/ ମଧ୍ୟରୁ ଭାଃ ଟ ୦ ରୁ ଏ୦—୧୩—୪ ନିଲାମହେବ ଆଃ ମୂଃ ଟ ୧୨୯

୩। ଗ୍ରାଃ ଦେଣ୍ଡାହାର ନ ୭୧୧୬ ନମ୍ବର ଭାଃ ଗୋପାଳପୁର ନ ୩୦୬ ଖାଃ ଦାଃ ଭାଃ ଏ୧—୭୫ ଗ୍ରାଃ ଏ୦—୩୩ ଜମା ଟ ୦।୩ ନିଲାମହେବ ଆଃ ମୂଃ ଟ ୩୬

୪। ଗ୍ରାଃ ଦେଣ୍ଡାହାର ନ ୨୧୯୪ ଭାଃ ମୌଃ ଗୋପାଳପୁର ନ ୪୧* ଖାତା ଭାଃ ଏ୧—୪ ମଧ୍ୟରୁ ଏ୦—୨୨—୨୩ ଜମା ଟ ୦।୧ ଅଟେ

ମନ୍ଦର ଓ ବୃକ୍ଷାଦ ଓଗେର ନିଲାମହେବ ଆଃ ମୂଃ ଟ ୩୦୯

୩। ମୌଃ ଗୋପାଳପୁର ନ ୪୦୬ ଖାତା ଏ୦—୭୯ ଡିଃ ମଧ୍ୟରୁ ଏ୦—୨୦—୭୩ ଭୂମି ଓ ତାହା ଉପରସ୍ଥ ଓ ବୃକ୍ଷାଦ ସହିତ ନିଲାମହେବ ଆଃ ମୂଃ ଟ ୩୦୯ ଅଟେ

---

ନ ୨୮୩ ନମ୍ବର ଜାରୀ ସନ ୧୯୩୨ ମସିହା
ଲିଃ ୨ୟ ମୁଃ କୋର୍ଟ
ଉଦ୍ଧବ ସାମନ୍ତ ପ୍ରଭୃତି ଭାଃ ସବ୍ରତୀ ଗ୍ରାଃ ସୁଜାଙ୍ଗ ଡିଃ
କାହ୍ନୁଚରଣ ମାହାନ୍ତି ସାଃ ପାଟେଣୀ ଗାଁ ଗ୍ରାଃ ସୁଜାଙ୍ଗ ଦେଃ
ଉକ୍ତ ମୋକଦ୍ଦମାରେ ନିଲାମ ତାରିଖ ତା ୧୮।୪।୩୩ ଧାର୍ଯ୍ୟ ଅଛି

୧। ଭାଃ ପଟ୍ଟ ଗ୍ରାଃ ସାଃ ମୂଃ ସାହେବପୁର ଗ୍ରାଃ ସୁଜାଙ୍ଗ ନ ୭୬୬ ଭାଃ ମୌଃ ପାଟେଣୀଗାଁରେ ଖତା ନ ୧୧୯ ଖାତା ଭାଃ ସାହ ସ୍ଥିତିବାନ ଏ୦—୧୯—୮ ରୁ ଜମା ଟ ୦।୪୯ ଅଟେ ନିଲାମହେବ ଆଃ ମୂଃ ଟ ୧୦୯

୨। ଗ୍ରାଃ ଏକନ ନ ୨୪୮ ନମ୍ବର ଭାଃ ମୌଃ ପାଟେଣୀଗାଁରେ ଖତା ନ ୧୩୮ ଖାତା ଭାଃ ସାହ ସ୍ଥିତି ଏ୦—୦୨—୮ ରୁ ଜମା ଟ ୦।୪୧ ନିଲାମହେବ ଆଃ ମୂଃ ଟ ୨୦୯

୩। ଗ୍ରାଃ ସୁଜାଙ୍ଗ ନ ୭୫୨୬ ନମ୍ବର ଭାଃ ମୌଃ ପାଣିମାଣ୍ଡେରେ ଖତା ନ ୧୧୨ ନମ୍ବର ଖାତା ଭାଃ ସ୍ଥିତିବାନ ଏ୦—୨୧—୮ ରୁ ଜମା ଟ ୦୷/୨ ଅଟେ ନିଲାମହେବ ଆଃ ମୂଃ ଟ ୧୦୯

---

ନ ୧୦୬୪ ନମ୍ବର ଜାରୁ ସନ ୧୯୩୨ ମସିହା
ଲିଃ ୪ର୍ଥ ମୁଃ କୋର୍ଟ
ଅନନ୍ତଚରଣ ଭୂୟାଁ ସାଃ ନଗରପୁର ଗ୍ରାଃ ସୁଜାଙ୍ଗ ଡିଃ
ସୀତା ଭୂୟାଁ ସାଃ ନଗରପୁର ଗ୍ରାଃ ସୁଜାଙ୍ଗ ଦେଃ
ଏ ମୋକଦ୍ଦମାର ନିଲାମ ତାରିଖ ତା ୮।୪।୩୩ ଧାର୍ଯ୍ୟ ଅଛି

୧। ଗ୍ରାଃ ସୁଜାଙ୍ଗ ମୌଃ ନଗରପୁରରେ ଖତା ଭାଃ କାର୍ଯ୍ୟ ନ ୪୨୧ ଖାତା ଭାଃ ଏ୦-୧୯-୩ ରୁ ଜମା ଟ ୦।୯ ନିଲାମହେବ ଆଃ ମୂଃ ଟ ୩୯

୨। ଗ୍ରାଃ ଏକନ ମୌଃ ନଗରପୁରରେ ଖତା ନ ୮୨ ଖାତା ଭାଃ ଲାଃ କାର୍ଯ୍ୟ ଏ୦—୦୪ ରୁ ଜମା ଟ ୦।୵ ନିଲାମହେବ ଆଃ ମୂଃ ଟ ୨୯

୩। ଗ୍ରାଃ ଏକନ ମୌଃ ନଗରପୁରରେ ଖତା ନ ୧୩୩ ଖାତା ଭାଃ ସ୍ଥିତିବାନ ଏ୦-୦୪ ରୁ ଜମା ଟ ୦।୪ ନିଲାମହେବ ଆଃ ମୂଃ ଟ ୨୯

୪। ଗ୍ରାଃ ଏକନ ମୌଃ ପୁରୁଷୋତ୍ତମ ଭଗବାନ ସ୍ଥିତିବାନ ନ ୩୯ ଖାତା ଭାଃ ଏ୧—୦୭ ରୁ ଜମା ଟ ୩୍ୟ ନିଲାମହେବ ଆଃ ମୂଃ ଟ ୨୩୯

---

ନ ୩୬୭ ନମ୍ବର ଓ ଚିଠାର ସନ ୧୯୩୨ ମସିହା
ଲିଃ ୧ମ ମୁନସଫି କୋର୍ଟ
ରାଧାନାଥ ଦେଃ ଅଟେ ଗୋସାଇଁ ସାଃ ରାଧାନଗର ଗ୍ରାଃ କାକଟପୁର ଡିଃ
କାଶୀନାଥ ସ୍ଵାଇଁ ସାଃ ଦୁର୍ଗାଭିରଣ ଗ୍ରାଃ ଏକନ ଦେଣଦାର

ହୃଷୀକେଶଙ୍କର ସାଉଁଶ ଜଗଚ୍ଚିନ୍ତା ଅଦାଲତରେ ଅଟେ ଶ୍ରେଣୀଗତ ଦେଣଦାରର ସମ୍ପତ୍ତି ତା ୧୫।୪।୩୩ ରିଖରେ ଦଣ୍ଡ ଏବଂ ଭାଗ ମୂଃ ପ୍ରଥମସୂଜନ ଅଦାଲତରେ ନିଲାମ ହେବ।

୧। ଭାଃ ପଟ୍ଟ ପ୍ରାଃ ଲାଃ ଓ ସାଃ ରେଃ ମୂଃ ଜଗଲ୍ଲିଡ଼ି ପୁର ଲାଃ ଗ୍ରାଃ କାନ୍ତୁଣି ମୌଃ ଭଗର ନ ୩୧୬ ନମ୍ବର ଥାନା ଭାଃ ଅଧ୍ୟ ଅଂଶିଦାର ଦାବସାମିଲ୍ ଦେଃ ନାମର ଜାରୀ ଖଟାଗ୍ରସ୍ତ ନ ୧୩।୨।୪।୨୩ ନମ୍ବର ନ ୧୪ ନମ୍ବର ଖତା ମାଲଙ୍କ ଭାଃ ଏ୧—୧୪ ଡିଃ ଜମିରୁ ଜମା ଟ ୩୷ ଅଟେ ଉକ୍ତ ଜମି ଜମା ଦେଣଦାର ସ୍ଵତ୍ଵ ତାହା ଭରିପ୍ ମୋଟ ସହ ତାର ଉକ୍ତ ସହେ ଲାଗିଥିବା ଭଳି ଉନ୍ନତି ସହିତ ଏ ମୋକଦ୍ଦମାରେ ନିଲାମ ହେବ ଆଃ ମୂଲ୍ୟ ଟ ୩୦୯

୨। ଭାଃ ପ୍ରାଃ ସାଃ ଏକନରେ ଥିବା ମୌଃ ଭଗ ନ ୮୮୮ ନମ୍ବର ଭାଃ ମୌଃ ବୁଅଳିପୁର ନ ୩୯ ଥାନା ଭାଃ ସ୍ଵର୍ଣ୍ଣଲତା ଦେବୀ ପ୍ରଥମଖଣ୍ଡ ନ ୨ ମହ ଚରୋଂଶ ଅଧୀନ ଅନ୍ୟ ଅଂଶିଦାର ନାମ ସାମିଲ ଦେଃ ନାମର ଜାରୀ ଖଟାଗ୍ରସ୍ତ ନ ୨୨୪ ନମ୍ବର ଖାତା ଭାଃ ଏ୦—୦୪ ଡିଃ ରୁ ମଧ୍ୟେ ଜମା ଟ ୦୷ ଅଟେ ଉକ୍ତ ଜମି ଜମା ଓ ଦେଃ ସ୍ଵତ୍ଵ ପ୍ରକାର ସହିତ ଏ ମୋକଦ୍ଦମାରେ ନିଲାମ ହେବେ ଆଃ ମୂଲ୍ୟ ଟ ୧୯

---

ନ ୪୭୧ ନମ୍ବର ଜାରୀ ସନ ୧୯୩୨ ମସିହା
ଲିଃ ୧ମ ମୁନସଫି କୋର୍ଟ
ଜଗନ୍ନାଥ ଦେବ ଗୋସାଇଁ ଡିଃ
ସୁଦର୍ଶନ ସାହୁ ଦେଣଦାର
ଉକ୍ତ ମୋକଦ୍ଦମାର ନିଲାମ ତାରିଖ ତା ୧୮।୪।୩୩ ଧାର୍ଯ୍ୟ ଅଛି।

ଭାଃ ପଟ୍ଟ ଥାନା ସାଃ ରେ ପଟ୍ଟ ଅଧୀନ ଉଲାଳାଧୀନ ନ ୧୭ ନମ୍ବର ଥାନା ଗ୍ରାଃ ଭାଲ ନ ୧୪୪୪ ନମ୍ବର ଭାଃ ମୌଃ ଉଚ୍ଚାରଣରେ ଅଧ୍ୟ ଦେଃ ନାମ ସାମିଲ ଅନ୍ୟ ବ୍ୟକ୍ତିଙ୍କ ନ ୨୨ ନମ୍ବର ଖାତା ଭାଃ ମଧ୍ୟରୁ ଦେଣଦାର ସ୍ଵତ୍ଵ ତାର ସାଲ ଭାଗ ଏ୧୮ ଅଟେ ଉକ୍ତ ଭୂମିରେ ଥିବା ଦେଃ Right title and enterest ନିଲାମ ହେବ ଆଃ ମୂଲ୍ୟ ଟ ୨୯

---

ନ ୪୩୨ ନମ୍ବର ଜାରୀ ସନ ୧୯୩୨ ମସିହା
ଲିଃ ୧ମ ମୁନସଫି କୋର୍ଟ
ଜଗନ୍ନାଥ ଦେବ ଗୋସାଇଁ ଡିଃ
ଲକ୍ଷ୍ମୀମଣି ମହାନ୍ତି ଦେଣଦାର
ଉକ୍ତ ମୋକଦ୍ଦମାର ନିଲାମ ତାରିଖ ତା ୧୮।୪।୩୩ ଧାର୍ଯ୍ୟ ଅଛି।

ଭାଃ ପଟ୍ଟ ଥାନା ସାଃ ରେ ପଟ୍ଟ ଉଲାଳାଧୀନ ଗ୍ରାଃ ଭାଲକଣ୍ଠୋଳ ନ ୨୮ ନମ୍ବର ଥାନା ନ ୧୪୪୭ ନମ୍ବର ଭାଃ ମୌଃ ପୁରୁଷୋତ୍ତମରେ ଅଧ୍ୟ ଦେଣଦାର ନାମ ସାମିଲ ଅନ୍ୟ ବ୍ୟକ୍ତିଙ୍କ ଜାରୀର ନ ୫୧ ନମ୍ବର ଖାତା ଭାଃ ଏ୩—୧୯ ମଧ୍ୟରୁ ଏ୧—୨୯ ଡିଃ ଅଟେ ଉକ୍ତ ଭୂମିରେ ଥିବା ଦେଣଦାରର Right title and enterest ନିଲାମ ହେବ ଆଃ ମୂଲ୍ୟ ଟ ୨୮୯



Digitized by srujanika@gmail.com

ସାର ଷ୍ଟାଫୋର୍ଡ ପ୍ରଥମରୁ ପ୍ରସ୍ତାବ କଲେ ଯେ ଭାରତରେ ଶାସନ ଶାସନ ପରିବର୍ତ୍ତନର ପ୍ରସ୍ତାବ-ମାନ ବର୍ତ୍ତମାନ ଆଲୋଚନା ନକରି କେବଳ ସେଗୁଡ଼ିକୁ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ଦେଖିବାପାଇଁ ଏକ କମିଟି ଗଠନ କରିବା ବର୍ତ୍ତମାନ ଉଦ୍ଦେଶ୍ୟ। ସେ କମିଟି ଶାସନ ସମ୍ବାଦ ବିଷୟ ପ୍ରସ୍ତାବମାନ ଯାଞ୍ଚକରି ରିପୋର୍ଟ ଦେଲେ ତାହା ପାର୍ଲିଆମେଣ୍ଟରେ ଆଲୋଚିତ ହେବ।

ସେ ପୁଣି କହିଲେ ଯେ ଆମ ଇଂଲଣ୍ଡରେ ଲେବର ଲୋକଙ୍କର ବିଶ୍ୱାସ ଯେ ଭାରତବାସିଙ୍କୁ ସ୍ୱାଧୀନ ଅଧିକାର ଦେଇ ଭାରତକୁ ଆମେ ଆମ ଅଧିକାରରୁ ଛାଡ଼ି ଦେଉଛୁ। ଭାରତର ବହୁ ଲୋକ ଆମ ଶାସନ ସମ୍ବାଦ ପ୍ରସ୍ତାବରେ ଉତ୍ତେଜିତ ହୋଇ ଆମ୍ଭମାନଙ୍କର ନାନାକ ଦୁର୍ନାମ କରୁଛନ୍ତି। କିନ୍ତୁ ଏଠାରେ ମୁଁ କହିବ ଯେ ଆମେ ଆମ ଠିକ ବାଟରେ ଚାଲିଛୁ। ଆମ ଲକ୍ଷ ଆମେ ଠିକ ରଖିଛୁ। ଭାରତକୁ ଆମେ ଯେ ପ୍ରତିଶ୍ରୁତି ଦେଇଥିଲୁ ସେହି ପ୍ରତିଶ୍ରୁତି ରକ୍ଷା-କରି ଆମେ ଚାଲିଛୁ। ଏସିଆ ମହା-ଦେଶରେ ଜାପାନ ପରି ପ୍ରଗତି ଦେଶର ଅବସ୍ଥା ଦେଖି ଭାରତ ଯେ ଅଧିକା ଶାସନାଧିକାର ଦାବି କରୁଛି ଏହା ଅଯଥା ନୁହେଁ। ବର୍ତ୍ତମାନ ଶାସନରେ ଅନେକ ପରିବର୍ତ୍ତନ ଦରକାର। ସରକାର ଯେ ପରି-ବର୍ତ୍ତନ କରୁଛନ୍ତି ସେଥିରେ ଭାରତରେ ଯେ ଶାସକମାନଙ୍କର ଅଧିକାର କମିଯିବ ତାହା ନୁହେଁ। ଭାରତରେ ରାଷ୍ଟ୍ରସଂଘ ନିର୍ମାଣ କରିବାଟା ସରକାର-ଙ୍କର ପ୍ରଧାନ କାର୍ଯ୍ୟ। ପ୍ରାଦେଶିକ ସ୍ୱାଧୀନତା ସ୍ଥାପିତ ହେଉ ଏହା ମଧ୍ୟ ସମସ୍ତଙ୍କର ଇଚ୍ଛା। ଦେଶୀୟ ରାଜାମାନେ ରାଷ୍ଟ୍ରସଂଘରେ ଯୋଗଦେଲେ ଯେ ସେମାନଙ୍କର କୌଣସି କ୍ଷମତାର ହ୍ରାସ ହେବ ତାହା ନୁହେଁ। ଇଂରେଜ ରାଜାଙ୍କ ସହିତ ସେମାନଙ୍କର ସମ୍ପର୍କ ଅକ୍ଷୁଣ୍ଣ ରହିବ। ଭାରତ ଗୋଟାଏ ବଡ଼ ରାଜ୍ୟ, ଗୋଟାଏ ଛୋଟିଆ ମହାଦେଶପରି, ତେଣୁ ଭାରତର ଯେ କେନ୍ଦ୍ରୀୟ ସରକାର ରହିବ ସେ କେତୋଟି ସୀମାବଦ୍ଧ ବିଷୟରେ ବିସ୍ତୃତ ଉଦ୍ଦେଶ୍ୟରେ ଗଢ଼ାଯିବ। ତାର ବାହାର ପ୍ରଦେଶ ସମୂହର ତାଙ୍କର ସ୍ୱାଧୀନ ବିକାଶପାଇଁ ଯେତେଦୂର ସମ୍ଭବ ସ୍ୱାଧୀନ ଅଧିକାର ଦିଆଯିବ। ଅନେକ ଲୋକ-ଙ୍କର ଧାରଣା ଯେ ଭାରତର ଗରମ ଦଳ ଏହାକୁ ଅଧିକାର ନେଇ ସବୁ କାହାଙ୍କୁ ଖଣ୍ଡ ଖଣ୍ଡ କରିଦେବେ କିନ୍ତୁ ମୁଁ କହିବ ଏହା ନିହାତି ଭ୍ରାନ୍ତ ଧାରଣା। ପ୍ରାଦେଶିକ ସ୍ୱାଧୀନ ଏପରି କରାଯାଇଛି ଯେ ସେଠାରେ ଏ ଗରମ ଦଳ ଚଞ୍ଚଳ ପ୍ରଭୃତି ସ୍ଥାନରେ ବିଛି କରିପାରିବେ ନାହିଁ। କେନ୍ଦ୍ରୀୟ ସରକାର ମଧ୍ୟ ଏଭଳି ଉଦ୍ଦେଶ୍ୟ। ଯେ ବ୍ୟବସ୍ଥାମାନ ରଖାଯାଇଛି ତାହାଦ୍ୱାରା ଭାରତର ସ୍ୱାର୍ଥ ଏବଂ ଆମ ସ୍ୱାର୍ଥ ସମସ୍ତ ରକ୍ଷାପାଇଛି। ବାଣିଜ୍ୟପାଇଁ ମଧ୍ୟ ସେହି ବ୍ୟବସ୍ଥା ହୋଇଛି। ପୁନଶ୍ଚ ବିଭାଗରେ ଲୋକ ନିଯୁକ୍ତ କରିବା ନିମନ୍ତେ ଏକ ସ୍ୱାଧୀନ ବୋର୍ଡ ରହିବ। ପୁଲିସ ବିଭାଗର ଛୋଟ ଛୋଟ କର୍ମଚାରୀ ନିଯୁକ୍ତ କରିବା-ରେ ବୋର୍ଡ ଏବଂ ପେନସନ ଦେବାବେଳେ ଏ ବୋର୍ଡ ଏ ବିଷୟମାନ ଭଲ ରକମ ଦେଖିବେ। ଏ ସବୁ ବିଷୟରେ ଧଳା କାଗଜରେ ଭଲ ବ୍ୟବସ୍ଥା ହୋଇଛି।

ଶ୍ରମଜୀବୀ ଦଳରୁ ମେଜର ଖଟନି କହିଲେ, "୧୯୩୫ରେ ଇଂରେଜ ସରକାର ଭାରତକୁ ବହୁତ ଅଙ୍ଗୀକାର ଦେଇ ଥିଲେ ଶ୍ରମଜୀବୀ ଦଳର ଇଚ୍ଛା ଯେ ଅଙ୍ଗୀକାରମାନ ପୂରଣ କରାଯାଉ। ୧୯୨୭ ସାଲରେ ବ୍ଲାକପୁଲଠାରେ ଯେ ଶ୍ରମଜୀବୀ ଦଳର ସମ୍ମିଳନୀ ହୋଇଥିଲା ସେଥିରେ ଭାରତକୁ ପୂର୍ଣ୍ଣ ସ୍ୱାୟତ୍ତ ଶାସନ ଦିଆଯାଉ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଶ୍ରମଜୀବୀ ଦଳ ସେହି ଇଚ୍ଛାନୁଯାୟୀ କାର୍ଯ୍ୟ କରିବେ। ଗତ ଇରଉଇନ ସନ୍ଧିରେ ଯେ ସର୍ତ୍ତରେ ବନ୍ଦ ହୋଇଥିଲା ତାହା ପୂରଣ ହେବା ଉଚିତ। ଭାରତର ସବୁ ଶ୍ରେଣୀର ଲୋକଙ୍କ ମତ ନେଇ ଶାସନ ପରିଷଦ ଗଠା ହେବା ଉଚିତ। ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତିଦେବା ନିହାତି ଦରକାର। ସରକାର ଯେ କଂଗ୍ରେସକୁ ଭାଙ୍ଗିଦେବେ ବୋଲି ଭାବୁଛନ୍ତି ଏହା ନିହାତି ଅସମ୍ଭବ। ଆମ ନିଜ ଇଚ୍ଛାନୁସାରେ ସାମାନ୍ୟ କେତେଜଣ ଭାରତ-ବାସିଙ୍କି ଡାକି ତୁମ୍ଭେ ଯେ ଶାସନ ପରିଷଦ ଗଢ଼ିଦେବ ଏହା ସମ୍ଭବ ନୁହେଁ। ଏ ଧଳା କାଗଜରେ ଔପନି-ବେଶିକ ଶାସନାଧିକାର କଥା ଏକାବେଳେ ନାହିଁ, ଏପରି କି ସ୍ୱାୟତ୍ତ ଶାସନର କମନୱେଲ୍ଥ କଥା ମଧ୍ୟ ନାହିଁ। ବଜେଟ ଏବଂ ଭାରତ ମନ୍ତ୍ରୀଙ୍କ କ୍ଷମତା ଯେ କ୍ରମେ କମେଇ ଦିଆଯିବ ଏକଥା ମଧ୍ୟ ଏଥିରେ ନାହିଁ। କେବେ ରାଷ୍ଟ୍ରସଂଘର ପ୍ରତିଷ୍ଠା ହେବ ତାର ଠିକଣା କିଛି ନାହିଁ। ଯେଉଁ ଷ୍ଟେଟ କାଉନସିଲ ଗଢ଼ୁଛ ସେଥିରେ କେବଳ କେତେକ ସ୍ୱାର୍ଥପର ଧନୀ ଲୋକଙ୍କର ପ୍ରାଧାନ୍ୟ ହେବ।" ସାଧାରଣ ପକ୍ଷରୁ ସାର ହର୍ବର୍ଟ ସାମୁଏଲ କହିଲେ ଯେ "ଯାହା ବର୍ତ୍ତମାନ ସରକାର ତାର ବ୍ୟବସ୍ଥା ଦରକାର କରିଛନ୍ତି" ଏହିପରି ତର୍କ ବିତର୍କ ପରେ ୨୯ ତାରିଖରେ ଶ୍ୱେତପତ୍ରର ବିଷୟ ନିମନ୍ତେ କମିଟି ନିଯୁକ୍ତ ବିଷୟ ପ୍ରସ୍ତାବ ପାଶ ହେଲା।

---

## ଚିନ ଜାପାନ ଯୁଦ୍ଧ

ଜାପାନ ସୈନ୍ୟମାନେ ଚିନ ଦେଶର ଅନେକ ସ୍ଥଳ ଦଖଲ କରି ସାରିଲେଣି। ଚିନା ସାଗରର ପାଶରେ ଉଭୟଦଳ ବର୍ତ୍ତମାନ ଲଢ଼ିଛନ୍ତି, ଯୁଦ୍ଧ କ୍ରମେ କ୍ରମେ ଭୀଷଣ ଆକାର ଧାରଣ କରୁଛି।

---

## ଦକ୍ଷିଣ ଆଫ୍ରିକା ମନ୍ତ୍ରୀ ପରିଷଦ

ଦକ୍ଷିଣ ଆଫ୍ରିକାର ଉଭୟ ରାଜନୈତିକ ଦଳ ମଧ୍ୟରେ ସନ୍ଧି ହୋଇଛି। ନୂଆ ମନ୍ତ୍ରୀ ପରିଷଦରେ ଜେନେରେଲ ହର୍ଟଜ ହେବେ ପ୍ରଧାନ ମନ୍ତ୍ରୀ ଏବଂ ଜେନେରେଲ ସ୍ମଟସ ହେଲେ ବିଚାର ବିଭାଗ ମନ୍ତ୍ରୀ।

---

## ଓଡ଼ିଶା ଗଡ଼ଜାତ

### ଭାରତ ସରକାରଙ୍କ ଅଧୀନକୁ ଗଲା

ସମ୍ପ୍ରତିରେ ମଧ୍ୟପ୍ରଦେଶ ଏବଂ ଓଡ଼ିଶାର ଗଡ଼-ଜାତମାନଙ୍କ ପାଇଁ ଭାରତ ସରକାରଙ୍କ ନବନିଯୁକ୍ତ ଏଜେଣ୍ଟଙ୍କ ଅଫିସ ସ୍ଥାପିତ ହୋଇଛି। ଓଡ଼ିଶାର ସମସ୍ତ ଗଡ଼ଜାତ ଏହି ଏଜେଣ୍ଟଙ୍କ ଅଧୀନରେ ରହିବ। ତାଙ୍କର ଦୁଇଜଣ ସହକାରୀ ରହିବେ। ଜଣେ ଓଡ଼ିଶା ନିମନ୍ତେ ଆଉ ଜଣେ ମଧ୍ୟପ୍ରଦେଶର ଗଡ଼ଜାତମାନଙ୍କ ନିମନ୍ତେ। ଓଡ଼ିଶା ସହକାରିଙ୍କ ଅଫିସ ଖୁବ ଶୀଘ୍ର ଆକାରରେ ସମ୍ବଲପୁରରେ ରହିବ। ବର୍ତ୍ତମାନ ପାଇଁ ଗିବସନ ସାହେବ ଏଜେଣ୍ଟ ହୋଇ ଅଛି ସମ୍ପ୍ରତିରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସମ୍ବଲପୁରରେ ତାଙ୍କ ସହକାରୀ ରହିଲେ। ବର୍ତ୍ତମାନ ପାଇଁ ବୋଷ୍ଟେଡ ସାହେବ ରହିଲେ। ଓଡ଼ିଶାର ଗଡ଼ଜାତମାନ ଦୁଇଭାଗରେ ବିଭକ୍ତ ହୋଇଅଛନ୍ତି। ପ୍ରଥମଶ୍ରେଣୀର ୧୧ ଟି ଷ୍ଟେଟ, ଯଥା ମୟୂରଭଞ୍ଜ, କେନ୍ଦୁଝର, ବାମଣ୍ଡା, କଳାହାଣ୍ଡି, ସୋନପୁର, ପାଟଣା, ବୌଦ, ଢେଙ୍କା-ନାଳ, ନୟାଗଡ଼, ଖଡ଼ିଆଳ ଏବଂ ଗାଙ୍ଗପୁରଙ୍କ ଉପରେ ସମ୍ବଲପୁରରେ ଥିବା ଏଜେଣ୍ଟଙ୍କ ସହକାରି-ଙ୍କର କୌଣସି କର୍ତ୍ତୃତ୍ୱ ରହିବନାହିଁ। ଏ ଷ୍ଟେଟମାନ ସ୍ୱୟଂ ଏଜେଣ୍ଟଙ୍କ ଅଧୀନରେ ରହିବେ। ଏ ଏଗାରଟି ଷ୍ଟେଟ କୌଣସି ପେସକସ ସରକାରଙ୍କୁ ଦେବେ ନାହିଁ। ତାହା ପରିବର୍ତ୍ତରେ ପ୍ରତ୍ୟେକ ଷ୍ଟେଟ ଭାରତସରକାରଙ୍କୁ ସାହାଯ୍ୟ ଦେବାପାଇଁ ଏବଂ ନିଜ ରାଜ୍ୟମାନଙ୍କରେ ଶାନ୍ତିଶୃଙ୍ଖଳା ରକ୍ଷିବା ଉଦ୍ଦେଶ୍ୟରେ ସୈନ୍ୟ ଏବଂ ଯୁଦ୍ଧ ଅସ୍ତ୍ର ରଖିବାକୁ ବାଧ୍ୟ ହେବେ। କେଉଁ ରାଜା କେଉଁ ପରିମାଣରେ ସୈନ୍ୟ ରଖିବେ ତାର ନକସା ଭାରତସରକାର କରିବେ। ଏ ଏଗାରଟି ବାଦ ଅନ୍ୟ ଷ୍ଟେଟମାନ ସମସ୍ତ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀରେ ଗଣାଗଣିତ ହେବେ ଏବଂ ଏଜେଣ୍ଟଙ୍କ ସମ୍ବଲପୁର ସହକାରୀଙ୍କ ଅଧୀନରେ ରହିବେ।

---

## କଂଗ୍ରେସ ନେତାମାନଙ୍କ ସହିତ ସାପ୍ରୁଙ୍କ ପରାମର୍ଶ

ଗତ ୨୬ ମାର୍ଚ୍ଚରେ ବେନାରସଠାରେ ସାର ସାପ୍ରୁ କଂଗ୍ରେସର ନେତୃ ସ୍ଥାନୀୟ ନେତା-ଙ୍କୁ ଡାକି ଏକ ପରାମର୍ଶ ସଭା ବସାଇଥିଲେ। ବେନାରସଠାରେ ପଣ୍ଡିତ ମାଲବ୍ୟଙ୍କ ଘରେ ଏ ସଭାର ବୈଠକ ହୋଇଥିଲା। କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଅଣେ, ମୌଲାନା ଅବୁଲ କଲମ ଆଜାଦ, ଶ୍ରୀଯୁକ୍ତ ରାଜଗୋପାଳାଚାରୀ, ମିଃ ଆସଫ ଅଲି, ମିଃ ଖଲିଲ ଜାମନ, ମିଃ ରଫି-ଅହମଦ, ମିଃ ନଦଭୀଆଇ, ଶ୍ରୀ ଦେବଦାସ ଗାନ୍ଧି, ଶ୍ରୀ ଦୌଲତରାମ, ଡାକ୍ତର ଖାରେ ଏବଂ ଶ୍ରୀ ଜାମନଯୋଷୀ ଉପସ୍ଥିତ ଥିଲେ। ଦିନ ୧୨ଟାଠାରୁ ସନ୍ଧ୍ୟା ୭ଟା ବେଳ ପର୍ଯ୍ୟନ୍ତ ସଭା ବସିଲା। ଧଳା କାଗଜ ବିଷୟରେ ଆଲୋଚନା ହେଲା। ସମସ୍ତ ଆଲୋଚନା ଗୁପ୍ତଭାବରେ ହେଲା। କିନ୍ତୁ ପରେ ପ୍ରକାଶ ପାଇଲା ଯେ ସମସ୍ତେ ସେଠାରେ ସ୍ଥିର କଲେ ଯେ ଧଳା କାଗଜ କୌଣସି ଭାବରେ ଗ୍ରହଣ ଯୋଗ୍ୟ ନୁହେଁ ଏବଂ ବର୍ତ୍ତମାନ କ୍ଷେତ୍ରରେ କଂଗ୍ରେସ ନୀତି ବଦଳାଇବା ଉଚିତ ନୁହେଁ।

---

## ଉତ୍ତାକାମାଣ୍ଡରେ ହିମାଳୟ ପରିଦର୍ଶନ

ବଙ୍ଗଳାରୁ ମୃଣାଳିଣ ସାହେବ ଭୁଲଣ୍ଡ ଉତ୍ତାକାମାଣ୍ଡରେ ହିମାଳୟ ଅଭିଯାନ କରିବା ଉଦ୍ଦେଶ୍ୟରେ ଓକ୍ସଫୋର୍ଡରୁ ଦେଖା ଅଛି ଉଡ଼ାଜାହାଜ ପୁଷ୍ପିଆ ମହଲରେ ଅବସ୍ଥାନ କରୁଥିଲେ; ୪ ତାରିଖ ଏଥିରେ ସେମାନେ ପୁଷ୍ପିଆରୁ ଉଡ଼ାଜାହାଜରେ ଚଢ଼ି ହିମାଳୟ ପରିଦର୍ଶନ କରି ଫେରିଛନ୍ତି। ହିମାଳୟର ଅନେକ ସ୍ଥାନର ନାନା ଫଟୋଗ୍ରାଫ ମଧ୍ୟ ଆଣିଛନ୍ତି। ପରେ ସେ ଫଟୋଗ୍ରାଫ ସବୁ ପ୍ରକାଶ ପାଇବ।

---

Digitized by srujanika@gmail.com

Split by PDF Splitter



# ପଟେଲ

## ଲର୍ଡ ବିଚଳିତ

ମାନ୍ୟବର ଭିଟ୍ଠଲଭାଇ ପଟେଲ ଆମେରିକାରୁ ଫେରି ବର୍ତ୍ତମାନ ବିଲାତରେ ଅବସ୍ଥାନ କରୁଛନ୍ତି । ଏଥିମଧ୍ୟରେ ଆଇରଲାଣ୍ଡର ସଭାପତି ଡିଭେଲେରାଙ୍କ ସହିତ ସାକ୍ଷାତ ଉଦ୍ଦେଶ୍ୟରେ ଡବଲିନ ଯାଇଥିଲେ । ଫ୍ରିପ୍ରେସର ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ସେ କହିଲେ ଆୟର୍ଲଣ୍ଡ ଏବଂ ଭାରତ ମଧ୍ୟରେ ଅତୀବ ଘନିଷ୍ଠ ସମ୍ପର୍କ ରହିବ, ଇଂଲଣ୍ଡ ସହିତ ଏ ଦୁଇଦେଶର ଭିନ୍ନ ସମ୍ପର୍କ, ଅନେକ ଭାବରେ ସ୍ୱରାଜ୍ୟର ଭିତ୍ତିଭୂମି ଏହିସବୁ ବିଷୟରେ ମୁଁ ଡି ଭେଲେରାଙ୍କ ସହିତ କଥାବାର୍ତ୍ତା କରୁଅଛି । ସମସ୍ତ କଥା କିନ୍ତୁ ମୁଁ ବର୍ତ୍ତମାନ ପ୍ରକାଶ କରିପାରୁନାହିଁ । ଧଳା କାଗଜ ବିଷୟରେ ସେ କହିଲେ ସେ ବର୍ତ୍ତମାନ ଭାରତ ହିଁ ଏକ ଅନ୍ଧସ୍ଥାନ ଏବଂ ସେ ଜନ ସ୍ୱରାଜ୍ୟ ଏ କାଗଜର ନାମ ଗନ୍ଧରେ ଥିବା ନାହିଁ । ଜହାଜ ବୋଝା ନେଇ ମଧ୍ୟ ଆଶା କରନ୍ତ ନାହିଁ ଯେ ଜଏଣ୍ଟ କମିଟିରେ ଏଥିର କୌଣସି ପରିବର୍ତ୍ତନ ହେବ । ହ୍ୱାଇଟ ହଲରେ ଲର୍ଡଙ୍କ ମଧ୍ୟରେ ଗୋଷ୍ଠୀଏ ପାଇଁ କରୁଛନ୍ତି ସେ ଭାରତକୁ ବେଶି ଅଧିକାର ଦିଆଗଲା । ଏହା ଗୋଷ୍ଠୀଏ ଅଛନ୍ତି । ସେମାନେ ସମସ୍ତେ ମିଳିମିଶି ଏକାମ କରୁଛନ୍ତି । ଏହାର ପାଇଁ ଲର୍ଡମାନେ ଚେଷ୍ଟାରତ ଯେ ଯେପରି ଭାରତ ସ୍ୱରାଜ୍ୟ ନ ପାଏ ସେପରି ଶୁଦ୍ଧା ଏ କ୍ଷମତା ଭାରତକୁ ଦିଆଯାଉଛି । ଲର୍ଡମାନଙ୍କୁ ସବୁ କ୍ଷମତା ଦିଆଯାଉଛି । ସେହିମାନଙ୍କ କର୍ତ୍ତୃତ୍ୱ ସର୍ବେସର୍ବା ହୋଇଗଲା । ଏ ଧଳାକାଗଜ ବ୍ୟବସ୍ଥାରେ ଭାରତ ବାସ୍ତବ ସ୍ୱାଧୀନ ଶାସନ ପାଇବ ନାହିଁ ସ୍ୱାଧୀନ ଶାସନ ପାଇବେ ବଳିଷ୍ଠ ।

---

### ଆଇରଲାଣ୍ଡ ଫ୍ରିଷ୍ଟେଟରେ

#### ବ୍ୟୟସଂକୋଚ

ସଭାପତି ଡି ଭେଲେରା ଘୋଷଣା କରିଛନ୍ତି ଯେ ଫ୍ରିଷ୍ଟେଟ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କ ଦରମା ଶତକଡ଼ା ୨୦ ଟଙ୍କା କମାଇ ଦିଆଯିବ । ସେଠା ପାର୍ଲିଆମେଣ୍ଟ ସଭ୍ୟ ସଂଖ୍ୟା ବେଶି ପରିମାଣରେ ହୋଇଥିବାରୁ ତାହା କମାଇ ଦିଆଯିବ ।

---

### ଜିଗିଦ୍‌ଧି ଭାଷାଙ୍କ ତିରୋଧାନ

ଜିଗିଦ୍‌ଧର ରାଜା ଅସୁସ୍ଥ ଥିଲେ । ଗତ ପଣ୍ଡ ଚର୍ମ ତାଙ୍କର ବେଶି ହୋଇଥିଲା ଏବଂ ସେ ମୃତ୍ୟୁ ହେଲେ । ରାଜାଙ୍କର ତାଙ୍କ ଅନ୍ତେଷ୍ଟିରେ ପରିବାର ଥିଲେ । ଜିଗିଦ୍‌ଧର ଯୁବରାଜ ବର୍ତ୍ତମାନ ରାଜା ହେବେ । ତାଙ୍କର ବର୍ତ୍ତମାନ ବୟସ ୩୨ ହେବ ।

---

# କଂଗ୍ରେସର

## ବାର୍ଷିକ ଅଧିବେଶନ

## କଲିକତାରେ ହେବ

କଲିକତା ୨।୪।୩୩

କଲିକତା ସହରରେ କଂଗ୍ରେସର ବାର୍ଷିକ ଅଧିବେଶନ ହେବ ବୋଲି କଂଗ୍ରେସ କର୍ମୀମାନଙ୍କ ଦ୍ୱାରା ସ୍ଥିର ହୋଇ ପ୍ରକାଶ ପାଇଥିଲା । ସଭାପତି ନିର୍ବାଚିତ ହୋଇଥିଲେ ପଣ୍ଡିତ ମଦନମୋହନ ମାଳବ୍ୟ, ଦିନ ସ୍ଥିର ହୋଇଥିଲା ୩୧ ମାର୍ଚ୍ଚ ଏବଂ ୧ ତାରିଖ ଏପ୍ରିଲ୍ । ସରକାର ଘୋଷଣା କଲେ ଯେ କଂଗ୍ରେସ ସଭା କଲିକତାରେ ହୋଇପାରିବ ନାହିଁ ଏବଂ ତତ୍ପୂର୍ବରୁ ପୁଲିସ ଜଗୁଆଳି ରହିଲେ । ସରକାର ଅକ୍ଟୋବର ସଭାର ଦିନ ସର୍ବାଦୌ ଅଭିଯୋଗ ସମସ୍ତଙ୍କ ନାମ ପ୍ରକାଶ ପାଇବାପରେ ଗିରଫ କଲେ । ନିର୍ବାଚିତ ସଭାପତି ମଦନମୋହନ ମାଳବ୍ୟ, ମି. ଅଣେ, ମିସେସ ନେଲୀସେନଗୁପ୍ତା ପ୍ରଭୃତି କଲିକତା ଆସିବା ବାଟରେ ପୂର୍ବରୁ ବନ୍ଦୀ ହେଲେ । ସୁଦୂର ତତ୍ପୂର୍ବରେ ଏହିପରି ନେତାମାନେ କଂଗ୍ରେସକୁ ଆସୁଥିଲେ ସମସ୍ତେ ଅଟକ ରାସ୍ତାରେ ସେହି ବାଟରେ ଟ୍ରେନ୍ ବାଟରେ ଗିରଫ ହୋଇ ବନ୍ଦ ହେଲେ । ବାହାରର ପୁଲିସ ଜଗି ରହିଲେ । କିନ୍ତୁ ଗତ ଶୁକ୍ରବାର ୩୧ ମାର୍ଚ୍ଚରେ କଂଗ୍ରେସର ଅଭ୍ୟର୍ଥନା କମିଟି କଲିକତାରେ ବସି ଉଦ୍ଦେଶ୍ୟ କଂଗ୍ରେସର ପକ୍ଷରୁ ତାହା ସ୍ଥିର କଲା । ତତ୍ପରେ ଦଳ ଛତ୍ରଭଙ୍ଗ ହେଲା ୩ଟା ସମୟରେ ଶ୍ରୀଯୁକ୍ତା ନେଲୀ ସେନଗୁପ୍ତାଙ୍କ ସଭାପତିତ୍ୱରେ କଂଗ୍ରେସର ବୈଠକ କଲିକତାର ବଣିକ ଛତ୍ରକ ପଡ଼ା ଏସପ୍ଲାନେଡରେ ବସିଲା । ପୁଲିସ ଖବର ପାଇ ଅସି ସମସ୍ତଙ୍କୁ ବନ୍ଦ କଲେ । ତହିଁପର ଅନ୍ୟ ଦଳେ କଂଗ୍ରେସବାଲା ପୁଣି ସେହି ସ୍ଥାନରେ ସଭା କଲେ । ସେମାନଙ୍କୁ ମଧ୍ୟ ପୁଲିସ ଗିରଫ କଲେ । ଏହିପରି ସ୍ଥାନେ ସ୍ଥାନେ ସଭା ଏବଂ ପୁଲିସ ଲାଠିମାଡ଼ ଏବଂ ଗିରଫଦାରୀରେ ସେଦିନ କଟିଲା । ମୋଟରେ ୧୦୦୦ ଲୋକ କଲିକତାରେ ବନ୍ଦ ହେଲେ ।

---

### ଭୀଷଣ ଗ୍ରୀଷ୍ମ

ସହର ଓ ମଫସଲ ସ୍ଥାନରେ ଦିନକୁ ଦିନ ତାପମାତ୍ରାର ପ୍ରକୋପ ଖୁବ୍ ବଢ଼ିଛି । ଗରମ ହେଉଛି । କଟକ ସହରରେ ଦୈନିକ ୧୦୪ ଡିଗ୍ରୀ ପର୍ଯ୍ୟନ୍ତ ଲକ୍ଷ୍ୟ ହେଉଛି ।

---

ହାଇକୋର୍ଟ ଜଜ୍ ଜଷ୍ଟିସ ସାର କୋର୍ଟନି ଟେରେଲ୍ ଏବଂ ଜଜ ଫଜଲ ଅଲ୍ଲି ବର୍ତ୍ତମାନ ପୁରୀରେ ଅବସ୍ଥାନ କରୁଛନ୍ତି । ୧୦ ତାରିଖରେ ଏଠାକୁ ଫେରିବେ ।

ଆସନ୍ତା ୧୬ ତାରିଖରେ ଉତ୍କଳଦିବସ ସମାରୋହ ହେବ ବୋଲି ପ୍ରକାଶ ।

---

### ଜିଲ୍ଲାବୋର୍ଡ ନିର୍ବାଚନ

ଓଡ଼ିଶାର ଜିଲ୍ଲା ବୋର୍ଡମାନଙ୍କର ନିର୍ବାଚନ ଆସନ୍ତା ମାସରେ ଶେଷ ହୋଇଯିବ । ନୂଆ ନିର୍ବାଚନ ହେବ ବୋଲି କଥା । କେବେ ଏହାର ନିର୍ବାଚନ ହେବ କୌଣସି ସ୍ଥିର ସମ୍ବାଦ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ବଙ୍ଗଳାର ସମ୍ବାଦ ଜନସାଧାରଣରେ ରହିବ ।

---

# ଜାମସାହେବ

## ପରଲୋକ ଗମନ କଲେ

ଗତ ମଙ୍ଗଳବାର ଏକ ଜାମ ନଗରର ମହାରାଜା ରଣଜିତ ସିଂହଜୀ ସକାଳ ୭ ଘଣ୍ଟାରେ ୬୧ ବର୍ଷ ବୟସରେ ଦେହାନ୍ତ ହୋଇଛି । ସେ ବର୍ଷ ନରେନ୍ଦ୍ର ମଣ୍ଡଳ ଅଧିବେଶନର କାର୍ଯ୍ୟ ଶେଷ ହେବାରୁ ଦେଶକୁ ଫେରି ରୋଗାକ୍ରାନ୍ତ ହେଲେ ଏବଂ ଦୁଇଦିନ ପରେ ତାଙ୍କର ଦେହାନ୍ତ ସମ୍ବାଦ ଛାପିଲେ । ଗତବର୍ଷ ସେ ଭାରତ ନରେନ୍ଦ୍ର ମଣ୍ଡଳର ସଭାପତି ରୂପେ ଏବଂ ଟେଷ୍ଟ କ୍ରିକେଟ ନିଯୁକ୍ତ ହୋଇଥିଲେ । ପ୍ରଥମ ଗୋଲଟେବୁଲ-ବୈଠକରେ ସେ ଯୋଗ ଦେଇଥିଲେ । ଭାରତୀୟ ବଣିକ ଦଳର କ୍ରିକେଟ୍ ଖେଳାଳି ହେବା ଏଥିପାଇଁ ସେ ଖୁବ୍ ଖ୍ୟାତି ଲାଭ କରିଥିଲେ । କଲିକତାରେ ଦେଶୀୟ ରାଜାମାନଙ୍କୁ ଏକତ୍ର କରି ଫେଡେରେସନ ଗଠନକୁ ଖୁବ୍ ସମର୍ଥନ କରିଥିଲେ ଏବଂ ଏ ଉଦ୍ଦେଶ୍ୟରେ ଅନେକ ମିଟିଂମାନଙ୍କରେ ଖୁବ୍ ବକ୍ତୃତା ଦେଇଥିଲେ । ଫେଡେରେସନ ବୋଲି ସେ ଖୁବ୍ ପ୍ରସିଦ୍ଧ । ଗୋଲଟେବୁଲରେ ଅଧିକାଂଶ ସମୟ ସେହି କୀର୍ତ୍ତି ଲୋକୀକରଣର ଜନ୍ୟ ଅତିବାହିତ କରୁଥିଲେ । ଗତ ନରେନ୍ଦ୍ର ମଣ୍ଡଳ ସଭାରେ ସେ ଜାତିକ ଫେଡେରେସନରେ ଯୋଗଦେବା ସମ୍ବନ୍ଧରେ ସମ୍ପୂର୍ଣ୍ଣ ଗଠନ ଅବସରରେ କରୁଥିବା ଭାଷଣରୁ କହିଲେ ରାଜ୍ୟ ଦୃଷ୍ଟିରୁ ଦେଖିଲେ କେହି ସଭାରେ ବିବେଚନା ସମୟରେ ତାଙ୍କ ଭବିଷ୍ୟତ ସ୍ୱରୂପ ବାରମ୍ବାର ସାବଧାନ କରିଦେଇ କହିଥିଲେ, "ଭୁଲିଯିବ ନାହିଁ ନରେନ୍ଦ୍ର ମଣ୍ଡଳର କାର୍ଯ୍ୟକଳାପ ବିଷୟରେ ଜାତିକ ଫେଡେରେସନ ପରିଚାଳନା ସମ୍ବନ୍ଧରେ ରାଜ୍ୟର ସ୍ୱାର୍ଥ ରକ୍ଷା କରିବ ?" ଜାମସାହେବ ସେ ସଭାରେ ଉପସ୍ଥିତ ଥାଇ ଏହା କହିବାରୁ ଅନେକ ସମ୍ମାନ ସାବଧାନ ହୋଇଥିଲେ ଏବଂ ତାଙ୍କ ଦୃଢ଼ତା ପାଇଁ ପ୍ରଶଂସା କରିଥିଲେ । ଭାରତ ସଂସ୍କାରରେ ଦେଶୀୟ ରାଜ୍ୟମାନଙ୍କର ସ୍ୱାର୍ଥ ତାଙ୍କର ଅନୁମୋଦନ ଥିଲା । ସେ ବହୁତ ଭଲ କାମରେ ଏହା ଅସ୍ପଷ୍ଟ ହୋଇ ମଲିବାରୁ ତାଙ୍କର ଭାଇଙ୍କ ପୁଅ କୁମାର ଦିଗ୍‌ବିଜୟ ସିଂହ ବର୍ତ୍ତମାନ ଜାମନଗର ରାଜ୍ୟରେ ଜାମସାହେବ ହେବେ ।

---

### ଜମିଦାର ଜୋଗ୍ୟସୂତ୍ର ମୋକଦ୍ଦମା

#### ମ୍ୟାଜିଷ୍ଟ୍ରେଟଙ୍କ ରାୟ

କଟକ ୩।୪।୩୩

ଗତ ଶନିବାର୍ଦ୍ଦା ଦଲ୍ଲୀକରୁ ଆସିଛି ଯେ ମ୍ୟାଜିଷ୍ଟ୍ରେଟ ଡେପୁଟି କଲେକ୍ଟର ସଙ୍କରଜ ଜମିଦାରୀ ପ୍ରଜାଙ୍କର ଅଭିଯୋଗମାନ ଯୋଗ୍ୟ ବୋଲି ଧାର୍ଯ୍ୟ ଦଣ୍ଡ ଦେଇଛନ୍ତି । ତେଙ୍ଗା-ନାଳ ରାଜାଙ୍କ ଘର ବର୍ତ୍ତମାନ ଜମିଦାର ରାଜା ହେଲେ । ସେ ବର୍ତ୍ତମାନ ନାବାଳକ ଥିବାରୁ କୋର୍ଟ ଅଫ୍ ୱାର୍ଡସ ଜମିଦାରୀ ପୂର୍ଣ୍ଣ ସରକାରଙ୍କ ଅଧୀନରେ ରହିବ ।

ଉପର ପଶ୍ଚିମ ଜମିଦାର ରାଜାବାହାଦୁର ତାଙ୍କର ନାମ ଯେ ଜମିଦାର ପୂର୍ବପୁରୁଷ ରାଜା ଅସୁସ୍ଥ ଅବସ୍ଥାରେ ହେବ ତ୍ୟାଗ କରିଥିବାରୁ ତାଙ୍କର କେହି କଲିକ ଉତ୍ତରାଧିକାରୀ ନ ଥିବାରୁ ତାଙ୍କର ସମ୍ପତ୍ତି ତାଙ୍କର ଅନ୍ତଃପୁର ସ୍ତ୍ରୀ ପାଇବାର କହିବାରୁ ଅନ୍ତର୍ଭୁକ୍ତ ଏବଂ ଦୁଇପୁତ୍ର ରାଜାଙ୍କ ମାତାଙ୍କର କୌଣସି ଅଧିକାର ନାହିଁ ସେ ସେ ଯୋଗ୍ୟସୂତ୍ର ପ୍ରମାଣ କରିବେ । ପ୍ରଥମ ଔରସ ଶ୍ରୀ ଲୋକନାଥ ପାଣ୍ଡୁ ଟଙ୍କା କଳ ତତ୍ତ୍ୱ ସ୍ତ୍ରୀଙ୍କ ଯୋଗ୍ୟସୂତ୍ର ଦାବି ଅଣାଇବାକୁ ଅପରପକ୍ଷଙ୍କୁ ସାହାଯ୍ୟ କରୁଥିଲେ ।

---

Digitized by srujanika@gmail.com

Split by PDF Splitter

REGISTERED NO. P 6

99

# ଉତ୍କଳଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା

The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରୀମ ମୂଲ୍ୟ ଟ ୩।୮
ପ୍ରତିଖଣ୍ଡ ଟ ୦।୧୫

୬୮ ଭାଗ | Cuttack, Saturday the 15th April 1933
ବୈଶାଖ ୫ ମ ଦିନ ସନ ୧୩୪୦ ସାଲ ଶନିବାର | ୧୫ଶ ସଂଖ୍ୟା

## ଆମେରିକାରୁ ଡାକରା

### ମୁସୋଲିନି ହିଟଲର୍ ପରାମର୍ଶ
